Split by PDF Splitter

ଯୋଗ୍ୟ ପ୍ରବନ୍ଧ ନ ମିଳିବାରୁ ୩ ବର୍ଷର ପୁରସ୍କାର ଏକାଠାକରି ଏକ ଜଣଙ୍କୁ ଦିଆଗଲା। ହା ଉତ୍କଳର ଭାଗ୍ୟ! ଆମ୍ଭେମାନେ ବର୍ତ୍ତମାନର ସେହି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ବିଶ୍ୱକର୍ମ୍ୟ ପ୍ରଭୃତିଙ୍କର ନାମ ଘୋଷି ଘୋଷି ଉତ୍କଣ୍ଠାରେ ଗ୍ରନ୍ଥ ଫୁଟିଲେଇ ନାହୁଁ ।

ସାହିତ୍ୟସମାଜର ଗୃହ—ରିପୋର୍ଟରେ ପ୍ରକାଶ—ମୟୂରଭଞ୍ଜର ମହାରାଜାଙ୍କଠାରୁ ସାହାଯ୍ୟର ଆଶା ପାଇ ସାହିତ୍ୟସମାଜର ଆଶା ପୂର୍ଣ୍ଣ ହୋଇପାରିନାହିଁ । ସାହିତ୍ୟ-ସମାଜ ପ୍ରାୟ ୭୦୦୦ ଟଙ୍କା ଋଣ କରି ସାରିଲେଣି । ସାହିତ୍ୟସମାଜ ଗୃହ ମଧ୍ୟ ବହୁକାଳରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଅଛି । ମୟୂରଭଞ୍ଜ ମହାରାଜାଙ୍କର ଅନେକ ସ୍ଥଳରେ ବଡ଼ ବଡ଼ ଦାନ ବିଷୟ ସମସ୍ତଙ୍କୁ ଜଣାଅଛି କୌଣସି ସ୍ଥଳରେ ଦାନ ଟଙ୍କା ଦେବାରେ ବିଳମ୍ବ ହୋଇନାହିଁ । ଏ ସ୍ଥଳରେ ବିଳମ୍ବ ହେବା ଉତ୍କଳସାହିତ୍ୟର ଦୁର୍ଭାଗ୍ୟ ଛଡ଼ା ଆଉ କିଛି କୁହାଯାଇ ନ ପାରେ । ଆଶାକରୁଁ ମହାରାଜ ମହୋଦୟ ଆଉ ଅଧିକ ବିଳମ୍ବ ନ କରି ସାହିତ୍ୟସମାଜ ଗୃହ ସମ୍ପୂର୍ଣ୍ଣ ହେବାପ୍ରତି ମନୋଯୋଗୀ ହେବେ ।

ବାର୍ଷିକ ବିବରଣୀ ପାଠପରେ ପୁରସ୍କାର ପ୍ରାପ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ସଭାପତି ପୁରସ୍କାର ବିତରଣ କରିଥିଲେ । ଏହିଁରେ ଗୋଟିଏ ମଜାର ଦୃଶ୍ୟ ହୋଇଥିଲା । ପୁରସ୍କାର ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅନୁପସ୍ଥିତ ଥିଲେ ସେମାନେ ସେମାନଙ୍କର ପୁରସ୍କାର ଅନ୍ୟବ୍ୟକ୍ତିଙ୍କ ହାତରେ ଦେବା କାରଣ ସମ୍ପାଦକଙ୍କୁ ପତ୍ର ଲେଖିଥିଲେ । ବିତରଣ ସମୟରେ ସେହି ଅନ୍ୟ ବ୍ୟକ୍ତିମାନେ ଆସି ଗୋଟିକ ଗୋଟି ସଭାପତିଙ୍କ ହସ୍ତରୁ ପୁରସ୍କାର ଗ୍ରହଣକରି ପ୍ରଣାମକରି ଯାଇଥିଲେ । ସଭାସ୍ଥ ଉପସ୍ଥିତ ବ୍ୟକ୍ତିମାନେ ସେମାନଙ୍କୁ ପୁରସ୍କାର ଗ୍ରହୀତା ଭାବିଥିଲେ, କି କାରପରଦାଜ ଭାବିଥିଲେ ତାହା ସେହିମାନେ ଜାଣନ୍ତି । କାର୍ଯ୍ୟଟି ନୂତନ ବୋଧ ହେଉଥିଲା ।

ସଭାପତିଙ୍କୁ ଧନ୍ୟବାଦ ଦେବାପରେ ବିଦାୟ ସଙ୍ଗୀତ ହେବା ପରେ ସଭାଭଙ୍ଗ ହୋଇଥିଲା ।

ଅବକାରୀ ।

ପୂର୍ବେ ମଦ କାରବାର କହିଲେ ଶୁଣି ବଡ଼ା ଅଦ୍ଭୁତ ବୁଝାଯାଉ ନ ଥିଲା । ଶୁଣ୍ଡିଙ୍କୁ ଲୋକେ ଛୁଇଁ ନ ଥିଲେ । ସମାଜରେ ସେମାନଙ୍କୁ ଘୃଣା କରୁଥିଲେ । ଆଜିକାଲି ଶୁଣ୍ଡିଙ୍କ ହାତରୁ ମଦ କାରବାର ଗଲାଣି । କରଣ ବ୍ରାହ୍ମଣ ବାହ୍ମଣ ସମସ୍ତେ ମଦବେପାର କରିବାରୁ ଧରାପଡ଼ି ହେଲେଣି । ଧନ୍ୟ ସରକାର ! ଭଲ ଖେଳ ଲଗାଇଦେଇଛ । ସରକାରଙ୍କର ତ ସବୁ ବେପାର ! ଗଞ୍ଜେଇ, ମଦ, ଅଫିମ ସବୁ ଆଗେ ଯେପରି ଦୋକାନ ନିଲାମ କରାଯାଇ ସବୁଠାରୁ ଯେ ବେଶି ଡାକିଲା ତାକୁ ଦିଆଯାଉଥିଲା ବର୍ତ୍ତମାନ ସରକାର ସେ ବାଟ ଉଠାଇଦେଇ ନୂଆ ବାଟ ଧରିଲେଣି । ଏଥିରେ ଯେ ଦୋକାନ ଖଣ୍ଡିଏ ପାଇବେ ତାଙ୍କୁ ଭଲରକମ ସୁବିଧା ଥାଇବା ଅଛି । ଖୁସି କହ, ଭଲ କହ, ମନ କହ, ଲୋକେ ଉଛନ୍ନ ହେଉନ୍ତୁ ଯାହାପାଇଁ ତାହା-ହେଉ ସୁବିଧା ଲାଭ କରି ଆପଣା ପେଟ ପୋଷିଲେ ହେଲା । ଯେତେବେଳେ ଏ ବନ୍ଦୋବସ୍ତ ହେଲା ଓଡ଼ିଶାର ସ୍ଥାନେସ୍ଥାନେ ମଦ ଗଞ୍ଜେଇ ଅଫିମ ଦୋକାନ ସବୁ ପାଇବା ଲାଗି ଓଡ଼ିଶାର ବେଶ୍ ନାମଯାଦା ଲୋକଙ୍କର ପୁଅନାତିମାନେ ଦଉଡ଼ିଲେ, ତେଣୁ କଲିକତାରୁ ଓକିଲାତ ଗ୍ରାଜୁଏଟ ଲୋକେ ଧାଇଁଲେ । ଫଳରେ କଣ ହେଲା! ଫଳ କଥା ଆଉ କହିବାକୁ ହେବନାହିଁ । ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀଧର ମହାନ୍ତି M. L. C. ଏହି ବିଷୟରେ କଉନସିଲରେ ଗଲା ବୈଠକ ସମୟରେ ଯେ ସବୁ ପ୍ରଶ୍ନ କରିଥିଲେ ତାହା ଓ ସରକାରଙ୍କ ପକ୍ଷର ତହିଁର ଉତ୍ତର ପାଠ କଲେ ସବୁ ଜଣା ପଡ଼ିବ । ସ୍ଥାନାନ୍ତରରେ ତାହା ପ୍ରକାଶ କରାଗଲା । ଓଡ଼ିଆଙ୍କର ଭାଗ୍ୟ ସବୁବେଳେ ଯାହା ଶୁଣୁ ପଡ଼ିଆରେ ବା କାହିଁକି ତାହା ତପାଉ ନୁଅନ୍ତା ।

ଧର୍ମ୍ମ ଶିକ୍ଷା ।

ଗତ ସପ୍ତାହରେ ଆମ୍ଭେମାନେ ଉଲ୍ଲେଖ କରିଥିଲୁଁ ଯେ ଏଣିକି ଅଧିକାଂଶ ସ୍କୁଲମାନଙ୍କରେ ଧର୍ମଶିକ୍ଷା ଦିଆଯିବା କାରଣ ସରକାର ହୁକୁମ ଜାରି କଲେଣି । ଲୋକେ ଯାହା କହୁଥିଲେ ଯେ ସରକାରୀ ଶିକ୍ଷାର ବ୍ୟବସ୍ଥାରେ ଧର୍ମଛଡ଼ା ଶିକ୍ଷା ଦିଆଯାଉଥିଲା; ବର୍ତ୍ତମାନ ଆଉ ସେ କଥା କେହି କହି-ପାରିବେ ନାହିଁ । କିନ୍ତୁ ଧର୍ମଶିକ୍ଷା ଦିଆଯିବ କିପରି ତାହାହିଁ ସର୍ବସାଧାରଣଙ୍କର ବିଚାର କରିବାର କଥା । ସରକାରୀ ଶିକ୍ଷାକୁ ଧର୍ମ-ଛଡ଼ା ବିଦ୍ୟା କହିବାର ଯଥେଷ୍ଟ କାରଣ ଅଛି । ପିଲାଗୁଡ଼ିକ ସ୍କୁଲ ମାଡ଼ିବା ପୂର୍ବେ ଯାହା ଥାନ୍ତି ସ୍କୁଲ ମାଡ଼ିବାର ଅଢ଼େଇ ଦିନ ନ ଯାଉଣୁ ଏକାବେଳକେ ବଦଳି ଯାଆନ୍ତି । ଭାବ ଭଙ୍ଗୀ ଆଚାର ବ୍ୟବହାର କ୍ରମେ ବଦଳି ବଦଳି ଯାଇ କେଉଁ ସୀମାରେ ପହଞ୍ଚେ ତାହା ସମସ୍ତଙ୍କୁ ଜଣା । ଯାହାହେଉ ସେ ବିଷୟ ଆଉ ଆଲୋଚନା କରି ଫଳନାହିଁ ଧର୍ମଶିକ୍ଷାର ବ୍ୟବସ୍ଥା ହେଲା । ସରକାର କହିଦେଲେ କି ଶିକ୍ଷା ଦିଆଯିବ ତାହା ଧର୍ମ-ଶିକ୍ଷକଙ୍କ ଇଚ୍ଛା । ଶିକ୍ଷକମାନେ ତ ସବ୍ୟ ଶିକ୍ଷକ । ଧର୍ମ ଶିକ୍ଷାରେ କାହାର କି ଜ୍ଞାନଅଛି ଓ କାହାର କେତେଦୂର ଧର୍ମରେ ମତି ଓ ଧର୍ମରେ ବିଶ୍ୱାସ ତାହା ବା କିଏ କହିପାରିବ । ସାଧାରଣତଃ ଯେପରି ଦେଖାଯାଏ ଶିକ୍ଷକ-ମାନେ କହି ଖଣ୍ଡିଏ ୨ ଆଶା ନ ଧରିଲେ କୌଣସି ପାଠ ପଢ଼ାଇପାରନ୍ତି ନାହିଁ । ବିଶେଷତଃ ହିନ୍ଦୁ ବା ମୁସଲମାନ ପ୍ରଭୃତି ଧର୍ମର ଯେ ସବୁ ଶାସ୍ତ୍ରମାନ ଅଛି ସେ ସବୁ ଅଧିକାଂଶ ଶିକ୍ଷକ ଜାଣନ୍ତି କି ନା ସନ୍ଦେହ ନାହିଁ । ସେସବୁ ଶାସ୍ତ୍ର ପଢ଼ିବା ଓ ବୁଝିବା ସେମାନଙ୍କ ପକ୍ଷରେ କଠିଣ ହୋଇପାରେ । ସେମାନେ ବା ଧର୍ମଶିକ୍ଷା କଣ ଦେବେ । ଯେବେ ଧର୍ମ ଶାସ୍ତ୍ରମାନଙ୍କରୁ ସାରସଂଗ୍ରହ କରି ଖଣ୍ଡେ ୨ ବହି ହେବ ତେବେ ଅବା ଶିକ୍ଷକମାନେ ତହିଁପରେ ନିର୍ଭର କରି କିଛି ୨ ଶିକ୍ଷାଦେଇ ପାରିବେ ବୋଲି ଆଶା କରାଯାଏ । ଆମ୍ଭେ-ମାନେ ଶ୍ରୀ ଉପେନ୍ଦ୍ର ନାରାୟଣ ଦତ୍ତ ଗୁପ୍ତ ବି, ଏ, ବିଟି ରେଭେନ୍ସା କଲେଜ ଏଟ ସ୍କୁଲ ହେଡ଼ମାଷ୍ଟର ଓ ଶ୍ରୀ କୁଳମଣି ଦାସ କାବ୍ୟତୀର୍ଥ ନର୍ମାଲ ସ୍କୁଲର ପଣ୍ଡିତ ଉଭୟଙ୍କ ଦ୍ୱାରା ରଚିତ "ଧର୍ମଶିକ୍ଷା" ନାମକ ପୁସ୍ତକ ଖଣ୍ଡି ପାଠକରି ଅଛୁଁ । ସେ ମହାଶୟମାନେ ବହୁ ଯତ୍ନ ଓ ପରିଶ୍ରମ କରିଅଛନ୍ତି । ନାନା ଧର୍ମଶାସ୍ତ୍ର ମାନଙ୍କରୁ ସାରସଂଗ୍ରହ କରିଅଛନ୍ତି । ପୁସ୍ତକ ଖଣ୍ଡି ଅତି ଉପାଦେୟ ହୋଇଅଛି । ପୁସ୍ତକ ଟିର ଶେଷ ଆଡ଼କୁ ୧୫ ଗୋଟି କଥା ଦେଇଅଛନ୍ତି । ସେ କଥା ଗୁଡ଼ିକ ବାଳକ ମାନଙ୍କର ଧର୍ମ ଶିକ୍ଷା ନିମନ୍ତେ ଅତ୍ୟନ୍ତ ଉପଯୋଗୀ ଏଥିରେ ସନ୍ଦେହନାହିଁ । ପୁସ୍ତକଟିର ପ୍ରଥମ ଭାଗରେ ଯାହା ଦେଇ-ଅଛନ୍ତି ତାହା ଧର୍ମଶିକ୍ଷା ଦେବାର ଶିକ୍ଷକ-ମାନଙ୍କ ପକ୍ଷରେ ବିଶେଷ ପ୍ରୟୋଜନୀୟ ହେବ । ମଧ୍ୟ ଉଚ୍ଚଶ୍ରେଣୀର ଛାତ୍ରମାନଙ୍କର ପାଠ୍ୟ ହୋଇପାରିବ । ଅବଶ୍ୟ ସାଧାରଣ ଛାତ୍ରମାନଙ୍କର ବା ନିମ୍ନ ଶ୍ରେଣୀର ଛାତ୍ର ମାନଙ୍କର ବୋଧଗମ୍ୟ ନୁହେ । ବର୍ତ୍ତମାନ ଅବସ୍ଥାରେ ଶିକ୍ଷକ ମାନଙ୍କ ସକାଶ ଏରୂପ ପୁସ୍ତକର ବଡ଼ ଆବଶ୍ୟକ । ଏହି ପୁସ୍ତକ ଦ୍ୱାରା ସେ ଅଭାବ ଦୂରହେବ ସନ୍ଦେହନାହିଁ । ଧର୍ମ ସମ୍ବନ୍ଧୀୟ ଯେ ସବୁ ମତ ଏହି ପୁସ୍ତକରେ ଅଛି ତାହା ମଧ୍ୟ ସମସ୍ତ ଶ୍ରେଣୀର ଲୋକଙ୍କର ଗ୍ରହଣର ଯୋଗ୍ୟ । ତେଣୁ ଆଶାକରୁଁ ଏହି ପୁସ୍ତକ ଖଣ୍ଡିକ ସମସ୍ତଙ୍କର ଆଦୃତ ହେବ ଓ ଏହା ପ୍ରତ୍ୟେକ ସ୍କୁଲରେ ଖଣ୍ଡିଏ ୨ ରହିବା ଉଚିତ । ଶିକ୍ଷକମାନେ ଏଥିରେ ଥିବା କଥାଗୁଡ଼ିକ ଗଳ୍ପଚ୍ଛଳରେ ଛୋଟ ବଡ଼ ସମସ୍ତ ବାଳକମାନଙ୍କ ଶୁଣାଇଲେ ସେମାନଙ୍କ ହୃଦୟରେ ପ୍ରଥମରୁ ଧର୍ମଭାବ ଅଙ୍କୁରିତ ହେବ । ଉପେନ୍ଦ୍ର ବାବୁ ଓ କୁଳମଣି ବାବୁ ଠିକ ସମୟରେ ପୁସ୍ତକ ଖଣ୍ଡି ପ୍ରକାଶ କରି ବିଶେଷ ଉପକାର ସାଧନ କରି-ଅଛନ୍ତି । କେବଳ ଏଥିର ଭାଷା ଏତେ କଠିନ ନ କରି ସରଳ ଓ ପ୍ରଚଳିତ ଭାଷାରେ ସେହି ଭାବଗୁଡ଼ିକ ପ୍ରକାଶ କରିଥିଲେ ଆହୁରି ଉତ୍ତମ ହୋଇଥାନ୍ତା । "ଧର୍ମଶିକ୍ଷା"ରୁ ଧର୍ମଶିକ୍ଷା କରିବାର କଥା, ମାତ୍ର କଠିଣ ଅବା ସଂସ୍କୃତ ଭାଷା ଶିକ୍ଷା ନୁହେଁ ।

ଆମ୍ଭେମାନେ ଆଶାକରୁଁ ଲେଖକ-ମାନଙ୍କର ଶ୍ରମ ସଫଳ ହେବ ।

ମଟର ଲରି ମକଦ୍ଦମା ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ବାବୁ ପ୍ରବୋଧଚନ୍ଦ୍ର ରାୟ ଏ ମକଦ୍ଦମାରେ ଗତ ସୋମବାର ରାୟ ଦେଲେ । ରାୟରୁ ପ୍ରକାଶ ପାଏ, ରେଲୱେ କମ୍ପାନୀ ତରଫର ସାକ୍ଷୀ-ମାନେ କହିଥିଲେ ଯେ ରେଲ ଲାଇନର ଉଭୟ ତରଫର ଫାଟକମାନ ଗେଟ୍‌ମ୍ୟାନ ବନ୍ଦ କରିଥିଲା, ମଟରଲରିର ଡ୍ରାଇଭର ପଶ୍ଚିମ ତରଫର ଫାଟକ ଖୋଲି, ଗେଟ-ମ୍ୟାନର ନିଷେଧସତ୍ତ୍ୱେ ଫାଟକ ଭିତରକୁ ଲରି ନେଇଗଲା ଓ ଲାଇନ ଉପରେ ଲରି ଛିଡ଼ା କରିଥିବା ବେଳେ ଡାକଗାଡ଼ି ଆସି ଲରିରେ ଧକ୍କା ଲାଗିବାରୁ ଦୁର୍ଘଟଣା ଘଟିଲା କିନ୍ତୁ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଭୃତି ଲରିର ପ୍ୟାସେଞ୍ଜରମାନେ କହିଥିଲେ ଯେ ପଶ୍ଚିମ ତରଫ ଫାଟକ ଖୋଲା ଥିବାରୁ ଓ ଗେଟମ୍ୟାନ ସେ ସମୟରେ ସେଠାରେ ନ ଥିବାରୁ ଲରିର ଡ୍ରାଇଭର ଫାଟକ ଭିତରକୁ ଲରି ନେଇଥିବା ପରେ ଗେଟମ୍ୟାନ ଆସି ପହଞ୍ଚିଲା ଓ ଏହି ସମୟରେ ଡାକଗାଡ଼ି ଆସୁଥିବାର ଦେଖାଯିବାରୁ ଡ୍ରାଇଭର ଲରିକୁ ଲାଇନ ଉପରୁ ହଟାଇ ଦେଉଥିଲା କିନ୍ତୁ ଡାକଗାଡ଼ିର ଇଞ୍ଜିନ ଆଗରେ ଥିବା କାଉକ୍ୟାଚର ଲରିରେ ଲାଗି ଦୁର୍ଘଟଣା ଘଟିଲା । ବିଚାରକର୍ତ୍ତା ରେଲୱେ ତରଫ ସାକ୍ଷୀମାନଙ୍କ କଥା ବିଶ୍ୱାସ ନ କରି ପ୍ୟାସେ-ଞ୍ଜର ସାକ୍ଷୀମାନଙ୍କ କଥା ବିଶ୍ୱାସ କରିଅଛନ୍ତି ଏବଂ ପଶ୍ଚିମ ତରଫ ଫାଟକ ଖୋଲାଥିଲା ବୋଲି ସିଦ୍ଧାନ୍ତ କରିଅଛନ୍ତି ଓ ରେଲୱେ ଗେଟମ୍ୟାନ ତାର ନିଜର ଦୋଷ ଢାଙ୍କିବା ନିମନ୍ତେ ଚେଷ୍ଟା କରିଅଛି ବୋଲି ବିଶ୍ୱାସ କରିଅଛନ୍ତି । ବିଚାରକର୍ତ୍ତା ଆଉ ମଧ୍ୟ ରାୟରେ ଲେଖିଅଛନ୍ତି ଯେ ରେଲୱେ ଗେଟମ୍ୟାନ ତାର କର୍ତ୍ତବ୍ୟ କର୍ମରେ ତ୍ରୁଟି କରିଥିବାରୁ ଏ ଦୁର୍ଘଟଣା ଘଟିଲା (It is true that the gateman was negligent and that his negligence contributed to the happening of the accident) କିନ୍ତୁ ପୂର୍ବ ତରଫ ଫାଟକ ବନ୍ଦଥିବାସତ୍ତ୍ୱେ ଲରିର ଡ୍ରାଇଭର ମକବୁଲ ଅଲି ଫାଟକ ଭିତରକୁ ଲରି ନେଇଯିବାରୁ ତାର ମଧ୍ୟ ଦୋଷ ହୋଇଅଛି, ଏହି ହେତୁରୁ ବିଚାର-କର୍ତ୍ତା ଉକ୍ତ ଡ୍ରାଇଭରକୁ ଛମାସ କଏଦ ଦଣ୍ଡର ଆଦେଶ ଦେଇଅଛନ୍ତି । ସେ ଅପିଲ ଦାଏର କରିଅଛି ।

କିଛାନ୍ତ ଓଡ଼ିଶା ଗେଜେଟ ।

ପ୍ରୋବେସନାର ଡେପୁଟି ମାଜିଷ୍ଟ୍ରେଟ୍ ଓ ଡେପୁଟି କଲେକ୍ଟର ବାବୁ ପ୍ରଫୁଲ୍ଲଚନ୍ଦ୍ର ପାଲ ତାଙ୍କ କାର୍ଯ୍ୟରେ ବାହେଲ (Confirm) ହେଲେ ।

ଓଡ଼ିଶା ସେଟେଲମେଣ୍ଟର ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ବାବୁ ଉମାଚରଣ ଦାସ ଡାଇରେକ୍ଟର ଅଫ୍ ଲ୍ୟାଣ୍ଡରେକର୍ଡସ ଏବଂ ସର୍ଭେଙ୍କର ପର୍ସନାଲ୍ ଆସିଷ୍ଟାଣ୍ଟସ୍ୱରୂପ ଅସ୍ଥାୟୀ ଭାବରେ ନିଯୁକ୍ତ ହେଲେ ।

ଡେପୁଟି କଲେକ୍ଟର ଓ ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ମିଃ ସାମୁଏଲ ଦାସ ୫ ତାରିଖ ଅକ୍ଟୋବରଠାରୁ ୨୪ ତାରିଖ ଅକ୍ଟୋବର ପର୍ଯ୍ୟନ୍ତ ଛୁଟିପାଇଲେ । ଛୁଟିରେ ଥିବା ସବ୍‌ଡେପୁଟି ମାଜିଷ୍ଟ୍ରେଟ୍ ଓ ସବ୍‌ଡେପୁଟି କଲେକ୍ଟର ବାବୁ ଉପେନ୍ଦ୍ରନାଥ ମହାନ୍ତି ସମ୍ବଲପୁରକୁ ଗଲେ ।

ଓଡ଼ିଶା ସେଟେଲ୍‌ମେଣ୍ଟର ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ବାବୁ ସଦାନନ୍ଦ ପଟ୍ଟନାୟକ ୫ ତାରିଖ ଅକ୍ଟୋବରଠାରୁ ୭ ସପ୍ତାହର ଛୁଟିପାଇଲେ ।

ଓଡ଼ିଶା ସେଟେଲ୍‌ମେଣ୍ଟର ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ବାବୁ ଲକ୍ଷ୍ମୀନାରାୟଣ ପାଣ୍ଡେ ଓ ବାବୁ ସତୀଶଚନ୍ଦ୍ର ବାନର୍ଜୀ ଓ ବାବୁ ଗୋପାଳଚନ୍ଦ୍ର ପଟ୍ଟନାୟକ ୫ ତାରିଖ ଅକ୍ଟୋବରଠାରୁ ୧ ମାସ ଲେଖାଏ ଛୁଟି-ପାଇଲେ ।

ଭଦ୍ରକର ସବ୍‌ରେଜିଷ୍ଟ୍ରାର୍ ବାବୁ ଆନନ୍ଦ କିଶୋର ଦାସ ପୁରୀଜିଲ୍ଲା ପିପିଲିକୁ ବଦଳି ହେଲେ ଓ ଜଗତସିଂହପୁରର ସବ୍‌ରେଜିଷ୍ଟ୍ରାର ମୌଲବି ମହମ୍ମଦ ମୁସ୍ଲିମ ଭଦ୍ରକକୁ ବଦଳି ହେଲେ । ପିପିଲିର ସବ୍-ରେଜିଷ୍ଟ୍ରାର୍ ମିଃ ନରେନ୍ଦ୍ରକୁମାର ପାଲ ଭର୍ତ୍ତୋଲକୁ ବଦଳିହେଲେ ଏବଂ ଭର୍ତ୍ତୋଲର ସବ୍‌ରେଜିଷ୍ଟ୍ରାର ମୌଲବି ଅସରଫ ଅଲି ଖାଁ ଜଗତସିଂହପୁରକୁ ଗଲେ ।

ସ୍ଥାନୀୟ ସମ୍ବାଦ ।

କେତେକ ଦିନହେବ କଟକ ଜିଲ୍ଲାଟି ହତାରେ ଅବସ୍ଥିତ କୁଳସୀପୁର ମଠର ମହା-ନ୍ତଙ୍କ ଚେଲାଙ୍କ ପକେଟରୁ ଦୁଇଜଣ ଲୋକ ଟ ୧୫୮ ଚୋରି କରୁଥିବାବେଳେ ଧରାପଡ଼ି-ଥିଲେ । ବିଚାରରେ ଜଣକୁ ୬ ମାସ ଏବଂ ଅନ୍ୟ ଜଣକୁ ଏକମାସ କାରାଦଣ୍ଡ ଦିଆଯାଇ-ଅଛି । ସହର ମଧ୍ୟରେ ଏହିପରି ପକେଟକଟା ଚୋରଙ୍କ ପ୍ରାଦୁର୍ଭାବ ଅନେକ ଦୁଇଥର ପୂର୍ବରୁ ଶୁଣାଯାଇଥିଲା । ଏଣିକି ସହରବାସୀ ସାବ-ଧାନହେବା ଉଚିତ ।

ମହିଷାଦଳ ବଜାରରେ ବସନ୍ତର ପ୍ରାଦୁ-ର୍ଭାବ ହେତୁ ୧୨ ଜଣରୁ ଅଧିକଲୋକ ମୃତ୍ୟୁ ମୁଖରେ ପତିତ ହେଲେଣି । କର୍ତ୍ତୃପକ୍ଷଙ୍କର ଏହାର ନିବାରଣ ନିମନ୍ତେ ବିଶେଷ ଯତ୍ନ କରିବା ଉଚିତ ।

ତାଳଚେର୍ବାଦରେ ଗୋଟିଏ ଅନ୍ଧ ଭିକ୍ଷୁକ ଉପରେ ମଟରକାର ଚଳିଯିବାରୁ ସେ ମରି-ଯାଇଅଛି । ପୁଲିସ ଇନ୍‌କ୍ୱେଷ୍ଟ ସାରିଲାଣି । ମକଦ୍ଦମା ବିଚାରାଧୀନ ।

Digitized by srujanika@gmail.com

ଝଙ୍କଡ଼ ସମ୍ବାଦ ।

ଶ୍ରୀ ଶାରଦ ଠାକୁରାଣୀଙ୍କ ମନ୍ଦିରମାନ ସମ୍ପର୍କେ ବହୁବାର ଆଲୋଚିତ ହେଲେ ପୂଜା କମିଟିର ମେମ୍ବରମାନେ ତାହାଙ୍କ ଶୁଣୁ ନାହାନ୍ତି କିନ୍ତୁ ପୂଜା ଯାଉନାହିଁ । ଦୁର୍ଗାପୂଜା ତ ନିକଟ ହେଲାଣି । ପ୍ରତିବର୍ଷ ଯେପରି ଯେନ ତେନ ପ୍ରକାରେଣ କାମ ଚଳେଇଦିଅନ୍ତି ଏବର୍ଷ କ'ଣ ସେମିତି ରହିବ ନା କିଛି ବଦଳିବ ? କମିଟି ମେମ୍ବରମାନଙ୍କର ପ୍ରତିବର୍ଷ ଯେପରି ଦୁର୍ଗାପୂଜା ସମ୍ବନ୍ଧରେ ଗୋଟାଏ ବୈଠକହୁଏ ଏବର୍ଷ ତ ବୋଧ ହୁଏ ସେହିପରି ହେବ, କେଜାଣି ତାହାଙ୍କ ଗତବର୍ଷ ସେମାନଙ୍କ ଶ୍ରୀପାଦ ପଡ଼ିପାରିନଥିଲା । ଏବର୍ଷ ବୋଧହୁଏ ପଡ଼ିବ ! ଫଳ କ'ଣ ହେବ ଦେଖାଯାଉ । ଯାହାହେଉ ଯେପରି 'ପଥାପୂର୍ବଂ' ନ ହୁଏ !

ବର୍ଷାର କମ୍ତିନାହିଁ । ଧାନ, ସୁଲଭ ଦୁର୍ମୂଲ୍ୟ । ସାଧାରଣ ବର୍ଷଠାରୁ ଏବର୍ଷ ଧାନ ପଇସା ମଧ୍ୟ ଦୁର୍ମୂଲ୍ୟ ହୋଇଅଛି ।

ତିର୍ତୋଲ ଥାନା ସମ୍ବାଦ ।

ତିର୍ତୋଲଥାନା ନଂ୧ମ୍ବର ଇଉନିଅନର ଅଧିକାଂଶ ଗ୍ରାମବାସୀ ଏବଂ ନ ୨ ମ୍ବର ଇଉନିଅନର କେତେକ ଗ୍ରାମବାସିମାନଙ୍କର ଗତ ବନ୍ୟାଠାରୁ ଯେପରି ଶୋଚନୀୟ ଅବସ୍ଥା ହୋଇଅଛି ତାହା ଆଉ କିଛିକାଳ ରହିଲେ ସେମାନଙ୍କର ଗତି କ'ଣହେବ କହିହେଉନାହିଁ । ଗ୍ରାମମାନ ବନ୍ୟାର ଜଳରେ ବେଷ୍ଟିତହୋଇ ରହିଅଛି । ଅନେକ ଗୋରୁଗାଈ ଖାଇବାକୁ ନ ପାଇ ମରିଥିବାର ସମ୍ବାଦ ପାଉଅଛୁଁ । ଏକଗ୍ରାମରୁ ଅନ୍ୟଗ୍ରାମକୁ ଯିବାକୁ ହେଲେ ଡଙ୍ଗା ଛଡ଼ା ଅନ୍ୟ ଉପାୟନାହିଁ । ବଳବାନ୍ତ ଭୂମି ରହିଅଛି । ଧାନ ଫସଲତ ଯାଇସାରିଛି, ସରକାର ତଗାବି ଦେବାର ବ୍ୟବସ୍ଥା କରିଅଛନ୍ତି । କେହି କେହି ତଗାବିଟଙ୍କା ନେଇ କଡ଼ି ଛଡ଼ବାରେ କେତେକ ଜଳ କମି ଯାହା ଦେଖାଗଲା ତହିଁରେ ଧାନ ବୁଣିଲେ, ମାତ୍ର ପୁନର୍ବାର ବଢ଼ିହୋଇ ସେଥିରୁ ଅଧିକାଂଶ ପୁଣି ଧୋଇଗଲା । ଲୋକେ ହତାଶହୋଇ ପଡ଼ିଲେଣି । ସେଠାରେ ସଫର ଭାଜ ବଙ୍ଗଳାର ଅଲ୍ପଦୂରରେ ପାଇକା ନଦୀରୁ ଗୋଟିଏ ଜୋର ବାନ୍ଧୁ ଯାଇଅଛି । ସେହି ଜୋରବାଟେ ବନ୍ୟାର ପାଣିଯାଇ ଏହି ଅଞ୍ଚଳକୁ କଷ୍ଟ ଦେଉଅଛି । ଅନ୍ୟାନ୍ୟ କେତେକ ପାଇ ଅଛି ଯେ ସବୁ ବାଟଦେଇ ମଧ୍ୟ ପାଣିଯାଏ, ମାତ୍ର ଉପର କହିଛି ଜୋରଟି ବେଶି ଗଭୀରଥିବାରୁ ସେହିବାଟେ ବେଶି ପଶିଯାଏ ପ୍ରତିବର୍ଷ ପ୍ରଜାମାନଙ୍କର ଫସଲ ନଷ୍ଟକରେ । ଏଥର ଅତ୍ୟନ୍ତ ଅଧିକ ନଷ୍ଟ କରିଅଛି । ଏ ଜୋରର ମୁହିଁଟିରେ ଯୋଲ ଓ ବନ୍ଧ କରା ନ ଗଲେ ସେ ଅଞ୍ଚଳବାସିଙ୍କୁ ରକ୍ଷାକରିବା କଠିଣହେବ । ଶୁଣୁଅଛୁଁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ରାୟସାହେବ ମାଧବଚନ୍ଦ୍ର ମିଶ୍ର ଓ ମଧ୍ୟ ସ୍ୱୟଂ କଲେକ୍ଟର ସାହେବ ମହୋଦୟମାନେ ଯାଇ ସ୍ୱଚକ୍ଷୁରେ ସେ ସ୍ଥାନମାନ ଓ ଲୋକମାନଙ୍କର ଅବସ୍ଥା ଦେଖି ଆସିଅଛନ୍ତି । କଲେକ୍ଟର ମହୋଦୟ ଅତ୍ୟନ୍ତ ଦୟାଳୁ ଲୋକ । ତାଙ୍କର ଏବଂ ସବ୍‌ଡିଭିଜନାଲ ଅଫିସରଙ୍କର ଶୁଭଗମନରେ ଲୋକମାନଙ୍କ ମନରେ ଯଥେଷ୍ଟ ଭରସା ଜାତ ହୋଇଅଛି । ଆଶାକରୁଁ ଲୋକମାନଙ୍କର ଆଶା ଅଚିରେ ପୂର୍ଣ୍ଣହେବ । ଜୋର ମୁହିଁଟି ବନ୍ଦହୋଇ ସେଠାରେ ଗୋଟିଏ ଯୋଲ ହୋଇଗଲେ ସେ ଅଞ୍ଚଳର ଲୋକମାନେ ଭବିଷ୍ୟତ ପାଇଁ ରକ୍ଷାପାଇଯିବେ ।

ବିବିଧ ସଂବାଦ ।

ଢେଙ୍କାନାଳର ରାଜା ଓ ରାଣୀ ଗତ ସେପ୍ଟେମ୍ବର ତା ୧୧ ରିଖ ଦିନ ବମ୍ବେଇରେ ପହଞ୍ଚି ଅଛନ୍ତି । ସେ ୨୨ତାରିଖ ସେପ୍ଟେମ୍ବର ପର୍ଯ୍ୟନ୍ତ ସିମିଲାଠାରେ ଅବସ୍ଥାନ କରିବେ ।

* * *

ବଙ୍ଗଦେଶର ଗଭର୍ଣ୍ଣର ଲର୍ଡଲିଟନ ସ୍ୱାର ସୁରେନ୍ଦ୍ରନାଥଙ୍କ ସ୍ମୃତିରକ୍ଷା ପାଇଁ ଟ ୨୫୦୦ ଦାନ କରିଅଛନ୍ତି ।

* * *

ବମ୍ବେଇରେ ବର୍ତ୍ତମାନ ଆଉ ଗୋଟିଏ ଲୁଗାକଲ ବନ୍ଦହେବାରୁ ଉକ୍ତ କଳର ୪୦୦୦ କର୍ମଚାରୀ ବେକାର ହୋଇ ବସିଅଛନ୍ତି ।

* * *

ସିନ୍ଧୁ ପ୍ରାଦେଶିକ କଂଗ୍ରେସ କମିଟି ଆଗାମୀ କଂଗ୍ରେସରେ ସଭାପତି ପଦପାଇଁ ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ନିର୍ବାଚନ କରିଅଛନ୍ତି ।

* * *

ଭାରତରେ ଫ୍ରିମେସନମାନଙ୍କର ଅଲ୍ପଦିନ ହେବ ଗୋଟିଏ ବଡ଼ ଭୋଜି ହୋଇଯାଇଅଛି । ଏଥିରେ ୮୦୦୦ ଲୋକଙ୍କର ଆହାରର ବନ୍ଦୋବସ୍ତ ହୋଇଥିଲା ।

* * *

ଗତ ସପ୍ତାହରେ ବଙ୍ଗଦେଶର ପରୌ-କୋଟାନାମକ ଗ୍ରାମର ଜଣେ ସ୍ତ୍ରୀଲୋକ ୨୫ ଗୋଟି ଡିମ୍ବ ପ୍ରସବ କରିଅଛନ୍ତି । ଡାକ୍ତରସାହେବ ଉକ୍ତ ଡିମ୍ବକୁ ନେଇ ପରୀକ୍ଷା କରୁଅଛନ୍ତି ।

* * *

ଲଣ୍ଡନ ସହରରେ ୪୫ ଲକ୍ଷ ଲୋକ ବାସକରନ୍ତି । ଏମାନଙ୍କର ଶିକ୍ଷାପାଇଁ ୧କୋଟି ଦଶଲକ୍ଷ ଟଙ୍କା ବ୍ୟୟହୁଏ । ବ୍ରିଟିଶ୍ ଭାରତରେ ୨୪ କୋଟି ଲୋକଥାଇଁ ସୁଦ୍ଧା ଲଣ୍ଡନର ଲୋକଙ୍କ ପାଇଁ ଯାହା ବ୍ୟୟହୁଏ ତାଠାରୁ ବେଶୀବ୍ୟୟ ହୁଏନାହିଁ । ଭାରତଶିକ୍ଷା ବିଷୟରେ କିପରି ଅନୁନ୍ନତ ଏଥିରୁ ତାହା ସହଜରେ ଜଣାପଡ଼ିବ ।

ସେପ୍ଟେମ୍ବର ପହିଲଠାରୁ ଟ ୫୦୦ ଙ୍କା ବଦଳରେ ୨୦୦ ଟଙ୍କା ମୂଲ୍ୟର ସୁନା ବା ସୁନାମୋହର ଡାକରେ ପଠାଯାଇ ପାରିବ ବୋଲି ସରକାର ଆଦେଶ ଦେଇଅଛନ୍ତି ।

* * *

ଗତ ତା ୨ ରିଖ ସେପ୍ଟେମ୍ବର ପର୍ଯ୍ୟନ୍ତ ନିଖିଳ ଭାରତ ଦେଶବନ୍ଧୁଙ୍କ ସ୍ମୃତିରକ୍ଷା ପାଣ୍ଠିପାଇଁ ଟ ୨୯୦୫୦୧୪/୯ ସଞ୍ଚିତ କରାଯାଇଅଛି ।

ନିବେଦନ ।

କଟକର ଖଦଡ଼ ଭଣ୍ଡାର ଅଦ୍ୟପର୍ଯ୍ୟନ୍ତ ସ୍ୱଳ୍ପାୟାସରେ ଚଳିଆସୁଥିଲା । ସହରର ଏକପାର୍ଶ୍ୱ ହେବାରୁ ସାଧାରଣ ଲୋକଙ୍କୁ ସୁବିଧା ଓ ସମସ୍ତାନୁଯାୟୀ ଖଦଡ଼ କିଣିବାକୁ ମିଳେନାହିଁ, ଏହେତୁ ଚୌଧୁରୀ ପାର ଡାଉଶରୁ ନୟାସଡ଼କ ମାରୁଆଡ଼ିପଟିର ସୁଦ୍ଧା ଔଷଧାଳୟ ସମ୍ମୁଖରେ ଆଉଗୋଟିଏ ଘର ଭଡ଼ା ନେଇ ସେଠାରେ କଂଗ୍ରେସ୍ ଖଦଡ଼ଭଣ୍ଡାର ଖୋଲା ହୋଇଅଛି ।

ଗତ ଛଅମାସ ହେଲା ପୂର୍ବ ଅପେକ୍ଷା ଓଡ଼ିଶାରେ ଖଦଡ଼ କାର୍ଯ୍ୟ ଉନ୍ନତିହେଉଥିବାରୁ ଏଥର ଆରମ୍ଭ କରାଯାଇ ସାଧାରଣଙ୍କ ରୁଚି ଅନୁସାରେ ନାନାପ୍ରକାର ଧଡ଼ିର ଧୋତି, ଶାଢ଼ୀ, ପାଟଶାଢ଼ୀ, ଶୀତ ଚଦର, ଶାଲ, ବିଛଣା ଚଦର, ତଉଲିଆ, ରୁମାଲ ଏବଂ କୋଟ, କାମିଜ୍ ଲାଗି ମୋଟ ଓ ସରୁ ଥାନମାନ ବୁଣାଇ ଅତି ସକାଶେ ମହଜୁଦ୍ ରଖାଯାଇଅଛି । ଏହି ଖଦଡ଼ଭଣ୍ଡାର କଂଗ୍ରେସର ଗୋଟିଏ ପ୍ରଧାନ ଅନୁଷ୍ଠାନ । ଗତ ମାସରେ ମହାତ୍ମା ଗାନ୍ଧି ଏ ନଗରକୁ ଶୁଭାଗମନ କରି ଖଦଡ଼ସମ୍ବନ୍ଧରେ ଯାହା ସାଧାରଣଙ୍କୁ କହିଯାଇଅଛନ୍ତି ତାହାଠାରୁ ଆଉ ଅଧିକ ବୁଝାଇବା ଆବଶ୍ୟକନାହିଁ ।

ବର୍ତ୍ତମାନ ଆମ୍ଭ ଦେଶବାସିଙ୍କୁ ନିବେଦନ ଯେ ସେମାନେ ନିଜର କର୍ତ୍ତବ୍ୟ ମନେ କରି ଖଦଡ଼ କିଣିବାଦ୍ୱାରା ଆମ୍ଭମାନଙ୍କୁ ଉତ୍ସାହ ତଥା ଦେଶକାର୍ଯ୍ୟରେ ସାହାଯ୍ୟ ଦିଅନ୍ତୁ ।

ନିବେଦକ ।

ଡାକ୍ତର ଏକରାମ ରସୁଲ
ଶ୍ରୀଯୁକ୍ତ ଭଗୀରଥି ମହାପାତ୍ର
" ଗୋପବନ୍ଧୁ ଚୌଧୁରୀ
" ହରେକୃଷ୍ଣ ଦାସ (?)
" ଯଦୁମଣି ମଙ୍ଗରାଜ
ଡାକ୍ତର ଅଟଳବିହାରୀ ଆଚାର୍ଯ୍ୟ
ଶ୍ରୀଯୁକ୍ତ ନଗେନ୍ଦ୍ରକୁମାର ବସୁ
" ସତ୍ୟନାରାୟଣ ସେନ୍‌ଗୁପ୍ତ
" ଶ୍ରୀଧର ମହାନ୍ତି
" ରଜକୃଷ୍ଣ ବୋଷ
" ହରେକୃଷ୍ଣ ଦାସ
" ଦାନାମ୍ବର ଦାସ
" ଚନ୍ଦ୍ରାମଣି ଭୂୟାଁ

ନିଖିଳ ଉତ୍କଳ ମହିଳା ସମ୍ମିଳନୀ ।

ଭଉଣୀମାନେ !

ଗତବର୍ଷ କଟକଠାରେ ନିଖିଳ ଉତ୍କଳ ମହିଳା ସମ୍ମିଳନୀର ୧ମ ଅଧିବେଶନ ହୋଇଥିଲା । ଉତ୍କଳର ଭିନ୍ନ ଭିନ୍ନ ଅଞ୍ଚଳର ମହିଳାମାନେ ସେହି ସମ୍ମିଳନୀରେ ଯୋଗ ଦେଇଥିଲେ । ଉତ୍କଳର ନାରୀଜାତି ଯେ ଘୋର ଅନ୍ଧକାରରେ ପଡ଼ିରହିଛନ୍ତି, ତହିଁରେ ଉତ୍କଳନାରୀ ସମ୍ମିଳନୀ ଦ୍ୱାରା ତାହାର କାହାରକି ଅନ୍ଧାର ଲାଗିପାରେ । ଉଥାପି ଏ ସତ୍ୟକଥା ! ସେହି ଘୋର ନାରୀଜାତି ଜାଗିନାହିଁ, ସେ ପର୍ଯ୍ୟନ୍ତ ଦେଶ ଜାଗିବା ଅସମ୍ଭବ । ଭାରତର ଅନ୍ୟାନ୍ୟ ପ୍ରଦେଶର ରମଣୀମାନେ ଦେଶ କାର୍ଯ୍ୟରେ ଖୁବ୍ ସହାନୁଭୂତି କରିବା କଥା ଆମ୍ଭେମାନେ ଜାଣୁଥାଇଁ । ଏପରି ଅବସ୍ଥାରେ ଆମ୍ଭେମାନେ ଘରକଣରେ ଚୁପ୍ ମାରି କେତେଦିନ ଲୁଚିବସିବା ? ପୁରୁଷର କାର୍ଯ୍ୟରେ ସ୍ତ୍ରୀ ପୂର୍ଣ୍ଣ ସାହାଯ୍ୟ ନ କଲେ ସେ ସହଧର୍ମିଣୀ ହେବ ବା କିପରି ? ଆମ ଭିତରୁ ଦୁଇ ୨ ପୁରୁଷ ଦେଶରେ ଅଣାଇବ ବାହାରିଲେଣି । ଏହା ଆମ୍ଭମାନଙ୍କ ପକ୍ଷରେ ଗୌରବ କଥା । ଆମ୍ଭେମାନେ ଅନ୍ଧାରରେ ପଡ଼ିରହି ଜାନ ପର୍ଯ୍ୟନ୍ତରେ ସେମାନଙ୍କୁ ବାନ୍ଧିରଖିବା ଆମ୍ଭମାନଙ୍କର ଧର୍ମ ନୁହେଁ । ନିଖିଳ ଉତ୍କଳ ମହିଳା-ସମ୍ମିଳନୀର ୨ୟ ଅଧିବେଶନ ଉତ୍କଳ ପ୍ରାଦେଶିକ ସମ୍ମିଳନୀ ସମୟରେ ବୋଲଗଡ଼ଠାରେ ବସିବ । ପୁରୁଷମାନେ ଯେ କାର୍ଯ୍ୟ କରିବାକୁ ବାହାରିଛନ୍ତି ଆମ୍ଭେମାନେ ତାଙ୍କ କାର୍ଯ୍ୟରେ କେତେଦୂର ସାହାଯ୍ୟ କରିପାରିବା ସେହିକଥା ବିଶେଷ ଭାବରେ ଏହି ସମ୍ମିଳନୀରେ ପଡ଼ିବ । ଅନୁରୋଧ ଉତ୍କଳର ଭିନ୍ନ ୨ ଅଞ୍ଚଳର ଭଉଣୀମାନେ ଅଧିକ ସଂଖ୍ୟାରେ ଏଥିରେ ଯୋଗଦେବେ ।

୧ । ଶ୍ରୀମତୀ ରମାମଣି ଦେଈ ।
୨ । ଶ୍ରୀମତୀ ସୁନାମଣି ଦେବୀ ।
୩ । ଶ୍ରୀମତୀ ସାବିତ୍ରୀ ଦେବୀ ।
୪ । ମନଫୀ ବିବି ।
୫ । ଶ୍ରୀମତୀ ପୀତାମ୍ବରୀ ଦେବୀ ।
୬ । ଶ୍ରୀମତୀ ସୁପ୍ରଭାତ ଦେଈ ।
୭ । ଶ୍ରୀମତୀ ଅନ୍ନପୂର୍ଣ୍ଣା ।

ସମ୍ମିଳନୀ ପାଇଁ ସ୍ୱେଚ୍ଛାସେବକ

ଅକ୍ଟୋବର ତା ୨୪।୨୫ରିଖ ବୋଲଗଡ଼ଠାରେ ଉତ୍କଳପ୍ରାଦେଶିକ ସମ୍ମିଳନୀର ୨ୟ ଅଧିବେଶନ ହେବ, ସେଥିପାଇଁ ୧୦୦ ଜଣ ସ୍ୱେଚ୍ଛାସେବକ ଆବଶ୍ୟକ, ଯେଉଁମାନେ ସ୍ୱେଚ୍ଛାସେବକ ହେବାକୁ ଇଚ୍ଛୁକ, ଅକ୍ଟୋବର ମାସ ପହିଲ ପୂର୍ବରୁ ଅଭ୍ୟର୍ଥନାସମିତିଙ୍କ ନିକଟକୁ ଆବେଦନ ପତ୍ର ପଠାଇବେ । ସ୍ୱେଚ୍ଛାସେବକମାନଙ୍କୁ ସମ୍ମିଳନୀ ତରଫରୁ କେବଳ ଖାଦ୍ୟପେୟ ଯୋଗାଇ ଦିଆଯିବ । ଇତି ।

ସମ୍ମିଳନୀ ଅଫିସ ବୋଲଗଡ଼ ତା ୧୪-୯-୨୫	ଦୁଃଖିଶ୍ୟାମ ଦାସ ସଂପାଦକ ଉତ୍କଳ ପ୍ରାଦେଶିକ ସଂମିଳନୀ

ଅଗଷ୍ଟ ୧୯।୨୦ ତାରିଖରେ ମହାତ୍ମା ଗାନ୍ଧିଙ୍କ ଅଭ୍ୟର୍ଥନା ଉପଲକ୍ଷେ ଆଦାୟ ହୋଇଥିବା ଚାନ୍ଦା ତହିଁର ଖର୍ଚ୍ଚ ହିସାବ—

ଆୟ—

୧	ଶ୍ରୀଯୁକ୍ତ ମଧୁସୂଦନ ଦାସ (ମଧୁବାବୁ)	ଟ ୧୦୦୧
୨	" ଗଣେଶଲାଲ ପଣ୍ଡିତ	ଟ ୨୦୧
୩	" ସତ୍ୟନାରାୟଣ ସେନ୍‌ଗୁପ୍ତ	ଟ ୧୦୧
୪	" ହରେକୃଷ୍ଣ ଦାସ	ଟ ୧୫୧
୫	" ଇନ୍ଦୁ ରାମ	ଟ ୧୦୧
୬	" ସାରେଶ୍ୱର ମହାନ୍ତି	ଟ ୫୧
୭	" ଶ୍ରୀଧର ମହାନ୍ତି	ଟ ୫୧
୮	" ଅଟଳବିହାରୀ ଆଚାର୍ଯ୍ୟ	ଟ ୨୧
୯	" ଗିରିଧାରୀ ଜଗତି	ଟ ୨୧
୧୦	" ଗୋପାଳଚନ୍ଦ୍ର ବସୁ	ଟ ୧୧
୧୧	" ଉମାଚରଣ ପଟ୍ଟନାୟକ	ଟ ୫୧
୧୨	ଡାକ୍ତର ଏକରାମ ରସୁଲ	ଟ ୪୧
୧୩	ମୌଲବି ଅବ୍‌ଦୁଲ ଜବ୍ବାର	ଟ ୧୦୧
୧୪	ଶ୍ରୀ ହରେକୃଷ୍ଣଦାସଙ୍କଦ୍ୱାରା ସଂଗୃହୀତ	ଟ ୫୫୯/
୧୫	" ଗୋପବନ୍ଧୁ ଚୌଧୁରୀଙ୍କଦ୍ୱାରା ସଂଗୃହୀତ	ଟ ୨୧
୧୬	" ଲାଲ ନଗେନ୍ଦ୍ର ବସୁଙ୍କଦ୍ୱାରା ସଂଗୃହୀତ	ଟ ୧୫।୩
	ମୋଟ	ଟ ୨୬୧୯/୩

ଖର୍ଚ୍ଚ—

୧	ସୂତାକଟା ଦେଖାଇବାପାଇଁ ଖର୍ଚ୍ଚ	ଟ ୬୫୨/୯
୨	ଅଲୁଅ ଖର୍ଚ୍ଚ	ଟ ୧୪୨/
୩	ସ୍ୱେଚ୍ଛାସେବକ ଓ କଟକ ବାହାରୁ ଆସିଥିବା ଅଭ୍ୟାଗତମାନଙ୍କ ଖାଇବା ଖର୍ଚ୍ଚ	ଟ ୬୨୫/୧୨
୪	ଗାନ୍ଧି ମଟର ଭଡ଼ାରେ ଖର୍ଚ୍ଚ	ଟ ୩୨।
୫	ଛପା ଖର୍ଚ୍ଚ	ଟ ୨୮
୬	ପୋଷ୍ଟକାର୍ଡ ଷ୍ଟାମ୍ପ	ଟ ୦ ।୫
୭	ଫୁଲହାର	ଟ ୬୨
୮	ଅନ୍ୟାନ୍ୟ ଖର୍ଚ୍ଚ	ଟ ୩୨।୪୨
		ଟ୨୨୭୪/୩

ଛପା ଖର୍ଚ୍ଚ ବାବଦରୁ ଯତ୍ନୁରପ୍ରେସର ଟ୨୨ ବାକି ଅଛି । ଉଦ୍ବୃତ୍ତ ଅମୃତ୍ୟାସ୍ୱର କମିଟିଙ୍କ ତବିଲ ଓ ଉପିଦ୍ ଅଲ୍ପ ସ୍ୱରାଜ୍ୟାଶ୍ରମଠାରେ ରଖା ଯାଇଅଛି ।

ଶ୍ରୀ ଭଗୀରଥି ମହାପାତ୍ର ।

Digitized by srujanika@gmail.com

ଟାଇପ !		ଟାଇପ !!		ଟାଇପ !!!

ଉତ୍କଳର ଏକମାତ୍ର ଲବ୍ଧପ୍ରତିଷ୍ଠ ସୁଦର୍ଶନ ଟାଇପ ଫାଉଣ୍ଡ୍ରୀର ଯାବତୀୟ ସରଞ୍ଜାମ ଆମ୍ଭେମାନେ କ୍ରୟକରିଅଛୁଁ ନୂତନ ଟାଇପ (ଇଂଲଣ୍ଡର, ସ୍ୱଦେଶୀୟ, ଚେସ, ତ୍ରିଭାଷାର ଅକ୍ଷର, ଗଠନ ପ୍ରଣାଳୀ) ଓ ପ୍ରେସର ସମସ୍ତ ଜିନିଷମାନ ସୁଲଭ ମୂଲ୍ୟରେ ଅତ୍ୟଳ୍ପ ସମୟମଧ୍ୟରେ ଯୋଗାଇପାରୁଁ ।

ବିଶେଷ ବିବରଣ ଆବଶ୍ୟକ ।

ଶୀଘ୍ର ଅର୍ଡର ପଠାନ୍ତୁ ।

ମ୍ୟାନେଜର୍

କଟକ ପ୍ରିଣ୍ଟିଂକମ୍ପାନି

ବରଧାବଜାର କଟକ ।

No. 18	WANTED.	19-9-25

A Typist and second Clerk on Rs. 25 a month for the office of the Superintendent of the Khandpara Feudatory State.

Qualifications required:—Must have passed the Matriculation Examination and have a fair knowledge of typewriting. Preference will be given to I. A. passed candidates having previous experience in correspondence works.

Applications should reach the undersigned on or before the 30th September 1925.

The 8th September, 1925.

B. B. Das.
Superintendent,
Khandpara
Feudatory State,
P. O. Khandpara
Garh.
Via Kantilo.

ନ ୨୯୧ ମୂର

ଲୁପ୍ତରତ୍ନୋଦ୍ଧାର ! ଲୁପ୍ତରତ୍ନୋଦ୍ଧାର

ସ୍ୱଳ୍ପକାଳେ ପ୍ରସ୍ତୁତ—

ସ୍ତୁତିଚିନ୍ତାମଣି		ମୂଲ୍ୟ ଟ ୧୧୦

ଦେବଦୁର୍ଲଭ ଭୂତ ଅପୂର୍ବ ବୈଷ୍ଣବଗ୍ରନ୍ଥ

ରହସ୍ୟମଞ୍ଜରୀ		ମୂଲ୍ୟ ଟ ୦୷

ସୁବିସ୍ତୃତ ମୂଳ ଟୀକା, ବହୁପାଠ ଓ ଟୀକାସହ ପ୍ରକାଶିତ ।

ବିଦଗ୍ଧଚିନ୍ତାମଣି (୧୦ଖଣ୍ଡି ପୋଥି ସାହାଯ୍ୟରେ ସଙ୍କଳିତ)		ପୃଷ୍ଠା ୪୫୦

ଶୁଦ୍ଧ ସଂସ୍କରଣ		ମୂଲ୍ୟ ଟ ୧୷

ବ୍ରହ୍ମନିରୂପଣ-(ଯନ୍ତ୍ରସ୍ଥ) ଅବଶ୍ୟ ପଢ଼ନ୍ତୁ ବାଞ୍ଛିତ ।

ଉପରୋକ୍ତ ଗ୍ରନ୍ଥମାନ କଲେଜ ପ୍ରଫେସର ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କଦ୍ୱାରା ସଙ୍କଳିତ ଓ ପ୍ରକାଶିତ ।

ପ୍ରାପ୍ତିସ୍ଥାନ—

ଉତ୍କଳ ସାହିତ୍ୟ ପ୍ରେସ		କଟକ

କଟକ ଟ୍ରେଡିଂ କମ୍ପାନୀ,		„

ମୁକୁର ପ୍ରେସ,		„

କଟକ ପ୍ରିଣ୍ଟିଂକମ୍ପାନୀ		„

ନ ୨୦୩

ବିଜ୍ଞାପନ

ଶ୍ରୀଯୁକ୍ତ ଅଶ୍ୱିନୀକୁମାର ଘୋଷ ଏମ୍, ଏଙ୍କ ପ୍ରଣୀତ ନୂତନ ନାଟକ :—

ସମଲେଶ୍ୱରୀ		ମୂଲ୍ୟ ଟ ୧୧୦

କେଶରୀଗଙ୍ଗ		ମୂଲ୍ୟ ଟ ୧।

ଓ ଅନ୍ୟାନ୍ୟ ନାଟକ ଗଳ୍ପ, ଉପନ୍ୟାସ ସହିତ ଆସିଗଲେ । ପ୍ରାଚୀନ ଲେଖକମାନଙ୍କ ଗ୍ରନ୍ଥାବଳୀ, ଧର୍ମଶାସ୍ତ୍ର, ବୈଦ୍ୟଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର ଏବଂ ନମ୍ବ ପ୍ରାଇମେରୀ ଓ ମଧ୍ୟ ପ୍ରାଇମେରୀ ପାଠୋପଯୋଗୀ ପାଠ୍ୟ ପୁସ୍ତକ ଓ ଷ୍ଟେସନାରୀ ଜିନିଷମାନ ବିକ୍ରୟାର୍ଥେ ସର୍ବଦା ପ୍ରସ୍ତୁତ ଅଛି ।

ବ୍ୟବସାୟୀମାନଙ୍କ ନିମନ୍ତେ ବିଶେଷ ସୁବିଧା କରିଅଛୁଁ । ଉକ୍ତ ଠିକଣାରେ ପତ୍ରଦେଲେ ସମସ୍ତ ବୁଝିପାରିବେ ।

ଅଗ୍ରଣୀ ଲାଇବ୍ରେରୀ
ବାଲୁବଜାର
କଟକ

ସ୍ୱତ୍ୱାଧିକାରୀ

ଶ୍ରୀ ଅବନୀନ୍ଦ୍ର ଘୋଷ ।

ନ ୨୯୭ ମୂର

ନୀରଦ ଘୋଷାଲ ପ୍ରଣୀତ ।

ବର୍ଣ୍ଣିକର ଗଳ୍ପ ।

ଗୋଟିଏ ମନୋରମ ଗଳ୍ପ । ଉତ୍କଳ ଦୀପିକାରେ ପ୍ରକାଶିତ । କେହି ପଢ଼ିବାକୁ ଆରମ୍ଭ କଲେ ଶେଷ ନ କରି ଉଠିପାରିବେ ନାହିଁ । ହିନ୍ଦୁ, ମୁସଲମାନ ମାନଙ୍କର ପରସ୍ପର ପ୍ରତି ଯେଉଁ ବିଦ୍ୱେଷ ଭାବ ଅଛି ତାହା ଦୂର କରିବା ଲେଖକର ଉଦ୍ଦେଶ୍ୟ । ପଢ଼ିଲେ ଜାଣନ୍ତୁ ।

ମୂଲ୍ୟ ଟ ୦୵ ମାତ୍ର ।

ପ୍ରାପ୍ତି ସ୍ଥାନ—ମ୍ୟାନେଜର ଶ୍ରୀ ଚୈତନ୍ୟ ଚରଣ ଦାସ ଦପ୍ତରୀ

ପୋଃ ଅଃ ଜଗଦଲ, ଜିଃ ବାଲେଶ୍ୱର ।

—୦—

ନ ୨୭୨ ମୂର

ଶିଶୁବୋଧ ବ୍ୟାକରଣ ।

(ଶ୍ରୀଯୁକ୍ତ ପଣ୍ଡିତ ଗଦାଧରରଥ ଶର୍ମାଙ୍କ ପ୍ରଣୀତ)

ସୁକୁମାରମତି ବାଳକ ବାଳିକାମାନଙ୍କର ଅଳ୍ପାୟାସରେ ବ୍ୟାକରଣ ଶିକ୍ଷାପଥ ସୁଗମ କରିବା ନିମିତ୍ତ ବହୁଦିନରୁ ଚେଷ୍ଟା କରି ଏହି ଶିଶୁବୋଧ ବ୍ୟାକରଣ ଖଣ୍ଡିକ, ବହୁ ଆୟାସ ସ୍ୱୀକାର ପୂର୍ବକ ଅତି ସୁଖ ସଙ୍କଳନ କରି ବିଦ୍ୟୋତ୍ସାହୀ ବିଦ୍ୟାରସିକ ଶିକ୍ଷକ ମହାଶୟମାନଙ୍କ ନିକଟରେ ଉପସ୍ଥାପିତ କଲୁଁ । ଏହା ନିମ୍ନପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ଉଚ୍ଚ ପ୍ରାଥମିକ ଏବଂ ମଧ୍ୟଇଂରାଜୀ ବୃତ୍ତି ବିଦ୍ୟାଳୟର ଅଧ୍ୟାୟୀଗଣଙ୍କ ପଠନୋଦ୍ଦେଶ୍ୟରେ ରଚିତ ହୋଇଅଛି ଏହା ଛାତ୍ରଗଣଙ୍କର କିଞ୍ଚିତ ପରିମାଣରେ ଉପକାର ସାଧନ କଲେ ମୋର ଶ୍ରମସାର୍ଥକ ହେଲା ବୋଲି ମନେ କରିବି । ସୁଲଭମୂଲ୍ୟ ଟ ୦। ଚାରିଅଣା ମାତ୍ର ।

ଗୌରୀ ଭଣ୍ଡାର
ଗୌଧୂଳିବଜାର—
କଟକ

ପ୍ରାପ୍ତିସ୍ଥାନ

ଶ୍ରୀ ଗୌରଶ୍ୟାମ ମହାର୍ଥି

ପ୍ରୋପାଇଟର ।

No. 150 **Imperial bank of India.**

BANKERS OF THE GOVERNMENT OF INDIA

Authorised Capital - - - - - -	Rs. 11,25,00,000
Paid up Capital. - - - - - - -	Rs. 5,62 24250
Reserve Fund. - - - - - - -	Rs. 4,01,79,005
Reserve Liability of shareholders. - - -	Rs. 5,61,72.750

BRNCHES in all principal towns of India, Burma and Ceylon

CURRENT ACCOUNTS opened free of charge

FIXED DEPOSITS received at interest

SAVINGS BANK. Small sums received at intrerest- Present rate 4 o/o P. A

GOVERNMENT AND OTHER SECURITIES received for safe custody. Purchases and sales effected. Interest and dividends collected and credited to account or remitted according to instructions

DRAFTS AND TELEGRAPHIC transfers issued.

LOANS granted on approved security and all general banking business transacted.

Rates and rules on application
to the Officer incharge.
CUTTACK BRANCH.
Situated Collectorate building.

ନ ୧୦୮

ନୋଟିସ ।

ଟେଲିଗ୍ରାମ
ପ୍ରେସିଏସ୍
ମେଡ୍ରାସ

ଟେଲିଫୋନ
ନ ୨୨୯

ପୋଷ୍ଟ ବାକ୍ସ—୪୨୫
ଟ୍ରିପ୍ଲିକେନ୍
ମେଡ୍ରାସ

ବିଶୁଦ୍ଧ ରତ୍ନ !

ଝୁଟିରତ୍ନ ନାହିଁ !!

V. SUBRAMANIA IYER

Diamond Merchant Manufacturing Jeweller,
Nos., 2 & 3 Kuppumuthu Street,
Triplicane, P., O
MADRAS.

ନାକଫୁଲ ।

A		B		C		1	2	3	4	5

ହୀରକ ଖଚିତ ଟ ୧୦୦ ଠାରୁ ଟ ୧୦୦୦
ନକ୍ଷତ୍ରଦ୍ୱାର ଖଚିତ ୮'୨ ଠାରୁ ଟ ୨୦୦

ପୁଷ୍ପରାଗ ଖଚିତ ଟ ୨ ଠାରୁ ଟ ୧୨
ମରକତମଣି ଟ ୨୦ ଠାରୁ ଟ ୧୦୦

କର୍ଣ୍ଣ ।

1		2		3		4

ହୀରକମଣି ଟ ୩୦୦ ଠାରୁ ଟ ୧୦୦୦
ନକ୍ଷତ୍ରଦ୍ୱାର ଟ ୪୦ ଠାରୁ ଟ ୩୦୦

ପୁଷ୍ପରାଗ ଟ ୩୦ ଠାରୁ ଟ ୫୦
(ବିନ୍ଦୁମୋତି ପ୍ରଭୃତି ଅଧିକ ଲାଗିବ)

ପତ୍ର ଲେଖିଲେ ସଚିତ୍ର କ୍ୟାଟଲଗ ପଠାଯିବ

Split by PDF Splitter

Digitized by srujanika@gmail.com

ବିଜ୍ଞାପନ।

ପରମାନନ୍ଦ ସାହା ଏଣ୍ଡ ସନସ୍।

ସ୍ୱତ୍ୱାଧିକାରୀ
ଶ୍ରୀ ସୂର୍ଯ୍ୟକାନ୍ତ ସାହା।
ଶ୍ରୀ ରଜନୀକାନ୍ତ ସାହା।

ସନ ୧୨୭୨ ସାଲରେ ପ୍ରତିଷ୍ଠିତ

ବଙ୍ଗଦେଶର ଅତିପ୍ରାଚୀନ ଓ ସୁପ୍ରସିଦ୍ଧ ସ୍ୱର୍ଣ୍ଣ ଓ ରୌପ୍ୟାଲଙ୍କାରବ୍ୟବସାୟୀ ସ୍ୱର୍ଗୀୟ ପରମାନନ୍ଦ ସାହା ମହାଶୟଙ୍କର ପୁତ୍ରଦ୍ୱୟ ଶ୍ରୀ ସୂର୍ଯ୍ୟକାନ୍ତ ସାହା ଓ ଶ୍ରୀ ରଜନୀକାନ୍ତ ସାହାଙ୍କ ଅଳଙ୍କାର ଦୋକାନ ସାଁ ବୋଡକାର, ପୋଷ୍ଟ ଓ ସହର ମେଦିନୀପୁର।

ଏହି ଦୋକାନରେ ଆଧୁନିକ ସଙ୍ଗତା ଓ ରୁଚି ଅନୁମୋଦିତ ସର୍ବଦା ବ୍ୟବହାର ଉପଯୋଗୀ ବା ବିବାହ, ଅନ୍ନପ୍ରାଶନାଦି ଶୁଭକାର୍ଯ୍ୟରେ ଆବଶ୍ୟକୀୟ ଯାବତୀୟ ପ୍ରକାର ବିଶୁଦ୍ଧ ସ୍ୱର୍ଣ୍ଣ ଓ ରୌପ୍ୟାଦିର ଅଳଙ୍କାର ପ୍ରଚୁର ପରିମାଣରେ ସର୍ବଦା ବିକ୍ରୟାର୍ଥେ ପ୍ରସ୍ତୁତ ରହିଅଛି। ଆମ୍ଭେମାନେ ଆମ୍ଭମାନଙ୍କର ଏହି ଅତୀତ ସ୍ୱର୍ଣ୍ଣର ବିଶୁଦ୍ଧତା, ସଙ୍ଗତ ମୂଲ୍ୟ, ମଜୁରି ବା ବାଣୀ ଓ ବ୍ୟବସାୟ ପରିଚାଳନାରେ ସତ୍ୟତା-ମୂଳକ ବ୍ୟବହାର ଏକନିଷ୍ଠଭାବରେ ଅବଲମ୍ବନ ପୂର୍ବକ ଅକ୍ଷୁଣ୍ଣଭାବରେ ଏପର୍ଯ୍ୟନ୍ତ କାର୍ଯ୍ୟ ସୁସ୍ୱଚ୍ଛନ୍ଦରୂପେ ପରିଚାଳନ କରି ଆସୁଅଛୁ।

ଆମ୍ଭମାନଙ୍କର ବହୁଳ ଭଣ୍ଡାର ସତ୍ୱଦସ୍ତ ଓ ପୃଷ୍ଠପୋଷକ ଗ୍ରାହକମହୋଦୟମାନଙ୍କର ନିରବଚ୍ଛିନ୍ନ ବିଶ୍ୱାସ ଓ ସନ୍ତୋଷ ଏହି ର ପ୍ରକୃଷ୍ଟ ପ୍ରମାଣ। ସ୍ୱୟଂ ଆସି ବା ପତ୍ରଲେଖି ସବିଶେଷ ବିବରଣ ଅବଗତ ହୁଅନ୍ତୁ। ଏତାଦୃଶ ପ୍ରାର୍ଥନା।

ନ ୩୬୮ ମ୍ବର ବିଜ୍ଞାପନ।

ଉତ୍କଳ ଫାରମେସି [ଡାକ୍ତରଖାନା]

ବାଲୁବଜାର କଟକ।

ଡାକ୍ତର ଶ୍ରୀ ବାବୁ ସୁଧାଂଶୁଶେଖର ସିଂହ ବି, ଏସ୍, ସି, ଏମ୍, ବି

ଉପସ୍ଥିତ।

ରୋଗିମାନଙ୍କୁ ଦେଖିବା ଓ ବ୍ୟବସ୍ଥା ଦିଆଯାଏ, ଔଷଧମାନ ସୁଲଭ ଓ ଅକୃତ୍ରିମ। ଉକ୍ତ ଡାକ୍ତର ଙ୍କର ଆବିଷ୍କୃତ ସର୍ବଜ୍ୱରାଙ୍କୁଶ ବଟିକା” ମେଲେରିଆ ଜ୍ୱର, ପାଳିଜ୍ୱର, କମ୍ପଜ୍ୱର, ପ୍ଳୀହା ଓ ଯକୃତ ସଂଯୁକ୍ତ ଜ୍ୱର ପ୍ରଭୃତି ଦେହରେ ଜ୍ୱରର ଅବ୍ୟର୍ଥ ମହୌଷଧ। ମୂଲ୍ୟ ୨୪ ବଟିକାରୁ ୫ ୧ ଡାକ ମାସୁଲ ଏକଡବାକୁ ୫୦। ମୁଫସଲ ଏଜେଣ୍ଟମାନଙ୍କୁ ଉପଯୁକ୍ତ କମିଶନ ଦିଆଯିବ। ସର୍ବସାଧାରଣଙ୍କର ପରୀକ୍ଷା ପ୍ରାର୍ଥନୀୟ

ସ୍ୱର୍ଣ୍ଣମୟୀ ଇଙ୍କ୍।

ନ ୮୩ ମ୍ବର

ଗୁଣେ ଦେଖ! ବରେ ସସ୍ତା!!

ଆମ୍ଭମାନଙ୍କ କାଳୀ ସମସ୍ତ ଲୋକଙ୍କ ଓ ସରକାରୀ ଆଫିସରେ ବ୍ୟବହୃତ ହେଉଅଛି ଏହା ଷ୍ଟୋଭ୍ କାନାରଙ୍ଗ ରହିତ ମୁଦ୍ରିତ ଚିହ୍ନ ଭାବରେ ଚିର ହୋଇଥାଏ, ବୈଜ୍ଞାନିକ ଉପାୟରେ ସେହିକାରଣରୁ ଟ୍ୟାବଲେଟ୍ ଛାଅହୁଏ, ଉପହାରର ପ୍ରଲୋଭନ ନାହିଁ।

ଉତ୍କଳ ବ୍ଲୁ ବ୍ଲାକ, ଲାଲ, ସବୁଜ ଓ ଷ୍ଟାମ୍ପଇଙ୍କ୍ ଗ୍ରସ୍ (୧୪୪) ମୂଲ୍ୟ ୫୦ ଓ୪/ ମାସୁଲ ଏକଗ୍ରୋସ ୫୦/୦, ଦୁଇଗ୍ରୋସ ୫୦।୪ ଚାରିଗ୍ରୋସ ୫୦।୦, ଛଅଗ୍ରୋସ ୫୦ ଓ/ ଏଜେଣ୍ଟ ମାନଙ୍କୁ ପ୍ରଚୁର କମିଶନ ଦିଆହୁଏ।

Sworna mayee Ink Store. 14 Deki Serampur Road Intaly Calcutta	ସ୍ୱର୍ଣ୍ଣମୟୀ ଇଙ୍କଷ୍ଟୋର ୧୪। ଡିହି ଶ୍ରୀରାମପୁର ରୋଡ ଇଣ୍ଟାଲି କଲିକତା

No 312 15. 7. 26

Electric Buttons.

These buttons are exquisitely beautiful and lovely. The bulbs are in the buttons and on switching it will emit light which will enable he wearer to walk freely in the tdark. There is no fear of their being broken. They will never be out of order even if used for a life time. If the buttons are hung up in the walls and switched the room will be lighted.

Price Rs. 4 for one set (3). Postage Annas 6.

Combined Lighter and Pencil.

Newly imported from Germany A gentle rub will kindle fire, very convenient for lighting cigarettes etc, and can be used as pencil. Very handy for constant use. Price Re. 1-4.

Binoculars.



Very decent thing Distant objects are seen very near, used for seeing sceneries of mountains, stars planets, races etc.

Price Rs. 2. Postage As. 6.

Electric Light in Rose Flower.

A Newly imported light in Rose flower invented by Germans. There is a connection of the flower with the battery and if it is plated in the brest pocket and switched the rose will be radiant with bright light and attract everybody's attention. You can freely walk in the dark with its help.

It is not only fancy but most useful.

Price:—Rs. 2-8. Postage Anna 6 Extra battery as/12/

S. C. SEAL.
136, Upper Chitpur Road.
P. O. Hatkhola. Calcutta

ନ୧୯୦ମ୍ବର

ନୋଟିସ।

ଇମ୍ପିରିଏଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେଭିଂସ ବ୍ୟାଙ୍କରେ ଟଙ୍କା ଅମାନତ ରଖିବାର

ନିୟମାବଳୀ—

ଅମାନତ ରଖିବା।

ତା ୧ ଲା ଜାନୁଆରୀଠାରୁ ତା ୩୧ ଲା ଡିସେମ୍ବର ପର୍ଯ୍ୟନ୍ତ ଏକବର୍ଷ ମଧ୍ୟରେ ଉକ୍ତ ସେଭିଂସ ବ୍ୟାଙ୍କରେ ମୋଟ ପାଞ୍ଚହଜାର ଟଙ୍କା ଜମା ଦିଆଯାଇପାରେ। ଦୁଇ କିମ୍ବା ତତୋଧିକ ବ୍ୟକ୍ତିମାନଙ୍କ ନାମରେ ହିସାବ ଖୋଲାଯାଇ ପାରେ। ତନ୍ମଧ୍ୟରୁ ବା—ତତୋଧିକ ବ୍ୟକ୍ତି ବା ସେମାନଙ୍କ ମଧ୍ୟରୁ ଜୀବିତ ଥିବା ବ୍ୟକ୍ତି ବା ବ୍ୟକ୍ତିମାନେ ଜମା ଟଙ୍କା ଉଠାଇ ନେଇପାରନ୍ତି।

ଉଠାଇ ନେବା

ଯେ କୌଣସି ସମୟରେ ଟଙ୍କା ଉଠାଇ ନିଆଯାଇପାରେ କିନ୍ତୁ ସପ୍ତାହ ମଧ୍ୟରେ ଏକାଧିକ ଥର ଉଠାଇ ନିଆଯାଇ ନ ପାରେ।

ଯେଉଁ ଅମାନତକାରୀମାନେ ହିସାବ ଖୋଲି ହୋଇଥିବା ସହରରେ ବାସ ନ କରନ୍ତି ସେମାନେ ଡାକଦ୍ୱାରା ଟଙ୍କା ଆଣାଇ କରି ଓ ଉଠାଇ ନେଇପାରନ୍ତି।

ଟଙ୍କା ଭାରତରେ ବ୍ୟାଙ୍କର ଏକ ଅଫିସରୁ ଥିବା ହିସାବ ଉଠାଇ ନେଇ ଅନ୍ୟ ଅଫିସର ହିସାବ ଭୁକ୍ତ କରାଯାଇପାରେ।

ବିଶେଷ ଅମାନତ ସମ୍ବନ୍ଧୀୟ ହିସାବ।

କୌଣସି ବ୍ୟକ୍ତିଙ୍କ ହିସାବରେ ଦଶହଜାର ପର୍ଯ୍ୟନ୍ତ ଟଙ୍କା ଜମା ହୋଇଗଲେ ସେହି ବ୍ୟକ୍ତି ଉକ୍ତ ସମସ୍ତ ଟଙ୍କା ବା ତହିଁ ମଧ୍ୟରୁ ୫ ୨୦୦୦ କି କମ୍ବା ତାହାର କୌଣସି ଗୁଣିତକ ଯଥା [୫ ୪୦୦୦।୬୦୦୦—ଏହି ପ୍ରକାରେ] ସେହି ହିସାବରୁ ଉଠାଇ ନେଇ ଏକଗୋଟି ବିଶେଷ ସେଭିଂସ ବ୍ୟାଙ୍କ ହିସାବ ଖୋଲିପାରନ୍ତି। ଏବଂ ଏହିପ୍ରକାର ହିସାବରେ ଟଙ୍କା ଅଦାୟ ନେବାକୁ ଇଚ୍ଛାକଲେ ଅଦାୟ ତାରିଖର ମା ୩ ସ ପୂର୍ବରୁ ନୋଟିସ ଦେବାକୁ ହେବ।

ସୁଧ!

କୌଣସି ସାଧାରଣ ହିସାବରେ ଦଶହଜାର ଟଙ୍କାରୁ ଅନଧିକ ମାସିକ ନ୍ୟୂନତମ ଜମା ଉପରେ ବାର୍ଷିକ ଶତକଡ଼ା ୫ ୪ ୧ ହାରରେ ସୁଧ ଦିଆଯାଏ ଏବଂ ବିଶେଷ ସେଭିଂସ ବ୍ୟାଙ୍କ ହିସାବରେ ଥିବା ମୌଳିକ ଜମା ଟଙ୍କା ଉପରେ ଦେଲେ ବାର୍ଷିକ ୫ ୪୨ କା ହାରରେ ସୁଧ ଦିଆଯିବ।

ବ୍ୟାଙ୍କ ଅଫିସରେ ଦରଖାସ୍ତ କଲେ ନିୟମାବଳୀ ମିଳିବ।

ତା ୧୨।୧୦।୧୯୨୬	}	ଇମ୍ପିରିଏଲ ବ୍ୟାଙ୍କ ଅଫିସ ଇଣ୍ଡିଆ
କଟକ	}	ଅଫିସର ଇନଚାର୍ଜ

ନ ୮୦ ମ୍ବର ଅଳଙ୍କାର ବିଜ୍ଞାପନ।

MESSRS MADHAVJEE LAVJEE & Co.

ମାଧବଜୀ ଲବଜୀ ଏଣ୍ଡ କୋ ଯୁଏଲର୍ସ ଏଣ୍ଡ ଅର୍ଡର ସପ୍ଲାୟର।

Nayasadak P. O, Chandnichowk WATCHES

Silver Order suppliers

ଚାନ୍ଦନୀଚୌକ CUTTACK ନୟାସଡ଼କ

ଆସନ୍ତୁ! ଦେଖନ୍ତୁ!! କିଣନ୍ତୁ!!! ଓ ନିଜେ ନିଜେ ଉପହାର ଦିଅନ୍ତୁ!!!!

ଉତ୍ତମ ସୁଯୋଗ। ଶ୍ରେଷ୍ଠ ଆୟୋଜନ। ସୁଲଭ ମୂଲ୍ୟ!

ସୁନା, ରୁପା, ପଥର, ଜହରତ ଓ ଗିଲ୍ଟି ଇତ୍ୟାଦିର ନାନା ପ୍ରକାର ଅଳଙ୍କାରମାନ ଏଠାରେ ସୁନ୍ଦରରେ ଓ ଶସ୍ତା ମଜୁରିରେ ଆଧୁନିକ ଫ୍ୟାସନର ନୂତନ ଛାଞ୍ଚରେ ପ୍ରସ୍ତୁତ ହୁଏ ଓ ସର୍ବଦା ବହୁତ ପ୍ରକାରର ତୟାରି ଅଳଙ୍କାର ଦୋକାନରେ ମହଜୁଦ ଥାଏ। ଏଠାରେ ଅର୍ଡରମାନ ଅଳ୍ପ ସମୟରେ ଯତ୍ନ ସହିତ ପ୍ରସ୍ତୁତ ହୁଏ ଓ ପ୍ରତ୍ୟେକ ଗ୍ରାହକଙ୍କ ମନ୍ଦ ଲେଖିବେ ତ୍ୱରିତ ପଠାଯାଉଅଛି। ଯେଉଁ ଗ୍ରାହକମାନେ ଅଳଙ୍କାର ଖାଣ୍ଟି ଅର୍ଡର ଦେଇଛନ୍ତି ସେମାନଙ୍କର ଜବାବ ମନୋମତ ନ ହେଲେ ଏହି ଡାକରେ ଫେରସ୍ତ ସ୍ୱୀକାର କରାଯାଇ ଦେବା ପାଇଁ ଓ ଖାତିର ଦେଖାଇ ଫେରସ୍ତ କରନ୍ତୁ। କୌଣସି ଅଳଙ୍କାର ଗଢ଼ାଇବାର ଦରକାର ହେଲେ ଏହି କୋଠି ଅବଶ୍ୟ ଦେଖନ୍ତୁ ଓ ମୋହର ଓ ନୋଟର ବଦଳ ଦୋକାନରେ ହୁଏ। ସେହି କାରଣରୁ ଅଳଙ୍କାର ବଦଳାଇବା ଏଠାରେ ଭଲ ଏବେ ବୁଝନ୍ତୁ, ଏବେ ବୁଝିଲେ ଦର ଦୋକାନରେ ସବୁଦିନ ଦେଖିବା ମିଳିବ।

Digitized by srujanika@gmail.com

ଅ ଭା ବ ନୀ ୟ ସୁ ଯୋ ଗ !

ଅର୍ଦ୍ଧ ମୂଲ୍ୟ ! ଅର୍ଦ୍ଧ ମୂଲ୍ୟ !!

କେବଳ ଉତ୍କଳଦୀପିକାର ନୂତନ ଓ ପୁରାତନ ଗ୍ରାହକବର୍ଗଙ୍କପାଇଁ ଆସନ୍ତା ଜାନୁୟାରୀ ମାସ ପର୍ଯ୍ୟନ୍ତ

ପତ୍ରିକାର ଆକାର ପରିବର୍ତ୍ତନ ହୋଇଅଛି । ବର୍ତ୍ତମାନ ଉତ୍ତମ କାଗଜ ଓ ପରିଷ୍କାର ଛପା କରାଯାଉଅଛି ।

କେବଳ ମାତ୍ର ୨୩୦ ପଠାଇ ପତ୍ରିକାର ଗ୍ରାହକଶ୍ରେଣୀଭୁକ୍ତ ହୁଅନ୍ତୁ । ତାହାହେଲେ ଘରେ ବସି ଦେଶ ବିଦେଶର ନାନାପ୍ରକାର ସମ୍ବାଦ ପାଇପାରିବେ ।

ଦ୍ୱିତୀୟତଃ ନିମ୍ନଲିଖିତ ୪୧୨ ମୂଲ୍ୟର ପୁସ୍ତକମାନ କେବଳ ୫୨ ଟଙ୍କାମାତ୍ର ମୂଲ୍ୟରେ ପାଇପାରିବେ ।

ଉତ୍କଳରେ ଏପରି ସୁଯୋଗ ଏହାହିଁ ନୂତନ ।

ଏ ସୁଯୋଗ ହରାନ୍ତୁ ନାହିଁ ।

ଶୀଘ୍ର ଅର୍ଡର ପଠାନ୍ତୁ ।

୧ । ଗୌରଗୋବିନ୍ଦ ରସାମୃତ (ଅପୂର୍ବ୍ବ ଭକ୍ତିଗ୍ରନ୍ଥ)	ଟ ୧୫	କିମ୍ବା	୧ । ବ୍ରହ୍ମାଣ୍ଡ ଭୂଗୋଳ	ଟ ୦ ୮
୨ । ଖିଳ ହରିବଂଶ	ଟ ୧୦		୨ । ବୈଶାଖମାହାତ୍ମ୍ୟ	ଟ ୦ ୮
୩ । ଲାବଣ୍ୟବତୀ (ସୁଖବୋଧିନୀଟୀକାସହ ବିଶୁଦ୍ଧ ସଂସ୍କରଣ)	ଟ ୧୦		୩ । ମାଘମାହାତ୍ମ୍ୟ	ଟ ୦ ୪
୪ । ନାମରତ୍ନଗୀତା (୧ ମ)	ଟ ୦ ।୵		୪ । ଶ୍ରୀମଦ୍ଭାଗବତ (ଜଗନ୍ନାଥ ଦାସ) ଏକସେଟ୍ ୧ ମ ଠାରୁ ୧୩ ଶ ସ୍କନ୍ଧ	ଟ ୫ ୦
୫ । ଗଙ୍ଗାମାହାତ୍ମ୍ୟ	ଟ ୦ ।୵		୫ । ସଙ୍ଗୀତ ସୁଧାନିଧି	ଟ ୦ ।
୬ । ବିଚିତ୍ର ରାମାୟଣ	ଟ ୧୦			
୭ । ଗୀତଗୋବିନ୍ଦ	ଟ ୦ ।			
୮ । ବିଲଙ୍କା ରାମାୟଣ	ଟ ୦ ୧୮			

ଏ ସମସ୍ତ ପୁସ୍ତକର ମୋଟ ମୂଲ୍ୟ ଟ ୧୨୦ ସ୍ଥଳେ ଟ ୬୦ ରେ ପାଇବେ ।

ମ୍ୟାନେଜର
କଟକ ପ୍ରିଣ୍ଟିଂକମ୍ପାନୀ ଲିମିଟେଡ୍
କଟକ ।

B. Das & Co.
Engineers Contractors
& Agents.
Chaudnichauk, Cuttack.

ବି, ଦାସ ଏଣ୍ଡ କୋ
ଇଞ୍ଜିନିୟର କଣ୍ଟ୍ରାକ୍ଟର ଏବଂ ଏଜେଣ୍ଟ
ଚାନ୍ଦନୀଚୌକ, କଟକ ।

ଆମ୍ଭେମାନେ ସମସ୍ତ ପ୍ରକାର ଇଞ୍ଜିନ, କଳ ଯନ୍ତ୍ରାଦିକାମ, ଓ ସଉଦାଗରି କରିବାର ସାଜ-ସଜ୍ଜା ଇତ୍ୟାଦି ଯୋଗାଇବାକୁ ଏବଂ ... ଅର୍ଡର କରିପାରନ୍ତି । କଣ୍ଟ୍ରାକ୍ଟ ... ଏବଂ ... ଏକମାତ୍ର ଏଜେଣ୍ଟ ଅଟୁ ।

ଓ ଅକ୍ଟୋବର

ଉତ୍କଳ ଔଷଧାଳୟ

ସର୍ବାଧିକାରୀ ଡାକ୍ତର ଅଟଲବିହାରୀ ଆଚାର୍ଯ୍ୟ ଏମ୍, ବି ଏବଂ ମେଲେରିଆ ନିବାରକ ମେଲେରିଆ ରୋଗରେ ଏହି ଅଳ ... ବ୍ୟବହାର କରିବା ଦ୍ୱାରା ... ରୋଗୀ ... ଆରୋଗ୍ୟ ହୁଅନ୍ତି ।

ଡାକ୍ତର
ଡାକ୍ତର ଶ୍ରୀ ଅଟଳବିହାରୀ ଆଚାର୍ଯ୍ୟ ଏମ୍ ବି ଙ୍କ ... ଏବଂ ମେଲେରିଆ ... ମେଲେରିଆ ... ଧନ୍ୱନ୍ତରି—ଉତ୍କଳର ... ରୋଗୀ ଏହା ବ୍ୟବହାର କରି ଆରୋଗ୍ୟ ଲାଭ କରିଅଛନ୍ତି । ଏହା ... ସେବନରେ ... ଏବଂ ... ଥାଏ ।

ମୂଲ୍ୟ ଅତି ସୁଲଭ
ବୃହତ୍ ଶିଶି ଟ ୧
ଛୋଟଶିଶି ଟ ୧୦
ଡାକ ଖର୍ଚ୍ଚ ୵, ଡାକ ମାସୁଲ ...

ଏହାଛଡ଼ା ଅନେକ ଡାକ୍ତରୀ ଔଷଧ, ଜ୍ୱର ଓ ... ନାଶକ ଓ ଶିର୍ଣ୍ଣ-କ୍ଷୁଧା ... ଔଷଧ ... ମହୌଷଧ ... ଅନେକ ...

... ଦେଖନ୍ତୁ । ... ଅନୁରୋଧ ... ।

ଆଉ ଅନ୍ୟ ପ୍ରକାର ଔଷଧାଳୟରେ ... ଡାକ୍ତର ଓ ... ଔଷଧାଳୟ ... ଦେଖିବା ... ଓ ... ରୋଗୀର ... ଅଛି ।

ମେଟେରିଆ ... ଏବଂ ... ଔଷଧାଳୟରେ ... ରକ୍ତ, ମଳ, ମୂତ୍ର, ଓ ... ପରୀକ୍ଷା କରାଯାଏ ।

ନୟାସଡ଼କ
କଟକ } ଉତ୍କଳ ଔଷଧାଳୟ

Digitized by srujanika@gmail.com

ଆୟୁର୍ବେଦୀୟ ଚିକିତ୍ସା

ପ୍ରଥମଖଣ୍ଡ—ଏହିପୁସ୍ତକ ଓଡ଼ିଆଅକ୍ଷରରେ ଛପାହୋଇ ଥିବାରୁ ଓଡ଼ିଶାରେ ଜଣେଷ ... ଅମ୍ଭେ ... । ... ଦେବୀ ... ବର୍ଣ୍ଣନା, ... ମୂଲ୍ୟ ୧ ଟଙ୍କା ମାସୁଲ ୯୦/

ଦ୍ୱିତୀୟଖଣ୍ଡ—ଏହିଖଣ୍ଡରେ ... ମୂଲ୍ୟ ୧ ଟଙ୍କା ମାସୁଲ ୧୦/

ତୃତୀୟଖଣ୍ଡ—ଏହିଖଣ୍ଡରେ ... (ଯାଣ, ...) ... ମୂଲ୍ୟ ୧ ଟଙ୍କା ମାସୁଲ ୯୦/ ଶ୍ରୀ ଜନାର୍ଦ୍ଦନ କରଣ ବୈଦ୍ୟ ।

... ଓଡ଼ିଆଅକ୍ଷରରେ ... ମୂଲ୍ୟ ୧ ଟଙ୍କା ମାସୁଲ ୬୦

ଶ୍ରୀ ଜନାର୍ଦ୍ଦନ କରଣ ବୈଦ୍ୟ

କୋକ ଶାସ୍ତ୍ର ବା ଆଦିଶାସ୍ତ୍ର ।

... ମୂଲ୍ୟ ୧୦ ଟଙ୍କା ... ମାସୁଲ ୧୦/ ଶ୍ରୀ ଜନାର୍ଦ୍ଦନ କରଣ ବୈଦ୍ୟ

କାମାଖ୍ୟା ଚନ୍ଦ୍ର ବୀ ... ବିଷ୍ଣୁ କୈଳ ଦଳୀ

[illegible]

ଶ୍ରୀ ଜନାର୍ଦ୍ଦନ କରଣ ବୈଦ୍ୟ

ସଭ୍ୟାଷ୍ଟୋର, ଓଡ଼ିଆବଜାର

ପୋ: ଆ ... ବଜାର, ଜଲକତା

No. 198

FOR SALE

CHEVROLET AND FORD CARS

RATES, CALCUTTA PRICE PLUS RLY. FREIGHT.

for Economical Transportation

CHEVROLET



SUB DEALERS
BEST OFFICE GHARRRY
OR PALKI—GHARRY FOR SALE PRICE MODRAETE.

F. H. BILIMORIA & Co.,

MISSION ROAD
CUTTACK

[Opposite New Cantonment Market.



Dealers in :—

PROVISIONS AND WINE—Fancy Goods Sporting Materials Crockery Cutlery, Aluminium and Enamel-ware, and Household goods: Motor Tyres, Tubes and Accessories, agents for "SHELL PETROL" Furniture making by order. Telegrams: "BILIMORIA CUTTACK

ମଟର ଖରିଦର ସୁବିଧା

ଚେଭ୍ରଲେଟ୍ ମଟରକାର ଏବଂ ମଟର ଲରି
ଏଫ୍, ଏଚ୍, ବିଲମୋରିଆ ଏଣ୍ଡକୋଂ
ମିସନ୍‌ରୋଡ୍—କଟକରେ ମିଳେ ।
ମୂଲ୍ୟ—କଲିକତାର ଦାମ ଏବଂ ରେଲଓଏ ମସୁଲ ।

No. 17 NOTICE 10-10-25

Wanted a Circle Officer on Rs. 50 per month for the Samanta Wards Estate, Balasore.

None need apply who has no knowledge in English, experience in Zamindary affairs, Collection and Settlement work.

The selected candidate will have to furnish a cash security of Rs. 250 as he will be entrusted with a collection of nearly Rs. 3000.

Applications with testimonials will be received by the undersigned up to the end of September 1925.

General Manager,
Wards and Trust Estates
Balasore.

No. 19 19-9-25

SANSKRIT ASSOCIATION
BIHAR AND ORISSA.
NOTICE.

Applications in the prescribed form and fees for admission of students to the various Sanskrit Examinations of 1926 will be received from candidates of the province through their respective District Inspector of Schools and from candidates appearing from out-side the province direct in the Office of the Secretary, Sanskrit Association, Bihar and Orissa, Patna, up to the 30th November, 1925.

Patna
The 11th September. 1925.

Sd Chand-
Secretary, Sanskrit Association
Bihar & Orissa.

Split by PDF Splitter
Digitized by srujanika@gmail.com

Split by PDF Splitter
No. D. 6
407

ଉତ୍କଳଦୀପିକା ।

ସାପ୍ତାହିକ ସମ୍ବାଦପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ମୂଲ୍ୟ ଅଗ୍ରୀମ ଟ ୨।୦
ପ୍ରତିଖଣ୍ଡ ଟ ୦।୧॥

ଖ ୪୦ ଗ | Cuttack Saturday the 10th October 1925
ଆଶ୍ୱିନ ତା ୨୪ ନ ସନ ୧୩୩୩ ସାଲ ଶନିବାର । | ସଂ ୩୮ଖ୍ୟା

ଆଗାମୀ କଂଗ୍ରେସ—ଏବର୍ଷ କଂଗ୍ରେସ ୪୦ଶ ଅଧିବେଶନ କାନପୁରଠାରେ ବସିବ । ଗତ ସେପ୍ଟେମ୍ବର ତା୨୭ ରିଖ ଦିନ କଂଗ୍ରେସର ଅଭ୍ୟର୍ଥନା ସମିତିର ଗୋଟିଏ ଅଧିବେଶନ ହୋଇଥିଲା । ଡାଃ ମୁରାରିଲାଲ୍ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତି ଉକ୍ତ ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଜେନେରାଲ୍ ସେକ୍ରେଟେରୀ କଂଗ୍ରେସପାଇଁ ସେ ପର୍ଯ୍ୟନ୍ତ ଯେତେ କାମ ହୋଇଅଛି ତାହା ପ୍ରକାଶ କରିଥିଲେ । ସେ କହିଥିଲେ ଟ ୪୭୦୦୦ ଙ୍କା ଆଦାୟହେବାର ଅଛି । ଅଭ୍ୟର୍ଥନାସମିତିର କେତେକ ସଭ୍ୟଙ୍କୁ ଗିରଫଦାର କରାଯାଇଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ । ଶ୍ରୀମତୀ ସରୋଜିନୀ ନାଇଡୁ ସଭାପତିରୂପେ ନିର୍ବାଚିତ ହୋଇଅଛନ୍ତି । ୧୬ ଗୋଟି ପ୍ରାଦେଶିକ କମିଟି ଶ୍ରୀମତୀ ନାଇଡୁଙ୍କ ପକ୍ଷରେ ଭୋଟଦେଇଥିଲେ । ୩ଗୋଟି ପ୍ରାଦେଶିକ କମିଟି ଶ୍ରୀଯୁକ୍ତ କେଲକାରଙ୍କ ପକ୍ଷରେ ଭୋଟ ଦେଇଥିଲେ । ପରିଶେଷରେ ସଭାପତି ମହୋଦୟ ସଭ୍ୟମାନଙ୍କୁ ଆଗାମୀ କଂଗ୍ରେସପାଇଁ ଅଦମ୍ୟ ଉତ୍ସାହ ସହକାରେ କାମ କରିବାକୁ ଉପଦେଶ ଦେବାପରେ ସଭାଭଙ୍ଗ ହୋଇଥିଲା ।

ମରକ୍କୋଯୁଦ୍ଧ—ମରକ୍କୋଯୁଦ୍ଧର ଅବସାନ ନହୋଇ ବରଂ ପୂର୍ବଠାରୁ ଭୀଷଣଭାବରେ ଚାଲିଅଛି । ଅଜସ୍ର ଗୋଳା ବର୍ଷଣଦ୍ୱାରା ରିଫର ରାଜଧାନୀ ଆଜେର୍ ନଗରରେ ଅଗ୍ନିକାଣ୍ଡ ହୋଇଯାଇଅଛି । ସେଥିରେ ଅବଦୁଲ୍‌କରିମର ଘର ମଧ୍ୟ ଭସ୍ମୀଭୂତ ହୋଇଅଛି । ବୃଷ୍ଟି ହେବାରୁ ଫରାସୀ ସୈନ୍ୟମାନଙ୍କର ବଡ଼ ଅସୁବିଧା ହେଉଅଛି । ତେବେ ସୁଦ୍ଧା ଫ୍ରାନ୍ସ ଅନେକଗୁଡ଼ିଏ ଗ୍ରାମ ଅଧିକାର କରିଛି । ସ୍ପେନମାନେ ପ୍ରଧାନ ପ୍ରଧାନ ସର୍ଦ୍ଦାରଙ୍କୁ ବନ୍ଦୀ କରିବାକୁ ଯାଇ ବିଫଳ ମନୋରଥ ହୋଇଅଛନ୍ତି, ଏଣୁ ଅବଦୁଲକରିମ ବିଶେଷ ଉତ୍ତେଜିତ ହୋଇଅଛି । ସ୍ପେନର ଜେନେରାଲ୍ ପ୍ରକାଶ କରିଅଛନ୍ତି ଯେ ଯୁଦ୍ଧ ଶୀଘ୍ର ଶେଷ ହେବାର ସମ୍ଭାବନା, କିନ୍ତୁ କାର୍ଯ୍ୟରୁ ଯେପରି ଦେଖାଯାଏ କୌଣସି ପକ୍ଷ ସହଜରେ ଦବିଯିବାର ସମ୍ଭବନାହିଁ । ଫଳ କ'ଣ ହେବ ଦେଖାଯାଉ ।

ପାଟନା ପ୍ରସ୍ତାବ—ଗତ ମାସ ତା ୨୨ ଓ ୨୫ ରିଖ ଦିନ ନିଖିଳ ଭାରତ କଂଗ୍ରେସ କମିଟିର ବୈଠକ ପାଟନାଠାରେ ବସିଥିଲା । ମହାତ୍ମା ଗାନ୍ଧି ସଭାପତିର ଆସନ ଗ୍ରହଣକରିଥିଲେ । ଦେଶବନ୍ଧୁ, ଚିତ୍ତରଞ୍ଜନ ଓ ସ୍ୟାର୍ ସୁରେନ୍ଦ୍ରନାଥଙ୍କ ପାଇଁ ପ୍ରଥମେ ସଭା ସ୍ଥଳରେ ଦୁଃଖ ପ୍ରକାଶ କରାହୋଇଥିଲା । ଗଲାଥର ବେଲଗାଁ କଂଗ୍ରେସରେ ପ୍ରସ୍ତାବ ହୋଇଥିଲା ଯେ କେବଳ ଦୁଇହଜାର ଗଜ ସୂତା ଦେବେ ସେ କଂଗ୍ରେସର ମେମ୍ବର ହୋଇପାରିବେ । ଚାରିଅଣା ପଇସା ଚାନ୍ଦାଦେବା ପ୍ରଥା ଉଠାଇ ଦିଆଯାଇଥିଲା । କଂଗ୍ରେସ କମିଟିରେ ଏହା ପ୍ରଧାନ ଆଲୋଚ୍ୟ ବିଷୟ ଥିଲା । ମହାତ୍ମାଜୀ ଏ ନୀତିର ପରିବର୍ତ୍ତନ ସମ୍ବନ୍ଧେ ବିଶେଷ କିଛି କହି ନ ଥିଲେ । ସେ ଏ ବିଷୟ ପୂର୍ଣ୍ଣଭାବରେ ସାଧାରଣଙ୍କ ଉପରେ ଛାଡ଼ି ଦେଇଥିଲେ । ଅବଶେଷରେ ପଣ୍ଡିତ ମୋତିଲାଲ ନେହେରୁ ୨୦୦୦ ଗଜ ସୂତା କିମ୍ବା ଚାରିଅଣା ଚାନ୍ଦା ଯେ ଦେବେ ସେମାନଙ୍କୁ କଂଗ୍ରେସ ମେମ୍ବର ଶ୍ରେଣୀଭୁକ୍ତ କରିବା କାରଣ ଗୋଟିଏ ପ୍ରସ୍ତାବ ଆଣିଥିଲେ । ଶ୍ରୀଯୁକ୍ତ ନେହେରୁ ଏହାର ଆବଶ୍ୟକତା ମଧ୍ୟ ବୁଝାଇ ଦେଇଥିଲେ । କେବଳ ସୂତା ଚାନ୍ଦାଦେଇ କଂଗ୍ରେସର ମେମ୍ବର ନିଯୁକ୍ତ କରିବା ଦ୍ୱାରା କଂଗ୍ରେସର ୯୦,୦୦୦ହଜାର ସଭ୍ୟ ହୋଇ ଅଛନ୍ତି । ଏହା ଅବଶ୍ୟ ସମସ୍ତ ଭାରତର ଜାତୀୟ ଅନୁଷ୍ଠାନ ପକ୍ଷରେ ସ୍ୱଳ୍ପ । ଏ ବିଷୟରେ ଅନେକ ଆଲୋଚନା ହେବାପରେ ପ୍ରସ୍ତାବ ନିମନ୍ତେ ଭୋଟ ନିଆଯାଇଥିଲା । ପ୍ରସ୍ତାବର ସପକ୍ଷରେ ୬୧ ଓ ବିପକ୍ଷରେ ୨୨ଟି ଭୋଟ ହେବାରୁ ତାହା ଗୃହୀତ ହୋଇଅଛି ।

ବ୍ରହ୍ମରେ ଭାରତବାସୀ—ବ୍ରହ୍ମଦେଶରୁ ଭାରତୀୟ ଅପରାଧୀମାନଙ୍କୁ ବହିଷ୍କରଣ କରିବାପାଇଁ ଯେଉଁ ଆଇନ ବ୍ୟବସ୍ଥାପକସଭାରେ ପାଶ୍ ହୋଇଅଛି ସେ ବିଷୟ ପାଠକମାନଙ୍କୁ ଜଣାଅଛି । ଏହି ଆଇନ କାର୍ଯ୍ୟକାରୀ ହେଲେ ବହୁସଂଖ୍ୟକ ଭାରତୀୟ ବ୍ରହ୍ମଦେଶରୁ ବାହାରିଯିବେ । ବ୍ରହ୍ମଦେଶବାସୀ ଭାରତୀୟମାନେ ମଧ୍ୟ ଏହି ଆଇନର ଯଥେଷ୍ଟ ପ୍ରତିବାଦ କରିଥିଲେ ସୁଦ୍ଧା କିଛି ଫଳ ହୋଇନାହିଁ । ଗତ ତା୨ରିଖ ଅକ୍ଟୋବର ଦିନ ବ୍ରହ୍ମଦେଶର ଭାରତୀୟ ବଣିକ ସଭାରେ ଏହାର ପ୍ରତିବାଦ ହୋଇଥିଲା । ସେମାନଙ୍କ ମତରେ ଏ ପ୍ରକାର ଆଇନ ଭାରତୀୟମାନଙ୍କର ଅନୁଷ୍ଠାନରେ ବାଧା ଜନ୍ମାଇବ । ଗଲାଥର ପାଟନାଠାରେ କଂଗ୍ରେସ କମିଟିର ବୈଠକରେ ମଧ୍ୟ ଏହାର ପ୍ରତିବାଦ ହୋଇଥିଲା । ବ୍ରହ୍ମଦେଶ ଭାରତର ଗୋଟିଏ ଅଂଶ ହୋଇ ଯେବେ ସେଠାରେ ଭାରତୀୟମାନଙ୍କପ୍ରତି ଏ ପ୍ରକାର ଅଇନଜାରି କରାଯାଇ ସେମାନଙ୍କପ୍ରତି ଏ ପ୍ରକାର ବ୍ୟବହାର କରାଯାଏ, ତେବେ ଏହାର ପ୍ରତିକାର ନ କଲେ ବ୍ରିଟିଶ ଅଧିକୃତ ଅନ୍ୟାନ୍ୟ ଦେଶମାନେ ମଧ୍ୟ ଭାରତୀୟଙ୍କପ୍ରତି ଏ ପ୍ରକାର ବ୍ୟବହାର କରିବାକୁ କୁଣ୍ଠିତ ହେବେ ନାହିଁ ।

ଶ୍ରୀମତୀ ନାଇଡୁଙ୍କ କାର୍ଯ୍ୟକ୍ରମ ।

ଆଗାମୀ କଂଗ୍ରେସପାଇଁ ନିର୍ବାଚିତ । ସଭାନେତ୍ରୀ ଶ୍ରୀମତୀ ସରୋଜିନୀ ନାଇଡୁ ତାଙ୍କର କାର୍ଯ୍ୟକ୍ରମ ସମ୍ବନ୍ଧେ ନିମ୍ନଲିଖିତ ବାଣୀ ପ୍ରକାଶ କରିଅଛନ୍ତି ।

"ମୁଁ ନାରୀ, ଏଣୁ ମୋର କାର୍ଯ୍ୟକ୍ରମ ସ୍ୱଭାବତଃ ନାରୀସୁଲଭ ଓ ଗାର୍ହସ୍ଥ୍ୟ ଧରଣର ହେବ । ମୁଁ ଭାରତମାତାଙ୍କୁ ସ୍ୱଗୃହରେ ସର୍ବମୟୀ ଅଧିଷ୍ଠାତ୍ରୀ, ତାଙ୍କର ସମ୍ପତ୍ତିର ଏକମାତ୍ର [illegible] ଏବଂ ଅତିଥିମାନଙ୍କର ଆତିଥ୍ୟଦାତ୍ରୀ ରୂପେ ପ୍ରତିଷ୍ଠା କରିବାକୁ ଚାହେଁ । ଭାରତମାତାଙ୍କ ଅନୁରକ୍ତ କନ୍ୟା-ସ୍ୱରୂପ ଆଗାମୀ ବର୍ଷ ମୋର କାର୍ଯ୍ୟ ହେବ—ମାତୃଗୃହକୁ ଶୃଙ୍ଖଳା ଆଣିବାକୁ ଚେଷ୍ଟାକରିବା, ଯେଉଁ କଳହ ଓ ଧର୍ମମତ ଭାରତମାତାର ଏକାନ୍ନବର୍ତ୍ତୀ ପରିବାର ବର୍ଗଙ୍କୁ ବିଚ୍ଛିନ୍ନ କରିବାକୁ ଉପକ୍ରମ କରୁଅଛି, ସେହି କଳହ ନିଷ୍ପତ୍ତିକରି ତାଙ୍କର ସନ୍ତାନ ଓ ଆଶ୍ରିତମାନଙ୍କର, ଅତିଥି ଓ ଅଭ୍ୟାଗତମାନଙ୍କର, ନଗଣ୍ୟ ଓ ମହତ୍ ଲୋକମାନଙ୍କପାଇଁ ମାତୃଗୃହରେ ସମାନ ସ୍ଥାନ, ସମାନ ଉଦ୍ଦେଶ୍ୟ ଲାଭକରିବା । ଏହି କାର୍ଯ୍ୟ ଦୁଷ୍କର ହେଲେ ସୁଦ୍ଧା ପ୍ରୀତିକର ।"

କାଗଜଶିଳ୍ପ—ଗତ ତା୧୦ରିଖ ସେପ୍ଟେମ୍ବର ଦିନ କାଉନ୍ସିଲ ସଭାରେ କାଗଜଶିଳ୍ପ ସମ୍ବନ୍ଧରେ କେତେକ ଆଲୋଚନା ହୋଇଥିଲା । ସରକାରପକ୍ଷରୁ ସ୍ୟାର୍ ଚାର୍ଲସ୍ ଇନେସ୍ ପ୍ରସ୍ତାବ କରିଥିଲେ ଯେ ୧୯୩୨ ସାଲ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରତିପାଉଣ୍ଡ କାଗଜ ଉପରେ ଏକଅଣା ହାରରେ ନିର୍ଦ୍ଦିଷ୍ଟ ଶୁଳ୍କ ସ୍ଥାପନ କରାଯାଉ । ତେବେ ଯେଉଁସବୁ କାଗଜରେ ଶତକଡ଼ା ୬୫ ଭାଗରୁ ବେଶୀ କାଠମଣ୍ଡ ମିଶାଥାଏ ସେ ସବୁ କାଗଜ ଉପରେ ଶୁଳ୍କ ବସିବନାହିଁ । ଶ୍ରୀଯୁକ୍ତ କାଳୀପ୍ରସାଦ ସିଦ୍ଧପ୍ରମୁଖ କେତେକ ସଦସ୍ୟ ଏହାର ପ୍ରତିବାଦ କରିଥିଲେ । ଶେଷରେ ସରକାରଙ୍କ ପକ୍ଷରୁ ସେତେବେଳେ ଏ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା ତାହା ତ କୌଣସି ପ୍ରକାରେ ପ୍ରତ୍ୟାଖ୍ୟାନ ହେବାର ନୁହେଁ । ଶ୍ରୀଯୁକ୍ତ ଲୋହକାର ପ୍ରମୁଖ କେତେକ ସଭ୍ୟ ମଧ୍ୟସ୍ଥ ହୋଇ ଚାର୍ଲସ ଇନେସ୍‌ଙ୍କର ମୂଳପ୍ରସ୍ତାବ ରଦ କରିବା କାରଣ ନାନାପ୍ରକାର ସଂଶୋଧକ ପ୍ରସ୍ତାବ ଆଣି ସୁଦ୍ଧା କିଛି ଫଳ ହେଲନାହିଁ । ମୂଳ ପ୍ରସ୍ତାବଟି ମଞ୍ଜୁର ହେଲା । ବୋଧହୁଏ ଏଣିକି କାଗଜର ମୂଲ୍ୟ ଦିନକୁ ଦିନ ବଢ଼ିବ ।

ପବ୍ଲିକ୍ ସର୍ଭିସ୍ କମିସନ — ପବ୍ଲିକ ସର୍ଭିସ୍ କମିସନ ବସିବା ସମ୍ବନ୍ଧରେ ବଡ଼ଲାଟ ଯାହା ବକ୍ତୃତା ଦେଇଥିଲେ ତାହା ପାଠକମାନଙ୍କୁ ଜଣାଅଛି । ବଡ଼ଲାଟ ସଭାର ପୂର୍ବ ସଭାପତି ସ୍ୟାର୍ ଫ୍ରେଡ୍ରିକ୍ ହ୍ୱାଇଟ ଏହାର ସଭାପତି ହେବାର ଗୋଟିଏ ଜନରବ ଶୁଣାଯାଉଥିଲା, କିନ୍ତୁ ବର୍ତ୍ତମାନ ସେ ଜନରବଟି ମିଥ୍ୟା ବୋଲି ଜଣାପଡ଼ିଲାଣି । ପବ୍ଲିକ୍ ସର୍ଭିସ କମିସନ ପୂର୍ବେ ୩ଜଣ ସଭ୍ୟଙ୍କୁ ନେଇ ଗଠିତ ହେବାର ଥିଲା, କିନ୍ତୁ ବର୍ତ୍ତମାନ ଯେଉଁ କମିସନ ବସିବ ସେଥିରେ ପାଞ୍ଚଜଣ ରହିବାର କଥା ସ୍ଥିରହୋଇଅଛି । ସଭ୍ୟମାନଙ୍କ ମଧ୍ୟରେ ଜଣେ ହିନ୍ଦୁ ଓ ମୁସଲମାନ ସଭ୍ୟ ମଧ୍ୟ ନିଯୁକ୍ତ ହେବେ ।

ପୂଜା ଛୁଟି । ପୂଜା ଛୁଟି ଶେଷହୋଇ ଅଦାଲତ ଓ କଲେକ୍ଟରୀ କଚେରୀମାନ ତା ୫ ରିଖରେ ଖୋଲିଲା । ପ୍ରତିବର୍ଷ କଚେରୀ ଖୋଲିଲାବେଳକୁ ପ୍ରାୟ ଶୀତକାଳ ଆରମ୍ଭ ହୋଇଥାଏ । ଏବର୍ଷ ବର୍ଷାକାଳ ଶେଷ ହୋଇନାହିଁ । ଆମ୍ଭେମାନେ ଏବର୍ଷ ଛୁଟିରେ ଲୋକମାନଙ୍କର ଯେରୂପ ଅସୁବିଧା ହୋଇଅଛି ତାହା ଏଥିପୂର୍ବେ ପ୍ରକାଶ କରିଅଛୁଁ । ଜମ ବେଶିରେ ପ୍ରାୟ ସମସ୍ତଙ୍କୁ ଅସୁବିଧା ଭୋଗ କରିବାକୁ ପଡ଼ିଲା । ଏପ୍ରକାର ଛୁଟିର ସମୟ ପରିବର୍ତ୍ତନ ଦ୍ୱାରା କାହାର ସୁବିଧା ହେଲା ଏବଂ କାହାର ସୁବିଧା ପାଇଁ ଏ ପରିବର୍ତ୍ତନ କରାଗଲା କିଛି ବୁଝାପଡ଼ୁନାହିଁ । ଯାହାହେଉ ଆମ୍ଭେମାନେ କର୍ତ୍ତୃପକ୍ଷମାନଙ୍କୁ ଅନୁରୋଧ କରୁଁ ଏ ବିଷୟ ଉତ୍ତମରୂପେ ବିବେଚନା କରି ଭବିଷ୍ୟତରୁ କର୍ତ୍ତାମାନେ ସର୍ବସାଧାରଣଙ୍କର ଯେପରି ଅସୁବିଧା ନ ଘଟେ ତାହାପ୍ରତି ଲକ୍ଷ ରଖି ପୂର୍ବପରି ଯଥାସମୟରେ ଛୁଟିହେବାର ବନ୍ଦୋବସ୍ତ କରନ୍ତୁ ।

କାଉନ୍ସିଲ୍ ଅଫ୍ ଷ୍ଟେଟ— ଭାରତରେ ସ୍ୱାୟତ୍ତ ଶାସନ ସମ୍ବନ୍ଧ ଆଇନ୍ ଅନୁଯାୟୀ ଗଠିତ ୧ମ କାଉନ୍ସିଲ୍ ଅଫ୍ ଷ୍ଟେଟର କାର୍ଯ୍ୟକାଳ ଶେଷ ହୋଇଅଛି । ସିମଲାଠାରେ ଏହାର ଶେଷ ବୈଠକ ଦିନ ବଡ଼ଲାଟ ଯେଉଁ ବକ୍ତୃତା ଦେଇଥିଲେ ସେଥିରେ ସେ କାଉନ୍ସିଲ ଅଫ୍ ଷ୍ଟେଟକୁ ବହୁତ ପ୍ରଶଂସା କରିଥିଲେ । ସେ କହିଥିଲେ "ବୁଦ୍ଧିମତ୍ତାପୂର୍ଣ୍ଣ କାର୍ଯ୍ୟ ଚଳାଇବାରେ ଉପଯୁକ୍ତ ନିର୍ଭୀକତା ଓ ସ୍ଥିରଚିତ୍ତତା ଦେଖାଇ ଅଛନ୍ତି ।" କାଉନ୍ସିଲ-ଅଫ୍-ଷ୍ଟେଟ ଯେତେବେଳେ ସବୁବେଳେ ସରକାରଙ୍କ ପକ୍ଷ ସମର୍ଥନ କରି ଆସୁଅଛନ୍ତି ବଡ଼ଲାଟ ଯେ ଏହାର ଗୁଣ ନ ଗାଇବେ ଏଥିରେ କିଛି ବିଚିତ୍ରତା ନାହିଁ ।

Digitized by srujanika@gmail.com

ଉତ୍କଳ ଦୀପିକା ।

ଅକ୍ଟୋବର ତା ୧୦ ରିଖ ଶନିବାର

ପ୍ରାଦେଶିକ ସମ୍ମିଳନୀ ।

ମ

ଏଥର ଖୋର୍ଦ୍ଧା ଅଞ୍ଚଳ ବୋଲଗଡଠାରେ କଂଗ୍ରେସର ପ୍ରାଦେଶିକ ସମ୍ମିଳନୀର ବୈଠକ ହେବାର ସ୍ଥିର ହୋଇଅଛି । ଚଳିତ ଅକ୍ଟୋବର ମାସରେ ବୈଠକ ହେବ ବୋଲି ପୂର୍ବରୁ ଶୁଣାଯାଉଥିଲା । ଅକ୍ଟୋବର ମାସର ପ୍ରଥମ ସପ୍ତାହ ଶେଷ ହୋଇ ଦ୍ୱିତୀୟ ସପ୍ତାହ ଚାଲୁଅଛି । ଏ ପର୍ଯ୍ୟନ୍ତ ସମ୍ମିଳନୀ ବୈଠକର ଦିନ ଜଣାଗଲା ନାହିଁ, କିମ୍ବା କିଏ ସଭାପତି ହେବେ ତାହା ଜଣାଗଲା ନାହିଁ । ଶୁଣାଯାଉ ଅଛି ଗାମଭା ସତ୍ୟାଗ୍ରହୀ ଜାଉଛ୍ଲୁ ବୋଲଗଡ ଆସୁଅଛନ୍ତି । ତତ୍ ସମ୍ବନ୍ଧେ ମଧ୍ୟ କିଛି ସ୍ଥିର ସମ୍ବାଦ ପାଇନାହୁଁ । ଓଡ଼ିଶାରେ ପୂର୍ବେ ଉତ୍କଳସମ୍ମିଳନୀର ବୈଠକ ବର୍ଷବର ସ୍ଥାନେ ସ୍ଥାନେ ହୋଇ ଆସୁଥିଲା । ବର୍ତ୍ତମାନ ଉତ୍କଳସମ୍ମିଳନୀ ଜୀବିତ ଅଛି କି ଲୋପ ହେଲାଣି ତାହା ସାଧାରଣଙ୍କର ଜାଣିବା କଠିନ, ସେ ସମ୍ବନ୍ଧେ ଉତ୍କଳର ନେତାମାନଙ୍କର ତାହାର କିଛି ଶୁଣାଗୁଣା ନାହିଁ । କଂଗ୍ରେସର ପ୍ରାଦେଶିକ ସମ୍ମିଳନୀ ଗତ ବର୍ଷ କଟକରେ ବସିଥିଲା । ଶ୍ୟାମ ପି, ସି, ରାୟ ସଭାପତି ଆସନ ଗ୍ରହଣ କରିଥିଲେ । ଏ ବର୍ଷ ବୋଲଗଡ଼ଠାରେ ବୈଠକ କରିବାର ଉଦ୍ୟୋକ୍ତାମାନେ ସ୍ଥିର କରିଅଛନ୍ତି । ବୋଲଗଡ଼ ଖୋର୍ଦ୍ଧା ସବଡିଭିଜନର ଦୂର ମଫସଲରେ ଅବସ୍ଥିତ । ଖୋର୍ଦ୍ଧା ଷ୍ଟେସନରୁ ବହୁଦୂର-ପ୍ରାୟ ୩୦ ମାଇଲ୍ ଖୋର୍ଦ୍ଧା ଠାରୁ ମଟର ଲରି ଯିବା ଆସିବା ସହଜ ନୁହେଁ ତାହା ଅନେକ ସମୟରେ ବନ୍ଦହୋଇଯିବାର ଶୁଣାଯାଏ । ସମ୍ମିଳନୀର ବୈଠକ ସମୟକୁ ବୋଲଗଡ଼ଠାକୁ ଲୋକମାନଙ୍କର ଯିବା ଆସିବାର କି ପ୍ରକାର ବନ୍ଦୋବସ୍ତ ଉଦ୍ୟୋକ୍ତାମାନେ କରୁଅଛନ୍ତି ତାହା ବର୍ତ୍ତମାନ କିଛି କହିପାରୁନାହୁଁ ନଗରମାନଙ୍କରେ ସମ୍ମିଳନୀର ବୈଠକ ହେଲେ ଆଗନ୍ତୁକମାନଙ୍କ ନିମନ୍ତେ ରହିବା ସକାଶେ ଭଡ଼ାଘର ଆଦି ନେଇ ଏକପ୍ରକାର ସୁବିଧା କରାଯାଇଥାଏ, ବୋଲଗଡ ଗୋଟିଏ ଗ୍ରାମ ମାତ୍ର, ସେଠାରେ ସେ ଭଳି ଲୋକଙ୍କ ସକାଶେ ଘରର ସୁବିଧା ମିଳିବ ତାହା ସମ୍ଭବ ନୁହେଁ । ଲୋକମାନଙ୍କର ରହିବା ସକାଶେ କି ବନ୍ଦୋବସ୍ତ କରାଯାଉଅଛି । ତାହା ଉଦ୍ୟୋକ୍ତାମାନେ ପୂର୍ବରୁ ଜଣାଇଦେଲେ ଅବଶ୍ୟ ସୁବିଧା ହେବ ।

ବୋଲଗଡଠାରେ ଖଦଡର ଗୋଟିଏ କେନ୍ଦ୍ର, ଏବଂ ସେଠାରେ ବହୁ ପରିମାଣରେ ଖଦଡ ପ୍ରସ୍ତୁତହୁଏ ଏହା ଜଣା ଅଛି, ମାତ୍ର ସେପରି ସ୍ଥଳରେ ଗୋଟିଏ ସମ୍ମିଳନୀ ଡାକି ସେମାନଙ୍କ ସକାଶେ ଉଦ୍ୟୋକ୍ତାମାନେ କିପରି ଚଳାଇବାର ସୁବ୍ୟବସ୍ଥା କରିବେ ତାହା ଜଣାଯାଇନାହିଁ । ଖଦଡ଼ ସମ୍ଭବ ନିବା ଆସିବାର ଅସୁବିଧା ହେତୁରେ ଅନେକ ଯୋଗ ଦେବାକୁ କୁଣ୍ଠିତ ହେବେ । ଆମ୍ଭେମାନେ ଆଶାକରୁଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସେଠାକୁ ଯିବା ଆସିବା ଏବଂ ସେଠାରେ ରହିବା ସକାଶେ ଯେ ସମସ୍ତ ବ୍ୟବସ୍ଥା କରାଯାଉଅଛି ତାହା ଉଦ୍ୟୋକ୍ତାମାନେ ଶୀଘ୍ର ଜଣାଇ ଦେବେ ।

ଆର୍ଥିକ ଅବସ୍ଥା ଅନୁସନ୍ଧାନ କମିଟି—

ଭାରତର ଲୋକମାନଙ୍କ ଆର୍ଥିକ ଅବସ୍ଥା ଅନୁସନ୍ଧାନ କରିବାନିମନ୍ତେ ଗୋଟିଏ କମିଟି ନିଯୁକ୍ତ ହୋଇଥିଲେ । ସେ କମିଟି ବର୍ତ୍ତମାନ ସେମାନଙ୍କର ରିପୋର୍ଟ ଦେଲେଣି, ରିପୋର୍ଟରୁ ଜଣାଯାଏ ପ୍ରକୃତ ଅନୁସନ୍ଧାନ କରିବାପାଇଁ ଉପଯୁକ୍ତ ହିସାବ ପତ୍ର ନାହିଁ, ତେବେ ସୁଦ୍ଧା ଏତକ କଥା ପ୍ରକାଶ ହେବାପାଇଁ ଭାରତସରକାରଙ୍କର ଏକଲକ୍ଷ ୨ହଜାର ୪୮୩ ଟଙ୍କା ବ୍ୟୟହେଲା । ଅର୍ଥାତ୍ ପ୍ରତ୍ୟେକ ମେମ୍ବରଙ୍କ ପାଇଁ ୩୪ ହଜାର ଲେଖାଏ ଟଙ୍କା ବ୍ୟୟହେଲା । ଯେଉଁ ସକାଶ ଭାରତସରକାର ଏତେ ଗୁଡ଼ିଏ ଅର୍ଥବ୍ୟୟ କରିଗଲେ ତହିଁର ଫଳରେ କେବଳ କିଛିଲେ ଯେ କାଗଜପତ୍ର ଅଭାବରୁ ଆର୍ଥିକ ଅବସ୍ଥା କିଛି ଜଣାଗଲାନାହିଁ । ଆର୍ଥିକ ଅବସ୍ଥା ତଦନ୍ତ ସକାଶେ ଯେଉଁ ଅର୍ଥବ୍ୟୟ ହେଲା ତାହାର ଉପଯୁକ୍ତ ସଦ୍‌ବ୍ୟବହାର ଏହି କି ! ସରକାରଙ୍କର ଏ କମିଟି ନିଯୁକ୍ତ କରି ଅର୍ଥବ୍ୟୟ କରିବା ପୂର୍ବରୁ ଟିକିଏ ବିବେଚନା କରିବା ଉଚିତ ନ ଥିଲା କି ?

ଦେଶମିଶ୍ରଣ ।

ଦେଶମିଶ୍ରଣସମ୍ବନ୍ଧେ ଭାଇସ୍‌ରଏ ଓ ହୋମ ମେମ୍ବରଙ୍କ ନିକଟ ଡେପୁଟେସନ ଯାଇ ସାକ୍ଷାତ କରିବା କାରଣ ସମୟ ନିରୂପଣ କରିବାନିମନ୍ତେ ଦେଶମିଶ୍ରଣ ସମିତି ପକ୍ଷରୁ ହୋମ ମେମ୍ବରଙ୍କ ନିକଟ ପତ୍ର ପଠାଯାଇଥିବା ବିଷୟ ଏଥିପୂର୍ବେ ପ୍ରକାଶ କରିଥିଲୁଁ । ମଧ୍ୟ ଯେଉଁମାନେ ଡେପୁଟେସନରେ ଯିବାର ସ୍ଥିର ହୋଇଥିଲା ସେମାନଙ୍କର ନାମ ପ୍ରକାଶିତ ହୋଇଥିଲା । ଦୁଃଖର ବିଷୟ ସେମାନଙ୍କ ମଧ୍ୟରୁ ଅନେକେ ଗଲେନାହିଁ । ଅଧିକ ଦୁଃଖର ବିଷୟ ଗଞ୍ଜାମ ଅଞ୍ଚଳର କେହି ଜଣେ ହେଲେ ସଭା ଯୋଗ ଦେଲେନାହିଁ । ଗତ ତା ୧୪ । ୯ । ୨୫ ରିଖରେ ନିମ୍ନଲିଖିତ ମହାଶୟମାନେ ଯାଇ କେବଳ ମାନ୍ୟବର ସ୍ୟାର ଅଲେକଜାଣ୍ଡର ମୁଡ଼ିମ୍ୟାନ ହୋମ ମେମ୍ବରଙ୍କ ସହିତ ସାକ୍ଷାତ କରିଥିଲେ । କଥୋପକଥନରୁ ଆଶା କରାଯାଏ ଯେ ଫଳ ଭଲ ହେବ । କେବେ ଓ କି ପ୍ରକାରରେ ପୂର୍ଣ୍ଣ ହେବ ତାହା କେହି କହି ପାରିବେ-ନାହିଁ । ଓଡ଼ିଆ ଜାତି ଯେତେବେଳେ ଯେଉଁ ଅଣ୍ଡା ପାଆନ୍ତି ତହିଁର ଯଥେଷ୍ଟ ସ୍ଥିତି ସ୍ଥାପକତା ଗୁଣଥାଏ । ଯେପରି ସହଜରେ ବଢ଼ିଯାଇପାରେ ସେହିପରି ମଧ୍ୟ ସଙ୍କୁଚିତ ହୋଇପାରେ । ଦେଖାଯାଉ ଏଥର କଣ ହେ'ବ ।

ହୋମ ମେମ୍ବର ସହିତ ସାକ୍ଷାତ କରିଥିବା ମହାଶୟମାନଙ୍କର ନାମ—

ଶ୍ରୀଯୁକ୍ତ ରାଜା ବାହାଦୂର କନିକା

,, ବାବୁ ଭୁବନାନନ୍ଦ ଦାସ ଏମ୍,ଏଲ୍,ଏ

,, ମଧୁସୂଦନ ପାଣିଗ୍ରାହି

,, ନିରଞ୍ଜନ ପଟ୍ଟନାୟକ

,, ଅପର୍ଣ୍ଣା ପରିଡ଼ା—(ସ ରକା)

,, ଗୌରଚନ୍ଦ୍ର, ସାମନ୍ତରାୟ—(ଜୟପୁର)

,, ଲକ୍ଷ୍ମୀନାରାୟଣ ସାହୁ

,, ବିଚିତ୍ରାନନ୍ଦ ଦାସ

ମଟରଲଞ୍ଚ ଦୁର୍ଘଟଣା ।

ଏହି ଗଲା ପୂଜାଛୁଟି ମଧରେ ଗୋଟିଏ ମଟରଲଞ୍ଚରେ ଦୁର୍ଘଟଣା ଘଟିଗଲା । ମଟରଲଞ୍ଚର ଗ୍ରଲଟି ଭାଙ୍ଗିପଡ଼ିଲା । ଛାତ ଉପରେ କେତେକଜଣ ଲୋକ ବସିଥିଲେ, ମଧ କେତେକ ରହିଥିଲେ । ୨୩ ଜଣ ଆଘାତ ପ୍ରାପ୍ତ ହୋଇଥିବାର ମଧ ସମ୍ବାଦ ପାଇଅଛୁଁ । କେନାଲ ହେତୁ ଲୋକମାନେ ସହଜରେ କୂଳକୁ ଉଠି ଆସିଥିଲେ । ଜିନିଷପତ୍ର ଯାହା ପାଣିରେ ପଡ଼ିଥିଲା ତାହା ମଧ ଶୀଘ୍ର କେନାଲରୁ ଜଳ ଶୁଖାଇ ଉଦ୍ଧାର କରାଗଲା । ଧନ ଓ ପ୍ରାଣ କୌଣସି ବିଷୟରେ ବିଶେଷ କିଛି କ୍ଷତି ହୋଇଥିବାର ସମ୍ବାଦ ପାଇନାହୁଁ କିନ୍ତୁ ମଟରଲଞ୍ଚର ମାଲିକଙ୍କର ଯଥେଷ୍ଟ କ୍ଷତି ହୋଇଅଛି । ଲଞ୍ଚର ଗ୍ରଲଟି ଭାଙ୍ଗିଲା, ପୂଜା ସମୟ ଯାତ୍ରୀଙ୍କର ଖୁବ୍ ଯିବା ଆସିବା ବେଳ ଏତେବେଳେ ଲଗାତାର କାମ କରିଥିଲେ ଅବଶ୍ୟ ଅନେକ ଟଙ୍କା ରୋଜଗାର ହୋଇପାରିଥାନ୍ତା ସେତକବ ବନ୍ଦହେଲା । ଏ ଦୁର୍ଘଟଣା ସକାଶ ଆମ୍ଭେମାନେ ଚାଳକ, ଯାତ୍ରୀ ଉଭୟ ସମାନ ଭାବରେ ଦାୟୀ ବୋଲି ମନେକରୁଁ । ଚାଳକ ବା ଲଞ୍ଚର ଭାରପ୍ରାପ୍ତ ବ୍ୟକ୍ତିଙ୍କର ବିଶେଷ ସାବଧାନ ହେବା ଉଚିତ ଥିଲା । ତାହାଙ୍କର ଲଞ୍ଚ କେତେ ଭାର ବହନ କରିପାରିବ ତାହା ତାହାଙ୍କର ବୁଝିବା ଉଚିତ । ଯେତେ ପରିମାଣରେ ଯାତ୍ରୀ ନେଇପାରିବ ସେହି ପରିମାଣରେ ଟିକଟ ବିକ୍ରି ହୋଇ ଗଲାପରେ ଆଉ ଟିକଟ ବିକ୍ରି ନ କରି କେବଳ ଟିକଟବାଲାଙ୍କୁ ବୋଟରେ ଚଢ଼ାଇ ବୋଟ ଛାଡ଼ି ଦେଇଥିଲେ ଏ ଘଟଣା ଘଟିବାର ଆଶଙ୍କା ନ ଥାନ୍ତା । ଏ କଥା ସତ୍ୟ ଯେ, ଯାତ୍ରୀମାନେ ସେ ସମୟରେ ବଡ଼ ତରତର ବ୍ୟସ୍ତ, କିନ୍ତୁ ସେ ସମୟରେ ଭାରପ୍ରାପ୍ତ ବ୍ୟକ୍ତିଙ୍କର ସେହିପରି ମଜବୁତ ହେବା ଆବଶ୍ୟକ । ଯାତ୍ରୀମାନେ ଏତେଦୂର ନିର୍ବୋଧର କାର୍ଯ୍ୟ କରନ୍ତି ଯେ ସ୍ଥାନ ଅଛି କି ନା ଭାର ବେଶି ହୋଇଗଲାଣି କି କଣ, କେଉଁଠାରେ ବସିବେ, କିପରି ଯିବେ, ଛାତ ଉପରଟାରେ ଚଢ଼ିଗଲେ କାଳେ କ'ଣ ଦୁର୍ଘଟଣା ହେବ, ଏ ସବୁ ପ୍ରତି ଆଦୌ ଲକ୍ଷ ନ ରଖି ନିଜର ପ୍ରାଣ ପ୍ରତି କି ଜିନିଷ ପ୍ରତି ଦୃଷ୍ଟି ନ ରଖି ସେ ବିଷୟ ନଜର ଅଭାବରୁ ଉଠିପଡ଼ନ୍ତି । ନିଷେଧ କଲେ ଅସନ୍ତୁଷ୍ଟ ମଧ୍ୟ ହୁଅନ୍ତି କେହି କେହି ଯଣ୍ଡ ହୁଅନ୍ତି । ଦୁର୍ଘଟଣା ଘଟିଲେ ଚାଳକ ବା ମାଲିକଙ୍କୁ ଦୋଷାରୋପ କରନ୍ତି । ଏହା ଯେ ନିଜର ଦୋଷ ତାହା ଏକାବେଳକେ ଭୁଲିଯାନ୍ତି । କେବଳ ଏହି ମଟରଲଞ୍ଚ କାହିଁକି ମଟରଲରି, ଷ୍ଟିମାର ପ୍ରଭୃତି ସବୁଥିରେ ସମସ୍ତ ସମୟରେ ଏହିପରି ଯାତ୍ରୀ ଭିଡ଼ରେ ଦୁର୍ଘଟଣା ଦେଖାଯାଇଥାଏ । ଏହି ସବୁ ଘଟଣାରୁ ଭବିଷ୍ୟତକୁ ଯାତ୍ରୀମାନଙ୍କର ବିଶେଷ ସତର୍କ ହେବା ଉଚିତ ଓ ଚାଳକ ଓ ମାଲିକମାନଙ୍କର ମଧ୍ୟ ଯଥୋଚିତ ସାବଧାନତାର ସହିତ କାର୍ଯ୍ୟ କରିବା ଆବଶ୍ୟକ ।

କଟକ ମ୍ୟୁନିସିପାଲିଟିର ଟିକସ-ବନ୍ଦୋବସ୍ତ ।

ଟିକସ ବନ୍ଦୋବସ୍ତ କାର୍ଯ୍ୟ ଚାଲିଅଛି । ଆମ୍ଭେମାନେ ଏଥିପୂର୍ବେ ଟିକସ ବନ୍ଦୋବସ୍ତ ସମ୍ବନ୍ଧେ କମିଶନରମାନଙ୍କର କାର୍ଯ୍ୟ ବିବରଣମାନ ପ୍ରକାଶ କରିଥିଲୁଁ । ଚେୟାରମ୍ୟାନ କହନ୍ତି ଯେ ୧୯୧୫ ମସିହାରେ ଟିକସ ବନ୍ଦୋବସ୍ତ ହୋଇଥିଲା । ପ୍ରତି ପାଞ୍ଚବର୍ଷରେ ଥରେ ଲେଖାଏଁ ସାଧାରଣ ବନ୍ଦୋବସ୍ତ ହେବାର କଥା, ୧୯୨୦ ମସିହାରେ ଥରେ ବନ୍ଦୋବସ୍ତ ହୋଇଥାନ୍ତା । ସେ ସମୟରେ ଏ ପ୍ରସ୍ତାବ ମିଟିଂରେ ପଡ଼ି ଗୋଟିଏ ନିର୍ଦ୍ଧାରଣ ହୋଇ ପାଞ୍ଚବର୍ଷ ସକାଶ ବନ୍ଦୋବସ୍ତ ସ୍ଥଗିତ ରଖାଯାଇଥିଲା । ଗତ ଷୁରବର୍ଷହେଲା ଅଡ଼ିଟର ବରାବର ମନ୍ତବ୍ୟ ଲେଖୁଅଛନ୍ତି ଯେ ମ୍ୟୁନିସିପାଲିଟି ଖରଚ ଯୋଗାଇପାରୁନାହିଁ, ଅଥଚ ସାଧାରଣ ଟିକସ ବ ... ପାଞ୍ଚବର୍ଷରେ ସାଧାରଣ ଟିକସ ... କଲେ ଆଇନାନୁସାରେ ... ମଧ ସାଧାରଣ ଟିକସ ବନ୍ଦୋବସ୍ତ କରି ଖର୍ଚ୍ଚ ମ୍ୟୁନିସିପାଲିଟିଠାରୁ ଆଦାୟ କରିପାରନ୍ତି । ଏ ଅବସ୍ଥାରେ ଗତ ଜାନୁଆରୀ ମାସରେ ପାଞ୍ଚ ଟିକସ ବନ୍ଦୋବସ୍ତ ବିଷୟ ଜଣାଇ ଦେବା କାରଣ ମିଟିଂରେ ଦେବା ତାହାଙ୍କର କର୍ତ୍ତବ୍ୟ ନୁହେଁ କି ? ଚେୟାରମ୍ୟାନଙ୍କର କର୍ତ୍ତବ୍ୟ ସେ ପାଳନ କଲେ । ତାଙ୍କୁ ଦୋଷ ଦେବାରୁ ନାହିଁ । ଆମ୍ଭର କମିସନରମାନେ କ'ଣ କଲେ ?

ରେଟପେୟାରଙ୍କ ଗାଲିମାନଙ୍କୁ ଆମ୍ଭେମାନେ ପଚାରୁଁ ସେମାନେ ଆପଣା ଆପଣାର ମନୋନୀତ କମିଶନରମାନଙ୍କୁ ଚିହ୍ନି ପାରିଲେଣିତ ? ସେମାନଙ୍କର କର୍ତ୍ତବ୍ୟଜ୍ଞାନ ବୁଝିଲେଣିତ ? ଯାହା ସେ କରୁଛନ୍ତି ସେ ପ୍ରତି ଟିକିଏ ଦୃଷ୍ଟି ଦିଅ । ଦେଖ କ'ଣ କରୁଛନ୍ତି । କାହିଁ ପଠାଇଥିଲ ? କେତେବେଳର ପ୍ରତିଜ୍ଞା ସହିତ ଅଙ୍ଗୀକାର ପ୍ରତିଜ୍ଞା ସବୁ ଭୁଲିଗଲେ, ଭୁଲିକର ଚଳ ? ଯେଉଁ ମୂର୍ତ୍ତିଙ୍କୁ ପଠାଇଥିଲ ଏ ସେହି ମୂର୍ତ୍ତି କି ମୂର୍ତ୍ତି ପରିବର୍ତ୍ତନ ହୋଇଯାଇଅଛି । ତୁମ୍ଭମାନଙ୍କର ଉପକାର କ'ଣ ଓ ତୁମ୍ଭମାନଙ୍କର ଅପକାର କ'ଣ ଏ ବିଷୟ ବୁଝିବାର କ୍ଷମତା ବର୍ତ୍ତମାନ ପର୍ଯ୍ୟନ୍ତ ଅଛି କି ନ ଅଛି ତାହା ପରୀକ୍ଷା କରି ଦେଖ । ସ୍ମରଣ ରଖ, ଭବିଷ୍ୟତକୁ ସାବଧାନ ହୁଅ, ଯେଉଁମାନଙ୍କର ସତ୍ୟ ପ୍ରତି ଆସ୍ଥା ନାହିଁ, ଏବଂ ମିଥ୍ୟାକୁ ଡ଼ର ନାହିଁ, ଯେଉଁମାନେ ମୂଲ୍ୟହୀନ, ମୋହବଶରେ ସହଜରେ ଭୁଲିପାରିବେ, ଯେଉଁ ମାନେ ଆବଶ୍ୟକ ପଡ଼ିଲେ କ୍ଷଣ କ୍ଷଣକେ ବଦଳି ଯାଇପାରନ୍ତି, ଯେଉଁମାନେ କେବଳ ଭୋଟସ୍ୱାର୍ଥ ଦେଲ ଛଡ଼ା ଅନ୍ୟ କୌଣସି ସମୟରେ ତୁମ୍ଭମାନଙ୍କର ଭଲ ମନ୍ଦ, ସୁବିଧା ଅସୁବିଧା ସୁଖ ଦୁଃଖ ଆଦୌ ଚିନ୍ତା କରନ୍ତିନାହିଁ ସେମାନଙ୍କୁ ନିଜର ପ୍ରତିନିଧି ନ କରି ନେପରି ଉପଯୁକ୍ତ ଲୋକଙ୍କୁ ପ୍ରତିନିଧି କରିବା ପାଇଁ ଯତ୍ନବାନ ହୁଅ ।

ଟିକସ ବନ୍ଦୋବସ୍ତ ବିଷୟ ପୁନର୍ବିଷୟ ବିଚାର କରିବା କାରଣ ସଭା କରିବାନିମନ୍ତେ ୨୨ଜଣ କମିସନର ଦସ୍ତଖତକରି ଚେୟାରମ୍ୟାନଙ୍କ ନିକଟକୁ ଗୋଟିଏ ପତ୍ର ପଠାଇଥିବା କଥା ପୂର୍ବେ ପ୍ରକାଶ କରିଥିଲୁଁ । ବର୍ତ୍ତମାନ ସେମାନଙ୍କ ମଧ୍ୟରୁ କେତେକଜଣ ନାମ କାଟିଦେବାର ମଧ୍ୟ ଶୁଣିଥିଲୁଁ । ଫଳରେ କ'ଣ ହେଲା ଏ ପର୍ଯ୍ୟନ୍ତ କିଛି ଜାଣିପାରୁନାହୁଁ । କାର୍ଯ୍ୟ ବିବରଣ ଯେପରି ଶୁଣିଲେ ଓ ମଧ ଯେପରି ଦେଖାଯାଉଅଛି, ଟିକସ ସାଧାରଣ ବନ୍ଦୋବସ୍ତ ରହିତକରିବା ବର୍ତ୍ତମାନ ସମ୍ଭବପର ବୋଧ ହେଉନାହିଁ । ଆମ୍ଭମାନଙ୍କ ବିବେଚନାରେ ବର୍ତ୍ତମାନ ରେଟପେୟାରମାନେ ସମସ୍ତେ ସତର୍କ ହୁଅନ୍ତୁ ଏବଂ ... ଓ୍ୱାର୍ଡ଼ର କମିସନରମାନଙ୍କୁ ଧରନ୍ତୁ । ସେମାନଙ୍କ କାର୍ଯ୍ୟ ତନ୍ନତନ୍ନ କରନ୍ତୁ । ଟିକସ ବନ୍ଦୋବସ୍ତ ଅସେସର ମହାଶୟ ବନ୍ଦୋବସ୍ତ କରିବା ସମୟରେ ଉପସ୍ଥିତ ହୋଇ ଯେପରି କୌଣସିପ୍ରକାର ଅନ୍ୟାୟ କମା ଧାର୍ଯ୍ୟ ନ ହୁଏ ସେ ପ୍ରତି ଦୃଷ୍ଟି ରଖନ୍ତୁ ଏବଂ କୌଣସିଠାରେ ସେପରି ଅନ୍ୟଥା କମା ଧାର୍ଯ୍ୟ ହେବାର ଦେଖାଗଲେ କରଦାତା ଅବିଳମ୍ବେ ଅପିଲ ଦାଏରକର ଅପିଲ କମିଟିରେ ଆପଣାର ଦାବୀ ଜଣାନ୍ତୁ । ଶୁଣାଯାଉଅଛି ଯେ କୌଣସି କାରଣରୁ ହେଉ ଅନେକ ସ୍ଥଳରେ ଅନେକ ଗୃହର ଉପଯୁକ୍ତ ଟିକସ ଧାର୍ଯ୍ୟହୋଇନାହିଁ, ଓ କୌଣସି ୨ ସ୍ଥଳରେ ମଧ ଆଦୌ ଟିକସ ଧାର୍ଯ୍ୟ ହୋଇନାହିଁ । ସେହି କାରଣରେ

Split by PDF Splitter

Digitized by srujanika@gmail.com

Split by PDF Splitter

ହେଡ ଜମା ଧାର୍ଯ୍ୟ କରାଇବା ସକାଶେ ସମ୍ପ୍ରତି ଆବେଦନ କରନ୍ତୁ । ଆଶାକରୁ ଚେୟାର୍‌ମ୍ୟାନ ମହାଶୟ ବିଶେଷ ଦୃଷ୍ଟି ରଖିବେ, ଯେପରି ତାହାଙ୍କ ଉପରେ ଅଯଥା ଜମାଧାର୍ଯ୍ୟ ନ ହୁଏ ।

ଗୋଦାବରୀଶ ବାବୁଙ୍କ ମକଦ୍ଦମା ।

ଗୋଦାବରୀଶ ବାବୁଙ୍କ ମୋକଦ୍ଦମାର ବିଚାର ଶେଷ ହେଲାଣି । ପୁରୀର ସଦର ସବଡିଭିଜନାଲ ଅଫିସର ଉକ୍ତ ମୋକଦ୍ଦମାର ରାୟ ଗତ ତା ୨୧ ରିଖ ଦିନ ଦେଇଅଛନ୍ତି । ଗୋଦାବରୀଶ ବାବୁଙ୍କୁ ୩ମାସ ସଶ୍ରମ କାରାଦଣ୍ଡ ସୁଦର୍ଶନ ପାଣିଗ୍ରାହୀଙ୍କୁ ୩ମାସ ସଶ୍ରମ କାରାଦଣ୍ଡ, ଓ ଏକହଜାର ଟଙ୍କା ଜରିମାନା ଏବଂ ରବୀନ୍ଦ୍ରନାଥ ମଜୁମଦାରଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡ ଓ ଏକହଜାର ଟଙ୍କା ଜରିମାନା ହୋଇଅଛି । ତା ୧୮ ରିଖରେ ରାୟ ବାହାରିବାର କଥା ଥିଲା । ପୂର୍ବରୁ ଆଦେଶ ହୋଇଥିଲା ହେତୁ ସେ ତାରିଖରେ ରାୟ ବାହାରିବ ବୋଲି ଥିଲା । ପୂଜା ବନ୍ଦ ପୂର୍ବରୁ ଯେଉଁ ଦିନ ଶେଷ କଚେରି ପଡ଼ିଥିଲା ତା ୨୧ ରିଖରେ ରାୟ ଦିଆଗଲା, ସେ ଦିନ ଆସାମୀମାନେ ରାୟ ନକଲ ମଧ୍ୟ ଯାଇ ପାରିନଥିଲେ । କ [illegible] ଅପିଲ୍ ଦାଏର କରି ଜାମିନ ସକାଶେ ପ୍ରାର୍ଥନା କରିବାକୁ ଆଉ ସୁବିଧା ନ ଥିଲା । ଆସାମୀମାନଙ୍କ ତରଫରୁ ଅପିଲ୍ ଦାଏର କରି ଓ ଜଜ୍ ସାହେବଙ୍କଠାରୁ ଜାମିନର ଆଦେଶ କରାଇ ନେଇ ଆସାମୀମାନଙ୍କୁ ଜାମିନରେ ଖଲାସ କରିବାକୁ ବିଳମ୍ବ ହୋଇଥିଲା । ଦୀର୍ଘକାଳ କଚେରି ବନ୍ଦର ପୂର୍ବେ ଶେଷ କଚେରି ଦିନ ଦଣ୍ଡ ଆଜ୍ଞାର ରାୟ ଶୁଣାଇବା ବଡ଼ ଅସୁବିଧା ବିଷୟ ।

'ଶକ୍ତି' ମାନହାନୀ ମୋକଦ୍ଦମା ।

୨ । ପ୍ରଃ ସୁକୁନ୍ଦ ନ ୬୧୯ ମ୍ବର ତଃ ଜିଃ ନନ୍ଦପୁର ମୌ ଅନ୍ତାବୁଣା ରଜବାରେ ସ୍ଥିତବାନ ରସୁଇ ବାଃ ସଂଗ୍ରହ ଏ୧—୨୮୧ ଜମିର ଜମା ୫ ୧୧ ଉକ୍ତ ଜମି ନିଲାମ ହେବ।

୩ । ପ୍ରଃ ସୁକୁନ୍ଦ ନ ୬୧୬ ମ୍ବର ତଃ ଲାହାଲପୁର ମୌଃ ରସୁଲାବାଦ ରଜବାରେ ଥିବା ନ ୧୧୩ ମ୍ବର ଖାତା । ମୌ । ହାଲ୍ମସତା ନମ୍ବର ଅନୁସାରେ ପାହି ଉଦ୍‌ଭ ଏ୧—୨୬ଉଃ ଜମିର ଜମା ୫ ୩।୯ ନିଲାମ ହେବ।

୪ । ପ୍ରଃ ସୁକୁନ୍ଦ ନ ୬୧୬ ମ୍ବର ତଃ ଲାହାଲପୁର ମୌଃ ରସୁଲାବାଦ ରଜବାରେ ଥିବା ପାହି ଏ°—୬୨ଉଃ ଜମିର ଜମା ୫ ୨୧ ଉକ୍ତ ଜମି ନିଲାମ ହେବ।

୫ । ପ୍ର ସୁକୁନ୍ଦ ମୌ । ରସୁଲାବାଦ ରଜବାରେ ଥିବା ଲଙ୍ଗରଜବାହେଲ ଏ°—[illegible] ଜମି ନିଲାମ ହେବ।

୬ । ପ୍ର ସୁକୁନ୍ଦ ନ ୬୧୬ ମ୍ବର ତଃ ଲା ହାଲପୁର ମୌଃ ରସୁଲାବାଦ ରଜବାରେ ଥିବା ନ ୧°୩ ମ୍ବର ଖାତା ପାହି ଏ୨—°୨୫ଉଃ ଜମିର ଜମା ୫ ୪।୨ ନିଲାମ ହେବ।

୭ । ପ୍ର ସୁକୁନ୍ଦ ନ ୬୧୬ ମ୍ବର ତଃ ଲାହାଲପୁର । ମୌଃ । ରସୁଲାବାଦ ରଜବାରେ ଥିବା ସ୍ଥିତବାନ ପାହି ଏ୨—[illegible] ଜମିର ଜମା ୫ ୩।[illegible] ରୁ ଏ°—[illegible]

Split by PDF Splitter
Digitized by srujanika@gmail.com

Split by PDF Splitter

୨୩/୬ରୁ ଜମା ଟ ୧।୬ ଉକ୍ତ ଏ୦—୪୨-୬୩/ ଲିଲାମ ହେବ ।

୯ । ତୌଃ ସୁକୁନଈ ନ ୭୧୭ ମ୍ବର ତଉଯି ମୌଃ କରୁଡଅବସ୍ଥଇ ଦଳବାରେ ଥିବା ଗୁଜନୀ ଏ୨—୧୨ ଜମିର ଜମା ଟ୦।୬୯ ଉକ୍ତ ୭—୧୨ ଟ ଲିଲାମ ହେବ ।

୧ । ପ୍ର ସୁକୁନଈ ତାଃ ନାହାଲପୁର ନ ୭୧୭ ମ୍ବର ତାଃ ମୌଃ କରୁଡଅବସ୍ଥଇ ଦଳବାରେ ଥିବା ସ୍ଥିତିବାନ ପାହ୍ନ ଏ୦—୫୯ଡିଃ । ଟ ୨୯ ଉକ୍ତ ଏ୦—୫୯ଡ଼ିଃ ଜମି ଲିଲାମ ହେବ ।

ନ ୧୩୯ ମ୍ବର ଡକ୍ରୀଜାରି ସନ ୧୯୨୫ମସିହା
ପ୍ରଥମ ମୁନସଫ କଟକ

ଜାନଗୋଈ ଶ୍ୟାମଚରଣ ଦାସ ଡାକ୍ତ ଡିଃ
ଭଜବ ସାମଲ ସାଃ ଓଳାସ ପ୍ରଃ ଦେଓଗାଁ ।

ସ୍ୱଶବାଶ ଦେଃ

ଡକ୍ରୀ ଓଗେର ଟଙ୍କା ଅଦାଏ ସ୍କାରେ ନିମ୍ନ ଲିଖିତ ସମ୍ପତ୍ତି ତା୧୩।୧୨।୧୨୫ ରଖେ ଲିଲାମ ହେବ ।

୧ । ଜା । କଟକ ପୁଲିଶଷ୍ଟେଶନ ଓସଃ ରେଃ ଦେଶବୋଲ ପ୍ରଃ ଦେଓଗାଁ ମୌଃ ଓଲାସରେ ଥିବା ସ୍ଥିତିବାନ ଲଗୁଣ ନ ୧୨୫ ମ୍ବର ଖାତା ବାଃ ଏ୦—୮୨ ଡିଃ କୁ ଜମା ଟ୧।୬ ଅଃ ମୂଃ ଟ୫୦୯

୨ । ପ୍ର । ଏକଜ ମୌଃ ଏକଜରେଥିବା ତାହ ଲଗୁଣ ନ ୫୫ ମ୍ବର ଖାତା ବାଃ ଏ୦—୫୮ ଡିଃ କୁ ଜମା ଟ୧।୭/ ଅଃ ମୂଃ ଟ୩୫୯

୩ । ପ୍ର । ଏକଜ ମୌଃ ଏକଜରେଥିବା ସ୍ଥିତିବାନ ଲଗୁଣ ନ୧୨୬ମ୍ବର ଖାତା ବାଃ ଥିଲଇଜ ଏ୦—୨୫ ଡିଃ ମଧ୍ୟରୁ ଏ୦—୧୨୫ ଅଃ ମୂଃ ଟ୫୯

୪ । ପ୍ର । ଏକଜ ମୌଃ ତେଙ୍ଗରେଥିବା ପାହ୍ନ ଲମ୍ବର ନ ୩୫ମ୍ବର ଖାତା ବାଃ ଏ୦—୧୨ ଡିଃ କୁ ଜମା ଟ୩।/ ଅନୁମାନିକ ମୂଲ୍ୟ ଟ୧୦୯

—*—

ନ ୧୬୩ ମ୍ବର ଜାରି ସନ ୧୯୨୫ ମସିହା
। ଇ । କଟକ ସବଜଜ

ତା ୧୩।୧୦।୨୫ ରଖେ ନିଲମ ହେବ ।

ଶ୍ରୀମତି ଛବି ଦେଈ ଡକ୍ରୀଦାର
ଲୁପାୟ ମହାପାତ୍ର ଓଗେର ଦେଣଦାରମାନେ

୧ । ପ୍ର ଏକଜ ମୌଃ ବୀରେଡୋଲ ଉଜ-ବାରେ ଥିବା ନ ୧ ଖ ୨ ନ ୨ ସ୍ଥିତିବାନ ନ ୧ ମ୍ବର ଦେଃ ନାମର ନ ୫୦୦ ମ୍ବର ଖାତା ବାଃ ଏ୦—୫୦ଡିଃ ଜମା ଟ୦।୩ ଉକ୍ତ ଭୂମି ଉପରେ ଥିବା ବାଡ଼ିଘର ଓ ବୃକ୍ଷାଦି ଲିଖିତ ସମସ୍ତପ୍ରକାର ସ୍ୱତ୍ୱ ନିଲମ ହେବା ଅଃ ମୂଃ ଟ ୫୦୦ ଙ୍କା

୨ । ଡ଼ ଃ ମୌ ଃ ଏକଜ ଉଜବାରେ ଥିବା ନ ୧ ମ୍ବର ଦେଃ ନାମର ନ ୧୧୦୬୧୪ ମ୍ବର ଖଃ ନ ୫୨ ମ୍ବର ଖାତା ବାଃ ମାଫିଶରଦା ଲିଃ ଉତ୍ତେଜ ଏ୦—୧୯ଡିଃ ଭୂମି ନିଲମ ହେବ ଅଃ ମୂଲ୍ୟ ଟ ୪୦୯ ଙ୍କା

୩ । ପ୍ରଃ ଏକଜ ମୌଃ ଛୀଡୋଲ ଉଜବାରେ ଥିବା ନ ୧ ମ୍ବର ଦେଃ ନାମର ନ ୧୧୦୬୪ ମ୍ବର ଖଃ ନ ୩୫୯୧ ମ୍ବର ଜାଃ ନ ୬୭ ମ୍ବର ଖାତା ବାଃ ମାଫିଶରଦ ଲିଃ ବାଡ଼େଇ ଏ୦—୨୧ଡିଃ ଭୂମି ଏ ମୋକଦ୍ଦମାରେ ନିଲମ ହେବ ତହିଁର ଅଃ ମୂଲ୍ୟ ଟ ୫୦୯ ଙ୍କା

୪ । ପ୍ରଃ ଏକଜ ମୌଃ ବୀଡୋଲ ଉଜବାରେ ଥିବା ନ ୧୧୦୬୪୨ ମ୍ବର ଖଃ ନ ୩୫୫୯ ଖଃ ନ ୫୮ ମ୍ବର ଖାତା ବାଃ ନ ୧ ମ୍ବର ଦେଃ ନାମର ମାଫିଶରଦା ଲିଃ ବାଡ଼େଇ ଏ୦—୧୭ଡିଃ ନିଲମ ହେବ ଅଃ ମୂଲ୍ୟ ଟ ୫୦୯ ଙ୍କା

୫ । ପ୍ରଃ ଏକଜ ମୌଃ ଛୀଡୋଲ ଉଜବାରେ ଥିବା ନ ୧ ମ୍ବର ଦେଃ ନାମର ନ ୪୫୫ ମ୍ବର ଖାତା ବାଃ ସ୍ଥିତିବାନ ପାହ୍ନ ଏ୦—୬୩ଡିଃ କୁ ଜମା ଟ ୧।୬/୯ ମଧ୍ୟରୁ ନ ୧ମ୍ବର ଦେଃଙ୍କ ଭାଗମତ ଏ୦—୨୧ ଡିଃ ଜମା ଟ୦।୬/୧୦ ନିଲମ ହେବ ଅଃ ମୂଲ୍ୟ ଟ ୨୦୯ ଙ୍କା

—

ନ ୯୩୭ ମ୍ବର ଡକ୍ରୀଜାରି ସନ ୧୯୨୫ମସିହା
କେନ୍ଦ୍ରାପଡ଼ା ମୁଃ ମୁନସଫି ଅଦାଲତ

ଧ୍ରୁବ ସାହୁ ଓଗେର ଡିଃ ମାନେ
ଅଭନ୍ଦ ମହାନ୍ତି ଦେଃ

ଜରଭକ୍ତୀ ଓଗେର ଟ ୧୮୩୫/୧୦ ଅଦାଏ ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ତା୧୩।୧୦।୨୫ ରଖେ ଏବା ସାଂ ୨ଶ୍ରା ସମୟେ ଅଟ ଅଦାଲତରେ ନିଲମ ହେବ ।

ଜିଲ୍ଲା କଟକ ସଃ ଡିଃ କେନ୍ଦ୍ରାପଡ଼ା ଓ ଉକ୍ତ ପୁଲିଶ ଇଲାକାର ପ୍ରଃ ତେଲକାଶୀ କଃ ଅଲ ନ୨୩ମ୍ବର ତାଃ ଉକ୍ତ ମୌଃ କନ୍ତଅ ଉଜ-ବାରେଥିବା ପ୍ରଜାବାଦ ଦେଃ ନାମସାମିଲ ଅନ୍ୟ ସହ୍ରିକଦାର ଗୋପାଳ ମହାନ୍ତି ନାମର ବନ୍ଦୋବସ୍ତି ନ୯୧ମ୍ବର ଅଃ ଖଜଅନ ବାଃ ସ୍ଥିତିବାନପାହ୍ନ ଏ୪—୦୪—୧୧ ଜମିରୁ ଜମା ଟ୯।୬ ମଧ୍ୟରୁ ପ୍ରଜାବାଦଦେଣଦାରର ଅଂଶ ଏ୨—୦୨—୦୫ କୁ ଜମା ଟ୪୫।୬ ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ ବନ୍ଧକଅଛି ନିଲମହେବ ତହିଁର ଅଃ ମୂଃ ଟ୨୦୦୯ ।

—

ନ ୨୬୧ ମ୍ବର ଡକ୍ରୀଜାରି ସନ ୧୯୨୫ମସିହା
ଭଗବାନ ପାଢ଼ୀ ଓଗେର ସାଃ ଢ଼ାସିପୁର ନୂଆପାଟ୍ଣା ପ୍ରଃ ହରିହରପୁର ଜିଃ କଟକ
ଡକ୍ରୀଦାର ମାନେ

ଦୁର୍ଗାଚରଣ ବୁହଡ଼ଗ ଓଗେର ସାଃ ଶଙ୍ଖାରସାହି ପ୍ରଃ ସାଇବାଣି ଦେଣଦାର ମାନେ

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡକ୍ରୀ ଓଗେର ଟଙ୍କା ଅଦାୟେ ସକାଶେ ନିମ୍ନଲିଖିତ ସମ୍ପତ୍ତି କଟକ ମୁଃ ସବଜଜ ଜଜସାହେବଙ୍କ ଅଦାଲତରେ ତା୧୩।୧୦।୨୫ ରଖେ ନିଲମହେବ ।

୧ । ଜ । କଟକ ଥାନା ଓ ସବରେଜଷ୍ଟର ମୁଃ ଜଗତସିଂହପୁର ଇଲାକାଧୀନ ପ୍ରଃ ଖାଇବାଣି ତାଃ ଖଇବାଣି ନ୨୮୧୬ମ୍ବର ତାଃ ଉକ୍ତ ମୌଃ ମଣୁଲ ଉଜବାରେଥିବା ଲିଃ ବାସ୍ୟାସ୍ତି ନ୧ମ୍ବର ଟିଃ ବାଃ ଏ୨୨—୪୫ ଡିଃ ମଧ୍ୟରୁ ଏ୧୧—୨୨୫ ନିଲମହେବ ଅଃ ମୂଃ ଟ୫୦୯

୨ ଜ । କଟକ ଥାନା ଓ ସବରେଜଷ୍ଟର ମୁଃ ଜଗତସିଂହପୁର ଇଲାକାଧୀନ ପ୍ରଃ ଖାଇବାଣି ନ୬୦୪୩ମ୍ବର ରଫିସଲ ଉକ୍ତ ମୌଃ ସଙ୍ଖାଣ୍ଡ-ସାହି ସାମିଲ ଢଳେ ପଂଚା ଉଜବାରେଥିବା ଲିଃ ବାଡ଼େଇ ସଂକ୍ରାନ୍ତ ବନ୍ଦୋବସ୍ତ ବସନ୍ତ ଥାଣି ପାଢ଼ି ମା୧୩।୧୩ କୁ ଜମା ଟ୩୬୯ଙ୍କା ନିଲମହେବ ଅଃ ମୂଃ ଟ୧୫୦୯

—

ନ ୨୦୦ ମ୍ବର ଡକ୍ରୀଜାରି ସନ ୧୯୨୫ମସିହା
ସନ୍ତ ଗୌରାନନ୍ଦ ଦାସ ଡିଃ
ରଘାନନ୍ଦ କାନଗୋଇ ଓଗେର ଦେଃ ମାନେ

ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତି ତା୧୩।୧୦।୨୫ ରଖରେ କଟକ ପ୍ରଥମମୁନସଫିରେ ନିଲମହେବ ।

ସଃ ଡିଃ ପୁଃ ଓ ଥଃ ରେଃ ମୁଃ କଟକଇଲାକା ପ୍ରଃ କୋକାଖଣ୍ଡ ନ୧୦୧୯ମ୍ବର ତାଃ ମୌଃ ବ୍ରାହ୍ମଣଗୋପରେଥିବା ନ୬୯ମ୍ବର ଖାତା ବାଃ ଲିଃ ବାସ୍ୟାସ୍ତି ଏ୦—୭୮ ଡିଃ ମଧ୍ୟରୁ ଏ୦—୧୮ ଡିଃ କୁ ଜମା ଟ୦।୬/୪ ଅଟେ ଜମିର ସବୁପ୍ରକାର ସତ୍ତ୍ୱ ନିଲମହେବ ଅଃ ମଃ ଟ୩୦୯ ଅଛି ।

—*—

ନ ୨୮୯ ମ୍ବର ଡକ୍ରୀଜାରି ସନ ୧୯୨୫ମସିହା
କଟକ ମୁଃ ସବଜଜ

ପୂର୍ଣ୍ଣଚନ୍ଦ୍ର ଇମିଟେଡ ଡିଃ
ଗୋକୁଳସୁନ୍ଦର ପଟ୍ଟନାୟକ ଓଗେର ଦେଃମାନେ

ଉପରଲିଖିତ ନମ୍ବର ଡକ୍ରୀଜାରି ଦ ମାରେ ନିଲମ ତାରିଖ ତା୧୩।୧୦।୨୫ରଖେ ଧାର୍ଯ୍ୟଅଛି ।

ସଃ ଡିଃ ପୁଃ ସଃ ରେଃ ମୁଃ ଖୋର୍ଦ୍ଧା ଅନ୍ତର୍ଗତ ଥାଃ ଖୋର୍ଦ୍ଧା ଜିଃ ତପଙ୍ଗ ଙ୍କଃ ଖୋର୍ଦ୍ଧା ନ୭୧୩ ଥାଃ ମୌଃ ଛଣଘର ଉଜବାରେଥିବା ପାହ୍ନ ସ୍ଥିତିବାନ ନ୫୪ମ୍ବର ଖାତା ବାଃ ଏ୧୩—୬୪ ଡିଃ ଜମା ଟ୧୪୫୩ ମଧ୍ୟରୁ ନ୬୩୧ମ୍ବର ଖସଡ଼ା ଏ୧—୩୦୫ ଓ ନ୬୩୨ମ୍ବର ଖସଡ଼ା ଏ୨—୫୨୨ ଏରୂପ ଏ୪—୨୨୭ ବାଦେବାକି ଏ୯—୪୨୫ ଡିଃ କୁ ଜମା ଟ୧୧।୬ ବନ୍ଧକ ଅଛି । ନିଲମହେବ ଅଃ ମୂଃ ଟ୭୦୦୯

—*—

ନ ୯୭୨ ମ୍ବର ଜାରି ସନ ୧୯୨୫ ମସିହା
କେନ୍ଦ୍ରାପଡ଼ା ମୁଃ ମୁନସଫି ଅଦାଲତ

କୈଳାଶନାଥ ମିଶ୍ର ବାଦୀ ଡିଃ
ଶାଳମଣି ପଢ଼ ଓରଫ ପଞ୍ଚୁ ପଢ଼ ଅଜାପା

ଦେଃ ମାନେ

ଡକ୍ରୀଦାରଙ୍କର ପାଉଣା ଜରଭକ୍ତୀ ଓଗେର ଟ୬୩୩।୬ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତି ତା୧୩।୧୦।୨୫ ରଖେ ନିଲମହେବ ।

୧ । କଟକଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ପୁଲିସଷ୍ଟେଶନ ଓ ସବରେଜଷ୍ଟର ଇଲାକାର ପ୍ରଃ ଲଡ଼ାଖଣ୍ଡ ମୌଃ ସମସ୍ତଦରପୁର ଉଜବାରେ-ଥିବା ନିଲଲିଖିତ ମୁଦ୍ଦାଇଙ୍କ ବାଡ଼େଇ ଓ ବାସ୍ୟାସ୍ତି ସ୍ଥିତିବାନ ଜମିରେଥିବା ଦେଣଦାରର ଅଂଶ ଙ୍କଃ ଟ୦।ରୁ ଏ୧—୨୨—୨୫ ବର ଜମି ଏ ମୋକଦ୍ଦମାରେ ନିଲମହେବ ଅଃ ମୂଃ ଟ୧୦୦୯

୨ । ଅଙ୍କ ଅଦାଲତ ଇଲାକାଧୀନ ପ୍ରଃ ଲଡ଼ାଖଣ୍ଡ ମୌଃ ସାମନ୍ତଦରପୁର ଉଜବାରେ-ଥିବା ବବାଦର ସତ୍ତ୍ୱଦଖଲ ନ ୫୪୩ ମ୍ବର ଖାତା ଅଃ ଏ୦—୧୯ ଡିଃ ଲିଃ ସଡ଼କ ବାସ୍ୟାସ୍ତି ସ୍ଥିତିବାନ ଓ ତହିଁମଧ୍ୟରୁ ନ ୧୨୫୯ ମ୍ବର ୨୨୧୩ ଖସଡ଼ା ଲଦି ଉପରେ ଥିବା ବବାଦର ଲମ୍ବାଣ ଚଉଡ଼ାର ଗୋ ୨ ହାତ ବନ୍ଧଖରି ମଧ ଉତ୍ତର ଲଗିଥିବା କଡ଼ାଳ କାଠ ଉପର ସହିତ ଅଗ୍ନିନ କୋଠରି ଢୋଇଅଛି ନିଲମହେବ ଅଃ ମୂଃ ଟ୧୦୦୯

—*—

ନ ୫୨୭ ମ୍ବର ଜାରି ସନ ୧୯୨୫ ମସିହା
ଜିଃ ୨ ୟ ମୁନସଫ

ଶ୍ରୀମତୀ ସୁବେଦ୍ରକୁମାରୀ ଦେବୀ ଓଗେର ଡିଃ ମାନେ
ଦେହୁରୀ ମହାନ୍ତି ଓଗେର ଦେଃ ମାନେ

ନିମ୍ନଲିଖିତ ସମ୍ପତ୍ତିମାନ ତା୧୩।୧୦।୨୫ ରଖେ ନିଲମହେବ ।

୧ । କଟକଜିଲ୍ଲା ଅନ୍ତଃପାତୀ ପୁଲିଶ ଓଃ ସଃ ମୁଃ ସାଲେପୁର ପ୍ରଃ ପାଏନା ନ୨୬୧୭ ମ୍ବର ତାଃ ମୌଃ ତାରଦା ଉଜବାରେଥିବା ନ୫୭ମ୍ବର ଖାତା ବାଃ ପାହ୍ନ ଉଜନ ଘେନା ନାମର ଦେଣ-ଦାରର ପିତା ରଘୁ ମାହାନ୍ତିର ଖସଡ଼ା ଏ୦—୩୪୫ ରୁ ଟ୧।/୧୦୫ ଅଟେ ।

୨ । ଥାନା ସାଲେପୁର ପ୍ରଃ ପାଏନା ନ୨୬୧୭ମ୍ବର ତାଃ ମୌଃ ତାରଦା ଉଜବାରେ ଥିବା ନ ୫୭୪ ମ୍ବର ଖାତା ବାଃ ଉଜନ ଘେନା ନାମର ପାହ୍ନ ତହିଁମଧ୍ୟରୁ ଦେଣଦାରମାନଙ୍କ ପିତା ରଘୁମାହାନ୍ତି ଖସଡ଼ା ଙ୍କଃ ଏ୦—୦୨୫ ରୁ ଜମା ଟ୦/୬ ଅଟେ ।

୩ । ପ୍ର । ଏକଜ ଉକ୍ତ ତାଃ ବାଃ ଦେଣ-ଦାରଙ୍କ ପିତା ରଘୁମାହାନ୍ତି ନାମର ନ୬୦୩ମ୍ବର ଖାତା ବାଃ ପାହ୍ନ ମଧ୍ୟରୁ ବର୍ଣ୍ଣି ବାଦେ ବାକି ଏ୦—୧୦ କୁ ଜମା ଟ୦।୪ ଅଟେ ।

୪ । ପ୍ର । ଏକଜ ମୌଃ ଏକଜ ଉକ୍ତ ତାଃ ବାଃ ନ୬୦୮ମ୍ବର ଖାତା ବାଃ ପାହ୍ନ ଦେଣ-ଦାରଙ୍କ ପିତା ରଘୁ ମାହାନ୍ତି ଖଃ ଟ୦୫ ରୁ ଜମା ଟ୦୫୬୫ ଅଟେ ।

୫ । ପ୍ର । ଏକଜ ମୌଃ ଏକଜ ଉକ୍ତ ତାଃ ବାଃ ରଘୁମାହାନ୍ତି ଓଗେରଙ୍କ ନାମର ନ୬୦୯ ମ୍ବର ଖାତା ବାଃ ପାହ୍ନ ମଧ୍ୟରୁ ରଘୁମାହାନ୍ତି ଖଃ ଟ୦୩ରୁ ଏ୦—୧୭ ରୁ ଜମା ଟ୦।୬ ଅଟେ ।

୬ । ପ୍ର । ଏକଜ ମୌଃ ଏକଜ ଉକ୍ତ ତାଃ ବାଃ ରଘୁମାହାନ୍ତି ଓଗେରଙ୍କ ନାମର ନ୬୧୦ ଖାତା ବାଃ ପାହ୍ନ ମଧ୍ୟରୁ ରଘୁ ମାହାନ୍ତି ଖଃ ଟ୦୫ ରୁ ଏ୦—୭୩ ଡିଃ ଜମା ଟ୩।/୫୫ ଅଟେ ।

—

ନ ୨୪୨ ମ୍ବର ଡକ୍ରୀଜାରି ସନ ୧୯୨୫ ମସିହା
କଟକ । ମୁ । ସବାଡିଟେଣ୍ଟ ଜଜସାହେବଙ୍କ ଅଦାଲତ

ଚୌଧୁରୀ ଚନ୍ଦ୍ରଧର ମହାପାତ୍ର । ସା । ଅଲକ୍ଷ୍ମୀବଜାର ସହର କଟକ ଡକ୍ରୀଦାର
ଘର୍ଣ୍ଣି ପାତ୍ର ସାଃ ଜଗଜ ଙ୍କଃ ମୋଟଇ । ପ୍ର । ବାଣପୁରବାଦ ଦେଣଦାର

ଯେହେତୁ ଉପରଲିଖିତ ନମ୍ବର ଡକ୍ରୀଜାରି ମୋକଦ୍ଦମାରେ ଡକ୍ରୀଦାରଙ୍କର ସମସ୍ତ ପାଉଣା ଜରଭକ୍ତୀ ଖେର୍ ଟଙ୍କା ଅଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିମାନ ତା ୧୩।୧୦।୧୯୨୫ ରଖେ ନିଲମ ହେବ ।

୧ । କଟକ ଜିଲ୍ଲା ଅନ୍ତର୍ଗତ ପୁଲିଶଷ୍ଟେସନ ଓ ସବରେଜଷ୍ଟର ମୁଃ କଟକ ସଦର ଇଲାକାଧୀନ ପ୍ରଃ ବାଣପୁରବାଦ ଓ ନ ୩୪୨ ମ୍ବର ତଉଜି ଉକ୍ତ ଙ୍କଃ ମୋଟଇ ମୌଃ ନଆଗାଁ ଉଜବାରେ ଥିବା ନ୧୩ମ୍ବର ଖାତା ବାଃ ପାହ୍ନ ସ୍ଥିତିବାନ ଲଗୁଣ ଏ୪—୩୧ ଜମିରୁ ଜମା ଟ ୧୨।୬ ଅଟେ ତହିଁ ମଧ୍ୟରୁ ଅନ୍ୟ ସହ୍ରିକଦାରଙ୍କ ଲମ୍ବା ଦେଓ୍ୱାନଙ୍କ ଙ୍କଃ ଟ ୨ ବାଦ୍ ବାକି ଦେଣଦାରଙ୍କ ଙ୍କଃ ଟ ୦୨ କୁ ଏ୨—୧୫—୫ ଜମା ଟ ୬।୯ ଅଟେ ତହିଁରେ ଦେଣଦାର ମାଲିକ ଓ ଦଖଲକାର ଥିବାରୁ ଉକ୍ତ ଏ୨—୧୫—୫ ଜମି ଓ ତହିଁରେ ଦେଣଦାର ଯେ ଦଖଲସ୍ୱତ୍ୱ ଅଛି ତାହା ଏ ମୋକଦ୍ଦମାରେ ନୋଟ ନିଲମ ହେବ ଉକ୍ତ ସମ୍ପତ୍ତିର ଅଃ ମୂଲ୍ୟ ଟ ୧୦୯

୨ । ପ୍ରଃ ଏକଜ । ମୌ । [illegible] ଉଜବାରେ ଥିବା [illegible] ନ୪୫ ମ୍ବର ଖାତା ବାଃ ପାହ୍ନ ସ୍ଥିତିବାନ ଲଗୁଣ ଏ୧—୮୬ କୁ ଜମା ଟ ୨୫।୬ ଅଟେ ତହିଁ ମଧ୍ୟରୁ ଅନ୍ୟ ସହ୍ରିକଦାର ଙ୍କଃ ଟ ୦।/ ବାଦ ଅବଶିଷ୍ଟ ଦେଣଦାରଙ୍କ ଙ୍କଃ ଟ ୦୫।୬ ରୁ ଏ୧—୨୭—୯ କୁ ଜମା ଟ ୧୦।/ ଅଟେ ଉକ୍ତ ୧—୨୭—୯ ଭୂମିରେ ଦେଣଦାର ମକବୁଲ ମାଲିକ ଓ ଦଖଲକାର ହେବାରୁ ଉକ୍ତ ଜମି ଓ ଦେଣଦାରଙ୍କର ଯେ ପ୍ରକାର ଦଖଲ ସ୍ୱତ୍ୱ ଅଛି ଓ ଅମ୍ଳ ୫ ୨ ରୁ ସମ୍ବନ୍ଧ ଏ ମୋକ-

Digitized by srujanika@gmail.com

...ମାରେ ଢୋଲ ନିଲାମ ହେବ ଉକ୍ତ ସମ୍ପତ୍ତିର ଆଃ ମୂଲ୍ୟ ଟ ୫୦୯

୩। ଏକଲ ଏକଲ । ମୌ। ନଗ୍ରଜ ମହାରଥାପୁର ନ ୨୮୪୨ ମ୍ବର ତଃ ଉକ୍ତ ନ ୨୧୨ ମ୍ବର ଖାତା ବାଃ ଗ୍ରନ୍ଦନା ଏ୦-୧୫ ଜମିରୁ ଜମା ଟ ୦୵୵ ଅଟେ ଉକ୍ତ ଏ୦—୧୫ ଜମି ତହିଁ ଉପରେ ଥିବା ଦେଣଦାରଙ୍କର ବାସ୍ତୁ ଛପରଘର ବ ୨ ଖଣ୍ଡ ମଧ ତହିଁରେ ଲାଗିଥିବା ଜବାଟ ଗୋବାଠ ସହିତରେ ପ୍ରତିବାଦୀ ମାଲିକ ଓ ଦଖଲକାର ଥିବାରୁ ତାହା ଏ ମୋକଦ୍ଦମାରେ ଢୋଲ ନିଲାମ ହେବ ତହିଁର ଆଃ ମୂଲ୍ୟ ଟ ୨୦୯

୪। ଏକଲ ଏକଲ । ପ୍ର। ବାଖରାବାଦ । ମୌ। ନଥଗାଁ ରକବାରେ ଥିବା ଦେଣଦାରଙ୍କ ନାମର ନ ୨୮୦୨ ମ୍ବର ତଃ ଓ ନ ୭୧ ମ୍ବର ଖାତା ଭାଃ ଏ୦—୩୨ ରୁ ଜମା ଟ ୧୯୩ ଅଟେ ଉକ୍ତ ଜମିରେ ପ୍ରତିବାଦୀ ମାଲିକ ଓ ଦଖଲକାର ଥିବାରୁ ତାହା ଏ ମୋକଦ୍ଦମାରେ ଢୋଲ ନିଲାମ ହେବ ତହିଁର ଆଃ ମୂଲ୍ୟ ଟ ୧୦୯

୫। ଏକଲ ଏକଲ । ପ୍ର। ବାଖରାବାଦ । ମୌ। ନଗ୍ରଜ ମହାରଥାପୁର ନ ୨୮୪୨ ମ୍ବର ତଃ ଉକ୍ତ ଓ ନ ୭୪ ମ୍ବର ଖାତା ବାଃ ଦେଃ ନାମର ପାହି ସ୍ଥିତିବାନ ମାହଲ ଏ୦—୧୯ ରୁ ଜମା ଟ୦।୩ ଉକ୍ତ ଜମିରେ ପ୍ରତିବାଦୀ ନନ୍ଦକୁ ମାଲିକ ଓ ଦଖଲକାର ଥିବାରୁ ଉକ୍ତ ଜମି ଓ ତହିଁର ସକଳ ପ୍ରକାର ସ୍ୱତ୍ୱ ଏ ମୋକଦ୍ଦମାରେ ଢୋଲ ନିଲାମ ହେବ ଆଃ ମୂଲ୍ୟ ଟ ୧୦୯

୬। ଏକଲ ଏକଲ । ପ୍ର। ବାଖରାବାଦ । ମୌ। ନୂଆଗାଁ ନ ୨୮୪୨ ମ୍ବର ତଃ ଓ ନ ୭୨ ମ୍ବର ଖାତା ବାଃ ମୋଟ ଏ୦—୫୬ ର ଜମା ଟ ୧୬/୯ ଅଟେ ତହିଁ ମଧ୍ୟରୁ ଅନ୍ୟ ସରିକଦାର ଙ୍କ ଟ ୦୵ ବାଦ ବାକି ଦେଃ ଙ୍କି ଟ ୦।କ ଏ୦—୧୪—୨ ଜମା ଟ ୦।୮ ଅଟେ ଉକ୍ତ ଜମିରେ ଦେଣଦାର ମାଲିକ ଓ ଦଖଲକାର ଥିବାରୁ ଉକ୍ତ ଜମି ଓ ତହିଁରେ ଥିବା ଦେଣଦାରଙ୍କର ସକଳ ପ୍ରକାର ସ୍ୱତ୍ୱ ସହିତ ଏ ମୋକଦ୍ଦମାରେ ଢୋଲ ନିଲାମ ହେବ ତହିଁର ଆଃ ମୂଲ୍ୟ ଟ ୧୦୯ ଅଟେ

ନ ୨୮୨ ମ୍ବର ଡିକ୍ରୀଜାରି ସନ ୧୯୨୫ ମସିହା
କଟକ । ମୁ। ପ୍ରଥମ ମୁନସଫି ଅଦାଲତ
୧ ଗୁରୁ ସା ଓରଫ ଗୋଲଫ ସା ଓ ୨ ରାଜୁ ସା ଓ ୩ ଓମ୍ପାରୁ ସା ।ସାଃ ଅଗରପଡ଼ା ।ପ୍ରଃ ଛପନଖଣ୍ଡ ବାଦୀ ଡିକ୍ରୀଦାରମାନେ
ନଟେଇ ନାଏକ ଓଗେରେ ଜଣେ ।ସାଃ ବାଣୀପଦା ।ପ୍ରଃ ଛପନଖଣ୍ଡ ଦେଣଦାରମାନେ

ଜରିତକ୍ତୀ ଓଗେରେ ଏ ମୋକଦ୍ଦମାର ପାଉଣା ଟଙ୍କା ସକାଶେ ନିମ୍ନଲିଖିତ ସମ୍ପତ୍ତି ତା ୧୬।୧୦।୨୫ ରଖେ ନିଲାମ ହେବ ।

୧। ଜିଃ କଟକ ପ୍ରଃ ଛପନଖଣ୍ଡ ନ ୮୫୪ ମ୍ବର ତଉଜି ଉକ୍ତ ମୌଃ ବାଣୀପଦା ରକବାରେ ଥିବା ପାହି ନ ୨୨୩ ମ୍ବର ଖାତା ବାଃ ଏ୦—୮ ଡିଃରୁ ଜମା ଟ ୩୲୵୩ ପାହି ଅଟେ ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୧୦୦ ଙ୍କା

୨। ପ୍ରଃ ଛପନଖଣ୍ଡ ମୌଃ ବାଣୀପଦା ଥାହି ୬୭ ମ୍ବର ଖାତା ବାଃ ଏ୦—୮ ଡିଃରୁ ଆଃ ମୂ ଟ ୫୦୯ ଙ୍କା ଅଟେ ।

ନ ୪୦ ମ୍ବର ଜାରି ସନ ୧୯୨୫ ମସିହା
କଟକ । ମୁ । ୨ୟ ମୁନସଫଙ୍କ ଅଦାଲତ
ରଘୁନାଥ ଡିଃ
ବଦ୍ୟାଧର ବେହେରା ଦେଃ

ଡିକ୍ରୀଦାରଙ୍କ ଜରିକତ୍ତୀ ଓଗେରେ ପାଉଣା ଟଙ୍କା ଅଦାୟ ସକାଶେ ନିମ୍ନଲିଖିତ ସମ୍ପତ୍ତିମାନ କଟକ ମୁ। ୨ୟ ମୁନସଫଙ୍କ ଅଦାଲତରେ ତା ୧୬।୧୦।୨୫ ରଖେ ନିଲାମ ହେବ ।

୧। କଟକ ଜିଲା ଅନ୍ତଃପାତି ପୁଲିଶଷ୍ଟେସନ ଓ ସବରେଜେଷ୍ଟର ମୁ ଃ ସାଲେପୁର ଇଲାକାଧୀନ ପ୍ରଃ ସୁଗ୍ରାଡ଼ା ମୌଃ ଖଣ୍ଡଗାଁ ରକବାରେ ଥିବା ନ ୧୩ ମ୍ବର ଖାତା ବାଃ ୪ ରମୁତି ଏ୦—୧୩ଡିଃ ମଧ୍ୟରୁ ଦେଃ ଙ୍କ ଟ୦୵ରୁ ଏ୦—୦୦୬୨ରୁ ଜମା ଟ୦।୩ ଅଟେ ତାହା ଏ ମୋକଦ୍ଦମାରେ ନିଲାମ ହେବ ଆଃମୂଃଟ ୧୦୯

୨। ପ୍ରଃ ସୁଗ୍ରାଡ଼ା ମୌଃ ଖଣ୍ଡଗାଁ ରକବାରେ ଥିବା ଗ୍ରନ୍ଦନା ସ୍ଥିତିବାନ ରଯ୍ୟତ ନ ୧୨୮ ମ୍ବର ଖାତା ବା ଃ ଏ୦—୨୨୦ଡିଃରୁ ଜମା ଟ୦୩/୮ ମଧ୍ୟରେ ଦେଣଦାରର ଦ ଃ ଙ୍କ ଃ ଟ୦ ୩ରୁ ଏ୦—୧୩୦ଡିଃରୁ ଜମା ଟ୦ ।୨ ଅଟେ ତାହା ଏ ମୋକଦ୍ଦମାରେ ନିଲାମ ହେବ ଆଃ ମୂଃ ଟ୦ ୩୦ଙ୍କା

ନ ୩୨ ମ୍ବର ନୋଟିସ । ତା୧୦।୧୦।୨୫

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଆମ୍ଭର ପିତା ସୋବାନ ଖାଁଙ୍କ ମୃତ୍ୟୁପରେ ଆମ୍ଭର ସମସ୍ତ କୁଟୁମ୍ବାଦ ଓ ସାବତ ଭାଇ ଆକୁଲ ରହେମାନ ଖାଁ ଏକ ଅନ୍ନରେ ଥିଲୁଁ ଏବଂ ସେ ଆମ୍ଭଙ୍କୁ ଭିନେ କରିଦେଇ ଥିବାରୁ ଅମ୍ଭେ ଇବ୍ରାହିମ ଖାଁ ସମସ୍ତ କୁଟୁମ୍ବର ଅଭିଭାବକ ସ୍ୱରୂପ ଓ ଅଜାସଉଦ୍ଦିନ ଖାଁ ଓ ଅଲେମଦ ଖାଁ ଓଗେରଙ୍କୁ ଭରଣ ପୋଷଣ କରୁଥିଲୁ ଓ କରୁଅଛୁଁ । ଅମ୍ଭେ ବିଦେଶରେ ସର୍ବଦା ଥିବାରୁ ଆମ୍ଭର ଟଙ୍କା ପଇସା ଇତ୍ୟାଦ ଅଜାସଉଦ୍ଦିନ ଖାଁଙ୍କ ନାମରେ ପ୍ରେରଣ ହେଉଥିବା କାରଣ ଅଲେମଦ ଖାଁଙ୍କର ମତି ଭ୍ରମ ଥିବାରୁ ଅଜାସଉଦ୍ଦିନ ଖାଁ ଗ୍ରାମରେ ଥାଇ ଗୃହର ଭଲମନ୍ଦ ଓ ଜମି ଖରିଦ ଇତ୍ୟାଦ ବିଷୟମାନ ଆମ୍ଭର ପ୍ରେରିତ ଟଙ୍କାରୁ କରନ୍ତି, କିନ୍ତୁ ଅମ୍ଭେ ବିଦେଶରେଥିବା ହେତୁ ଆମ୍ଭଙ୍କ ଅଜ୍ଞାତ ଅବସ୍ଥାରେ ସେ ଆମ୍ଭର ସ୍ୱଅର୍ଜିତ ଜମି ମଧ୍ୟରୁ କେତେକ କବାଲାରେ ତାଙ୍କର ନାମ ଉଲ୍ଲେଖ କରିଅଛନ୍ତି ଓ କୁଟୀଳତା ମିଥ୍ୟାଚରିତା ବଶତଃ ସେ ଏହିରୂପ ଅଇନ ଅସଙ୍ଗତ କାର୍ଯ୍ୟ କରିଥିବାର ଅମ୍ଭେ ଶୁଣି ପାଉଅଛୁଁ । ପରେ ଆମ୍ଭଗ୍ରାମରେ ଗ୍ରାମବାସିମାନଙ୍କର ଓ ଆମ୍ଭମାନଙ୍କର ପାର୍ଟୀର କୌଣସି ମତଭେଦ ଘଟିବାରୁ ଉଭୟ ପକ୍ଷଙ୍କର ମାଲିମକଦ୍ଦମା ହେବାରୁ ଅପର ପକ୍ଷ ସତି ଗ୍ରସ୍ତ ହୋଇ ଫଳବଶ ହୋଇ ନ ଥିବରୁ ତେଣୁ ସେ ଆମ୍ଭର ଭାଇ ଅଜାସଉଦ୍ଦିନ ଖାଁଙ୍କୁ କୁପରାମର୍ଶ ଦେଇ ଆମ୍ଭର ଖଣ୍ଡଆନରେ ସାମିଲଥିବା ଜମିକୁ ହସ୍ତାନ୍ତର କରିବାର ଇଚ୍ଛା କରିଅଛନ୍ତି, ଏବଂ ବିପକ୍ଷଦଳ ଅବଦୁଲରହେମାନ ଖାଁ ଓ ଅବଦୁଲସୁକର ଖାଁଙ୍କ ନାମରେ ଅମ୍ଭେ ଶାନ୍ତିରକ୍ଷା ଦରଖାସ୍ତ କରିବାରୁ ସେମାନଙ୍କୁ waring notice ତା୪-୯-୨୫ ରେ ହୋଇଥିଲା ଏହିରାଗବଶତଃ ସେମାନେ ଆମ୍ଭର ଭାଇ ଅଜାସଉଦ୍ଦିନ ଖାଁଙ୍କୁ କୁପରାମର୍ଶ ଦେଇ ଜମୀ ହସ୍ତାନ୍ତର କରିବା ମାନସରେ ପ୍ରସ୍ତୁତଥିବାରୁ ତେଣୁ ଅମ୍ଭେ ସର୍ବସାଧାରଣଙ୍କ ଜାଣିକି ଦିଉଅଛୁଁ କି କେହି ଲୋକଯଦି ଆମ୍ଭର ବିନା ଅନୁମତି ଓ ଦସ୍ତଖତରେ ଜମି ଖରିଦ୍ଦ କରିବେ ତାଙ୍କର କବାଲା ରଦ ହେବ ଓ ଗଭର୍ଣ୍ଣମେଣ୍ଟଙ୍କ ଅଇନ ଅନୁସାରେ ଅମ୍ଭେ ଦାୟୀକ ହେବୁନାହିଁ କି ସେମାନଙ୍କର କବାଲା ଫଳବଶ ନହୋଇ ଅଗ୍ରାହ୍ୟ ହେବ । ପ୍ରକାଶ ଥାଉକି ଆମ୍ଭର ଦଖଲ ଜମୀ ନାଜର ଖାଁ ସାଃ ବାନ୍ତଥାର ପୁର ନାମରେ ଖାତା ଥିବାରୁ ତେଣୁ ପ୍ରକାଶ କରୁଅଛୁଁ କି କେହି ଯଦି ତାଙ୍କୁ କୁପରାମର୍ଶ ଦେଇ ଉକ୍ତ ଜମୀ ହସ୍ତଗତ କରନ୍ତି ତେବେ ତାଙ୍କର ଜମୀ ବାବତ ଆଇନ ଅଦାଲତରେ ଅଗ୍ରାହ୍ୟ ହେବ ଏବଂ ହାସନ ଖାଁ ସାଃ ରଷ୍ଟଖଣ୍ଡ ଥାନା କେନ୍ଦ୍ରାପଡାରେ ସେ ଅମ୍ଭଙ୍କ ତାଙ୍କର ଘରବାଡ଼ି ଭିଡ଼ ଜମି ବାନ୍ଧୀକର ତା୨୭।୭।୨୪ ରେଜେଷ୍ଟର କରିଦେଇ ଥିବାରୁ ଅମ୍ଭେ ତେଣୁ ପ୍ରକାଶ କରୁଅଛୁଁ କି ଯଦି କେହି ଉକ୍ତ ଜମୀ ତାଙ୍କର ସ୍ତ୍ରୀ ବାଷିନାଙ୍କାଙ୍କ ଠାରୁ କୁ ପରାମର୍ଶ ବଶତଃ ଗ୍ରହଣ କରନ୍ତି ତେବେ ତାହା ସୁଧା ଅଇନ ଅଦାଲତରେ ଅଗ୍ରାହ୍ୟ ହେବ । ଇତି ।

ତା୨୨-୯-୨୫ରିଖ

ଇବ୍ରାହିମ ଖାଁ ।
କେନ୍ଦ୍ରାପଡ଼ା ।

Split by PDF Splitter

Digitized by srujanika@gmail.com

REGISTERED No. L. 6

419

ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

The Utkal Dipika.

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ମୂଲ୍ୟ ଅଗ୍ରିମ [illegible] ପ୍ରତିଖଣ୍ଡ [illegible]

ଖ ୬° ଗ

Cuttack Saturday the 17th October 1925

କାର୍ତ୍ତିକ ୨ ଜ ସନ ୧୩୩୩ ସାଲ ଶନିବାର ।

ସଂ ୩୯ ସଂଖ୍ୟା

ଚୀନର ଅବସ୍ଥା—ବୈଦେଶିକ ଶକ୍ତିସମୂହ ଅବୈଧ ଭାବରେ ଚୀନକୁ ଯେପରି ହଇରାଣ କରିବାକୁ ବସିଥିଲେ ତାହା ପାଠକମାନଙ୍କୁ ଜଣାଅଛି । ଚୀନ ଯେ ବର୍ତ୍ତମାନ ତାର ପ୍ରକୃତ ଅବସ୍ଥା ସମ୍ବନ୍ଧରେ ବୁଝି ପାରିଲଣି ଏକଥା ଏଣିକି ବୈଦେଶିକ ଶକ୍ତିମାନେ ସ୍ୱୀକାର କଲେଣି । ତେଣୁ ସେମାନେ ଚୀନ ସମ୍ବନ୍ଧେ ସୁବ୍ୟବସ୍ଥା କରିବାକୁ ବସିଅଛନ୍ତି ଏବଂ ସେଥିର ପରିଚାଳକ ବଳଟକୁ ପଥ ଦେଖି ଅଛନ୍ତି । ସାହାଇର ଅଭ୍ୟନ୍ତରୀଣ ଅବସ୍ଥା, ବିଚାର ପ୍ରଣାଳୀ, ମ୍ୟୁନିସିପାଲିଟି, ଚୀନାମାନଙ୍କର ଇଙ୍ଗ୍ଲାଣ୍ଡ ସମ୍ବନ୍ଧୀୟ ଆପତ୍ତି ସବୁ ବିବେଚନା କରିବାକୁ ସେମାନେ ବର୍ତ୍ତମାନ ପ୍ରସ୍ତୁତ, ଇଂଲଣ୍ଡ ମଧ୍ୟ ବର୍ତ୍ତମାନ ଚୀନର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବାକୁ ଚାହାଁଇଲଣି । ପେକିନସ୍ଥ ଇଂରାଜ ଦୂତ ସ୍ୟାର୍ ରୋନାଲ୍ଡ ମ୍ୟାକଲେ ମାଞ୍ଚେଷ୍ଟରର ଗୋଟିଏ ବକ୍ତୃତାରେ କହିଅଛନ୍ତି ଚୀନର ବର୍ତ୍ତମାନ ଅବସ୍ଥାଦୃଷ୍ଟେ ଦେଖାଯାଉଅଛି ଯେ ତାକୁ ଆଉ ଦବେଇ ରଖାଯାଇ ପାରିବନାହିଁ । ଚୀନ ବର୍ତ୍ତମାନ ତାହାର ଭୁଲ ବୁଝି ପାରିଅଛି । ତୁରସ୍କ ଇଂରାଜମାନଙ୍କ ବିପକ୍ଷରେ ଯୁଦ୍ଧ କରି ଯେ ସ୍ୱାଧୀନତା ଲାଭ କରିଅଛି ତାକୁ ଚୀନ ଇଂରାଜମାନଙ୍କ ସାହାଯ୍ୟ କରି ସୃଷ୍ଟି ତାର ଏପ୍ରକାର ଖରାପ ଅବସ୍ଥା ହୋଇଅଛି । ସଂହାଇର ଇଂରେଜ ବଣିକମାନେ ଗୋଟିଏ ସଭାରେ ସ୍ଥିର କରିଅଛନ୍ତି ଯେ ମ୍ୟୁନିସିପାଲ କାଉନ୍ସିଲରେ ଓ ମିଶ୍ର କୋର୍ଟମାନଙ୍କରେ ଚୀନର ପ୍ରତିନିଧି ଗ୍ରହଣ କରିବା କଥା ବୈଦେଶିକମାନଙ୍କର ହଠାତ୍ ଏପରି ବଦଳି ପଡିବାର କାରଣ କିଛି ବୁଝାଯାଉନାହିଁ । କେବଳ ଭରସା ଏତିକି ଯେ ସମ୍ମୁଖ ଦିନମାନଙ୍କରେ ଏହା ଏଥିରୁ ସ୍ପଷ୍ଟ ଜଣାପଡୁଛି ।

ପ୍ରକୃତ ସହଯୋଗିତା—ଆଗାମୀ କାନପୁର କଂଗ୍ରେସରେ ସଭାନେତ୍ରୀ ଶ୍ରୀମତୀ ସରୋଜିନୀ ନାଇଡୁ ବମ୍ବେଇଠାରେ ସହଯୋଗିତା ସମ୍ବନ୍ଧରେ ଗୋଟିଏ ବକ୍ତୃତା ଦେଇଅଛନ୍ତି । ସେ କହିଥିଲେ—ସେ କେବେ ହେଲେ ରାଜନୈତିକ ଆଲୋଚନାରେ ସମ୍ପୃକ୍ତ ନଥିଲେ । କିନ୍ତୁ ଦେଶର ବା ଅବସ୍ଥା ଦେଖିବାରୁ ସେ ଏଥିରେ ମନ ଦେଇଅଛନ୍ତି । ଏଣୁ ସେ ରାଜନୈତିକ ସଙ୍କୀର୍ଣ୍ଣତା ମଧ୍ୟରେ ଆବଦ୍ଧ ରହିବାକୁ ଇଚ୍ଛା କରନ୍ତି ନାହିଁ । କୌଣସି ସମ୍ପ୍ରଦାୟ ବା ଜାତି ସହଯୋଗ ବ୍ୟତୀତ କୌଣସି କାମରେ ସଫଳ କାମ ହୋଇ ନ ପାରେ ? କେବଳ ଏହାର ଅଭାବରୁ ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ ପ୍ରଭୃତି ମହାପୁରୁଷମାନେ ଉତ୍ପୀଡିତ ହୋଇଥିଲେ । ସେ ପ୍ରକୃତ ସହଯୋଗିତାର ସ୍ୱରୂପ ସମ୍ବନ୍ଧ କହନ୍ତି ସେମାନେ

ଯେପରି ଦକ୍ଷିଣ ଆଫ୍ରିକାର ଭାରତବାସିମାନଙ୍କ ପ୍ରତି ସହାନୁଭୂତିପ୍ରଦର୍ଶନ କରନ୍ତି, ଏବଂ ସେମାନଙ୍କ ମଙ୍ଗଳ ନିମନ୍ତେ ଯେପରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତି । ଭାରତର ସମ୍ମାନ ତାହାର ଭଲ ସମ୍ପ୍ରଦାୟ ଉପରେ ନିର୍ଭର କରେ । ଏହି ସମ୍ପ୍ରଦାୟମାନଙ୍କ ମଧ୍ୟରେ ଯେପରି ଅହଂକାର ଭାବ ଆସିବ ନ ରହେ ।

ବିଦାୟ ଭୋଜି—ବଡ଼ଲାଟଙ୍କ କାର୍ଯ୍ୟକାଳ ଶେଷହୋଇ ଆସିଲଣି । ଆଉ ଛଅମାସ ପରେ ସେ ଭାରତ ଛାଡ଼ି ଚାଲିଯିବେ । ଏଠାରୁ ତାଙ୍କ ବିଦାୟ ସମ୍ବର୍ଦ୍ଧନା ଚାଲିଲଣି । ସିମଲାରେ ଭାରତୀୟମାନେ ତାହାଙ୍କ ଅଭିନନ୍ଦନ ଗୋଟିଏ ବିଦାୟ ଭୋଜି ଦେଇଥିଲେ । ସ୍ୟାର ମହମ୍ମଦ ଶଫୀ ଏହି ଉତ୍ସବରେ ସଭାପତି ହୋଇଥିଲେ । ବଡ଼ଲାଟ ଏଥି ପୂର୍ବରୁ ଯେଉଁ କାମ ଭାରତପାଇଁ କରିଅଛନ୍ତି ସେଥିପାଇଁ ସେ ବଡ଼ଲାଟଙ୍କୁ ବହୁତ ପ୍ରଶଂସା କରିଥିଲେ । ଭାରତ ସ୍ୱରାଜ୍ୟ ଶୀଘ୍ର ଭାରତକୁ ଆସୁ ବୋଲି ସେ ପାଇଁ ମଧ୍ୟ ପ୍ରାର୍ଥନା କରିଥିଲେ । ଯେଉଁଠି ସମସ୍ତ ଭାରତର ଜନମତ ସମସ୍ୱରେ ପ୍ରତିଧ୍ୱନିତ ହୋଇଛି ଏ ସେ ସ୍ଥାନରେ ମହମ୍ମଦ ଶଫିଙ୍କ ପ୍ରଶଂସା ବା କେତେ ଦୂର ଫଳପ୍ରଦ ହେବ ! ବଡ଼ଲାଟ ଲର୍ଡ ରିଡିଂ ତାହାର ଯେଉଁ ଜବାବ ଦେଇଅଛନ୍ତି ସେଥିରେ ସ୍ୟାର ମହମ୍ମଦ ଶଫି ଯେ ନିରାଶ ହୋଇଥିବେ ସନ୍ଦେହ ନାହିଁ । ତାହାହେଉ ବଡ଼ଲାଟ ସହାନୁଭୂତି ଓ ସହଯୋଗପାଇଁ ବିଶେଷ ଅନୁରୋଧ କରିଥିଲେ । ଭାରତର ବଡ଼ଲାଟ ଲର୍ଡ ରିଡିଂଙ୍କ ପରେ କିଏ ଆସିବେ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏଥି ମଧ୍ୟରେ ଭାରତମନ୍ତ୍ରୀ ଲର୍ଡ ବର୍କେନହେଡ୍ ପ୍ରମୁଖ ଅନେକ ଲୋକଙ୍କ ନାମ ଶୁଣାଗଲାଣି । ପ୍ରକୃତରେ କିଏ ବଡ଼ଲାଟ ହୋଇ ଆସିବେ ତାହା ଅବଶ୍ୟ ଅଚିରେ ଜଣାପଡିବ ।

ତୁରସ୍କର ଉନ୍ନତି—ତୁରସ୍କ ସ୍ୱାଧୀନ ହେବା ଦିନଠାରୁ ତାହାର ଅବସ୍ଥାର ଉନ୍ନତି ହେଉଅଛି । ଗତ ମହାଯୁଦ୍ଧ ପରେ ତୁରସ୍କର ୨୪ ଟି ଜାହାଜଥିଲା । ଏବଂ ସେମାନେ ୩୦,୦୦୦ ଟନ୍ ମାଲ୍ ବହନ କରିପାରୁଥିଲେ । ପୂର୍ବରୁ ଏହା ବୈଦେଶିକମାନଙ୍କର ଏକଚାଟିଆ ଅଧିକାରରେ ଥିଲା, ତୁରସ୍କ ସରକାର ବର୍ତ୍ତମାନ ଏହାର ଉନ୍ନତିକଳ୍ପେ ଲାଗି ପଡିଅଛନ୍ତି । ତୁରସ୍କର ଗୋଟିଏ ସରକାରୀ ରିପୋର୍ଟରୁ ଜଣାଯାଏ ଯେ ବର୍ତ୍ତମାନ ଅନେକ ନୌବାହନ କମ୍ପାନୀ ଗଠିତ ହୋଇଅଛି, ଏବଂ ଅନେକ ନୂତନ ଜାହାଜ ମଧ୍ୟ ଖରିଦ କରାଗଲାଣି । ତୁରସ୍କ ସରକାରଙ୍କର ବର୍ତ୍ତମାନ ୧୧୩ ଗୋଟି ଜାହାଜ ହେଲାଣି । ସେମାନେ ୯୦,୦୦୦ ଟନ୍ ମାଲ ବହନ କରିପାରିବେ । "ସେଇସ୍ ସେଫାଇନ୍" ନାମକ ଗୋଟିଏ ନୌବାହନ କମ୍ପାନୀ ଗଠିତ ହୋଇଅଛି । ବର୍ତ୍ତମାନ ତୁରସ୍କରେ ମଟରଗାଡିରୁ ମଧ୍ୟ ବହୁତ ଆମଦାନୀ ହେଉଅଛି ।

ଇଟାଲୀର ସହାନୁଭୂତି—

ଇଟାଲୀର ଆନ୍ତର୍ଜାତିକ କୃଷକ ସମିତିର ଜେନେରାଲ ସେକ୍ରେଟେରୀ ପଣ୍ଡିତ ମୋତିଲାଲ ନେହେରୁଙ୍କ ପାଖକୁ ନିମ୍ନଲିଖିତ ମର୍ମରେ ଗୋଟିଏ ପତ୍ର ଲେଖି ଅଛନ୍ତି ।

ପ୍ରିୟ ଭାଇ ମନ୍ତ୍ରୀ ଓ ସହକର୍ମୀଗଣ !

ଆପଣମାନଙ୍କର ଦଳପତି ଡିଃ, ସି, ଆର୍, ଦାସଙ୍କ ମୃତ୍ୟୁ ହେବାରୁ ଆପଣ ମାନଙ୍କର ସ୍ୱାଧୀନତା ଆନ୍ଦୋଳନରେ ଯେଉଁ କ୍ଷତି ଘଟିଅଛି ସେଥି ସକାଶେ ଆନ୍ତର୍ଜାତିକ କୃଷକ ସମିତି ଆପଣଙ୍କୁ ଓ ଆପଣ ଦେଶମାନଙ୍କର ପ୍ରତିନିଧି ସେମାନଙ୍କୁ ଆନ୍ତରିକ ସମବେଦନା ଜଣାଉଅଛି ।

ଆମ୍ଭମାନଙ୍କର ଏହି ସମିତି ପୃଥିବୀର ୩୯ଟି ଦେଶର କୃଷକମାନଙ୍କୁ ନେଇ ଗଠିତ ଆମ୍ଭେମାନେ ପୃଥିବୀର ଲକ୍ଷ ଲକ୍ଷ କୃଷକଙ୍କ ପକ୍ଷରୁ ଘୋଷଣା କରୁଅଛୁଁ ଯେ ଆପଣମାନେ ଭାରତର ଯେଉଁ କୋଟି କୋଟି କୃଷକମାନଙ୍କର ଆର୍ଥିକ ଓ ରାଜନୈତିକ ଉନ୍ନତି କଳ୍ପେ ଚେଷ୍ଟା କରୁ ଅଛନ୍ତି ଆମ୍ଭେମାନେ ମଧ୍ୟ ସେଥିପାଇଁ ଚେଷ୍ଟା କରୁଛୁଁ ।

ସ୍ୱରାଜ୍ୟଲାଭପାଇଁ ଆପଣମାନେ ଦଳ ସଂଗଠନର ଆବଶ୍ୟକତା ସମ୍ବନ୍ଧେ ପାଟନାଠାରେ ଯେଉଁ ସିଦ୍ଧାନ୍ତ କରିଅଛନ୍ତି ତାହା ଆମ୍ଭେମାନେ ସମର୍ଥନ କରୁଅଛୁଁ ।

ଆପଣମାନେ ଅଭୀଷ୍ଟ ସାଧନ ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିଥାନ୍ତୁ ସତେ ସମସ୍ତ କୃଷକଙ୍କ ପକ୍ଷରୁ ଆମ୍ଭେମାନେ ତାହା ସମର୍ଥନ କରୁଅଛୁ ।

ଆମ୍ଭମାନଙ୍କର ପ୍ରେରିତ ଯେଉଁ ମଡେଲ କାର୍ଯ୍ୟକ୍ରମ ନିମନ୍ତେ ଆପଣମାନଙ୍କ ନେତାଙ୍କର ସ୍ମରଣୀୟ ନାମ କରଯାଇଅଛନ୍ତି ତାହା ଆମ୍ଭମାନଙ୍କ ଦ୍ୱାରା ଏବଂ ଆପଣମାନଙ୍କ ମିଳିତ ଚେଷ୍ଟା ଦ୍ୱାରା ସଫଳ ହେଉ ।

ଆପଣଙ୍କର ଏହି ଦୁଃଖ ସମୟରେ ଆମ୍ଭେମାନେ ଆପଣଙ୍କୁ ପୂର୍ଣ୍ଣ ସାହାଯ୍ୟ ଦାନ କରିବାକୁ ପ୍ରସ୍ତୁତ ହେଉଅଛୁ ।

କଟକ ମିଉନିସିପାଲିଟିର ସାନିଟିକଲ ବନ୍ଦୋବସ୍ତ ।

ଏ ସମ୍ବନ୍ଧେ ଜଣେ କରଦାତା ନିମ୍ନୋକ୍ତ ପ୍ରଶ୍ନଗୁଡିକ ପଚାରିଅଛନ୍ତି ।

୧ମ—ଯେଉଁ କମିଶନରମାନେ ସ୍ୱରାଜିଷ୍ଟର ପ୍ରାର୍ଥୀ ପକ୍ଷରେ ଦସ୍ତଖତ କରି ପରେ ଦସ୍ତଖତ ଉଠାଇନେଲେ, ସେମାନେ ଦସ୍ତଖତ ଉଠାଇନେବା ପୂର୍ବରୁ ନିଜ ନିଜ ୱାର୍ଡର କରଦାତାମାନଙ୍କର ଅର୍ଥାତ୍ ସେମାନେ ଯେଉଁମାନଙ୍କର ପ୍ରତିନିଧି ସେମାନଙ୍କର ମତ ନେଇଥିଲେ କି ନା ?

୨ୟ—ଯଦି ସେମାନେ କରଦାତାମାନଙ୍କ ମତ ନ ନେଇ ଦସ୍ତଖତ ଉଠାଇ ନେଇଥାନ୍ତି କାରଣରୁ ତାହା କଲେ ?

୩ୟ—ତାହା ଯଦି "ତୁହାଟ୍ଟି, ଭୁଷାଭୁଟି"ର ଫଳ ହୋଇଥାଏ, ତହିଁରେ ମ୍ୟୁନିସିପାଲିଟିର କର୍ତ୍ତୃପକ୍ଷମାନଙ୍କ ମଧ୍ୟରୁ କେହି ଲିପ୍ତ କି ନା ?

୪ର୍ଥ—ଯଦି ମିଉନିସିପାଲିଟିର କୌଣସି କର୍ତ୍ତୃପକ୍ଷ ତହିଁରେ ଲିପ୍ତ ଥାନ୍ତି, ତହିଁର କାରଣ କ'ଣ ?

୫ମ—ଯହିଁରେ ସର୍ବସାଧାରଣ ସଂସୃଷ୍ଟ ତହିଁରେ ଉକ୍ତରୂପ ଉଦବାର କାହିଁକି ପ୍ରଯୋଜନ ହେଲା ?

୬ଷ୍ଠ—ଯେତେବେଳେ କି ୨୨ ଜଣ କମିଶନର ସ୍ୱରାଜିଷ୍ଟର ନିମନ୍ତେ ଠିକ୍ ଦେଲେ ସେତେବେଳେ ମିଟିଙ୍ଗ କାହିଁକି ନହେଲା ଓ ସେପ୍ଟେମ୍ବର ମାସରେ ମିଟିଙ୍ଗ କାହିଁକି ବନ୍ଦହେଲା ?

୭ମ—ଯଦି ପୁନର୍ବିଷ୍ଟର କଥାଟା ଚପାଇବା ନିମନ୍ତେ ମିଟିଙ୍ଗ ବନ୍ଦ କରାଯାଇଥାଏ, ଏହା ଅତ୍ୟନ୍ତ ଦୂଷଣୀୟ କି ନା ?

ଏଥିର ଉତ୍ତର ପାଇଲେ ପ୍ରକାଶ କରିବାକୁ ମଧ୍ୟ ପ୍ରସ୍ତୁତ ଅଛୁଁ ।

କଟକରେ ଟେଲିଗ୍ରାମ୍ ।

କଟକ ଓଡ଼ିଶା ମଧ୍ୟରେ ସବୁଠାରୁ ବଡ଼ ସହର ଏଠାରେ ଗୋଟିଏ ଟେଲିଗ୍ରାମ ଅଫିସ ୧। ବକ୍ସିବଜାର ୨। ସ୍ୱରାଜଆଶ୍ରମ ୩। ସ୍ୱଦେଶୀବଜାର ଓ ୪। ଚାନ୍ଦନୀଚଉକ । ସହର ମଧ୍ୟରେ ଚାନ୍ଦିନୀଚଉକ ଓ ତନ୍ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଅନେକ ବ୍ୟବସାୟୀ ଓ ଅନ୍ୟାନ୍ୟ ଲୋକମାନଙ୍କର ବାସସ୍ଥାନ । ଚାନ୍ଦିନୀ ବଜାରରୁ ଟେଲିଗ୍ରାମ୍ କରିବା ପାଇଁ ଏକ ପଟରେ ବକ୍ସି ବଜାର ଓ ଏକ ପଟରେ ସ୍ୱଦେଶୀବଜାର ଯିବାକୁ ହୁଏ । ଚାନ୍ଦିନୀ ବଜାର ଡାକଘରଟି ଛୋଟି ହୋଇଗଲାଣି । ସେଠାରେ ଟେଲିଗ୍ରାମର ବନ୍ଦୋବସ୍ତ ହେଲେ ଲୋକମାନଙ୍କର ବିଶେଷ ଅସୁବିଧା ଦୂର ହେବ । ଆମ୍ଭେମାନେ ଏପ୍ରତି ଡାକବିଭାଗୀୟ କର୍ତ୍ତୃପକ୍ଷମାନଙ୍କର ଦୃଷ୍ଟି ଆହ୍ୱାନ କରୁଅଛୁଁ ।

ଉତ୍କଳ ଦୀପିକା ।

ଅକ୍ଟୋବର ତା ୧୭ ରିଖ ଶନିବାର

ସହଯୋଗ ସମିତି ।

ଓଡ଼ିଶାରେ ଅନେକ ସ୍ଥଳରେ ସହଯୋଗ ସମିତିମାନ ଗଠିତ ହେଲାଣି ଓ ଆହୁରି ମଧ୍ୟ ନୂତନ ନୂତନ ସମିତି ଗଠନର ଯଥେଷ୍ଟ ଚେଷ୍ଟା ଲାଗିଅଛି । ମଧ୍ୟ ଆଶାକରାଯାଏ କିଛି କାଳପରେ ଗ୍ରାମେଗ୍ରାମେ ସହଯୋଗ ସମିତି ହୋଇଯିବ । କିନ୍ତୁ ସହଯୋଗ ସମିତି-ଦ୍ୱାରା ଓଡ଼ିଶାର ପ୍ରକୃତ କି ଉପକାର ହେଉ-ଅଛି ତାହା ଆମ୍ଭେମାନେ ଏପର୍ଯ୍ୟନ୍ତ ଉତ୍ତମ-ରୂପେ ବୁଝିପାରୁନାହୁଁ । ଦେଖିଅଛୁ ବର୍ଷକୁ ବର୍ଷ ରେଜିଷ୍ଟ୍ରାର ଆସୁଅଛନ୍ତି, ମଧ୍ୟ ଜଣେ ଜଣେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବଢ଼ୁଅଛନ୍ତି । ସମସ୍ତେ ସମିତି ଗଠନରେ ଖୁବ୍ ଲାଗିପଡ଼ିଅଛନ୍ତି । କିନ୍ତୁ ଓଡ଼ିଶାର ଲୁପ୍ତଶିଳ୍ପ ସବୁ ପୁନର୍ଜୀବିତ କରିବାରେ ବିଶେଷ କିଛି ସଫଳତା ଦେଖିପାରୁନାହୁଁ । ମୋଟରେ ଯାହା ଦେଖାଯାଉଅଛି ସେମାନେ ଗୋଟିଏ ବଡ଼ ମହାଜନ ସମିତିହୋଇ ବେଶ୍ ମହାଜନୀର କାରବାରଟି ଲଗାଇ ଦେଇଅଛନ୍ତି । ସ୍ଥାନେ ସ୍ଥାନେ ଗୋଟିଏ ଗୋଟିଏ କ୍ଷୁଦ୍ର କ୍ଷୁଦ୍ର ମହାଜନ ରହି ଯାହା କରୁଥିଲେ କେବଳ ତାହାଙ୍କର ବ୍ୟବସାୟ ଲୋପକରି ଗୋଟିଏ ବଡ଼ ମହାଜନୀ କୋଠୀ ଖୋଲିଅଛନ୍ତି । ଗ୍ରାମର କ୍ଷୁଦ୍ର ମହାଜନଙ୍କର କାରବାରର ଅବସ୍ଥା ଖରାପ ହୋଇଗଲେ ତାହାର ମୂଳ ବଞ୍ଚେ ଲୁଚି ଯାଉଥିଲା, କିନ୍ତୁ ଏ ମହାଜନଙ୍କର ମୂଳ ବୁଡ଼ିଗଲେ ତେଣିକି ଆଉ ଡାଳ ପତ୍ର ସବୁ ଶୁଖିଯିବାର ଭୟନାହିଁ । ଏକା ଗଣ୍ଟରେ ଦଶଜଣଙ୍କର ବେଳ ବନ୍ଧା । ଜଣେ ଦୁଇଜଣ ପାଣ୍ଠିଦାରଙ୍କଠାରୁ ଅସୁଲହୋଇ ନପାରିଲେ ଅବଶିଷ୍ଟ ପାଣ୍ଠିଦାର ଅଛନ୍ତି । ଅନ୍ୟର କୌଣସି କାରଣ ନାହିଁ । ଶୁଣିଲୁ ପ୍ରାୟ ଏକବର୍ଷ ହେବ ମୁସି ଜଣେ ଡେଭଲପମେଣ୍ଟ ଅଫିସର ନିଯୁକ୍ତ ହୋଇଅଛନ୍ତି । ତାହାଙ୍କର ନାମ ମୌଲବି ଅବଦୁଲ ରହିମ୍ ସେ ମହାଶୟ ଆରବୀଭାଷାରେ ଏମ୍ ଏ । ବେତନ ବୋଧହୁଏ ୫୦୦ ଙ୍କ ୨ୟ ଶ୍ରେଣୀର ଗଜେଟେଡ଼ ପାଇବାର ହକଦାର । ସେ ମହାଶୟ କ'ଣ ଉନ୍ନତି କରୁଅଛନ୍ତି ତାହା ଆମ୍ଭେମାନେ ଏପର୍ଯ୍ୟନ୍ତ କିଛି ବୁଝି ପାରୁନାହୁଁ । ଗତ ତା ୧୧ ରିଖରେ କଟକ ଆସିବେ ବୋଲି ଶୁଣାଗଲା । ଟାଉନ୍ ହଲ୍‌ରେ ମେଜିକ୍ ଦେଖାଇ ବକ୍ତୃତାଦେବେ ବୋଲି ସ୍ଥିର ହୋଇଥିଲା । କେଣ୍ଟୁ ମ୍ୟୁନିସିପାଲିଟିରେ ନେତୃତ୍ୱାନେ ରବିବାର ସନ୍ଧ୍ୟା ୭ ଟାଠାରୁ ଟାଉନ୍‌ହଲ୍ ତାଙ୍କ ସକାଶେ ଅନ୍ୟ କାହାରିକୁ ନଦେଇ ଅଟକ କରି ରଖିଲେ । ସେହି ଦିନ ଆଣ୍ଡ୍ରୁଜ୍‌ସାହେବଙ୍କର ବକ୍ତୃତା ଥିବାରୁ ୭ ଟା ମଧ୍ୟରେ ଶେଷ ହେବାକୁ ପଡ଼ିଲା କିନ୍ତୁ ଡେଭଲପ୍‌ମେଣ୍ଟ ଅଫିସର ଯେ କୁଆଡ଼େ ଗଲେ ତାଙ୍କର କିଛି ଗନ୍ଧ ମିଳିନାହିଁ । ଡେଭଲପ୍‌ମେଣ୍ଟ ଅଫିସର ଆରବୀ ଭାଷାରେ ଏମ୍ ଏ । କୋ-ଅପରେଟିଭ ରେଜିଷ୍ଟ୍ରାର ମଧ୍ୟ ଆରବୀ ଭାଷାରେ ବିଜ୍ଞ ହୋଇଥିବେ ଓଡ଼ିଶାର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କର ମାତୃଭାଷା ବୋଧହୁଏ ଆରବୀ; ଓଡ଼ିଶାରେ ଯେତେ ସମସ୍ତ ମିଳି ଆରବୀଭାଷାର ଡେଭଲପ୍‌ମେଣ୍ଟର ଚେଷ୍ଟା କରୁଥାନ୍ତୁ ତାହା କେବେ ଅବଶ୍ୟ ଆମ୍ଭମାନଙ୍କର କଥା କହିବାର ନାହିଁ । ଆମ୍ଭେ-ମାନେ କେବଳ ଏତିକି କହୁଥାଉ ଆରବୀ ଭାଷାର ଉନ୍ନତିଦ୍ୱାରା ଓଡ଼ିଶାର କୌଣସି ଉନ୍ନତି ହୋଇପାରିବନାହିଁ । ଓଡ଼ିଶାର ଉନ୍ନତି ସକାଶେ ଓଡ଼ିଆଙ୍କର ଦୁଃଖରେ ସମଦୁଃଖୀ ଏବଂ ଓଡ଼ିଆଙ୍କ ଉନ୍ନତି ସକାଶେ ଯେ ପ୍ରାଣ ସମର୍ପଣ କରିବାକୁ ଇଚ୍ଛୁକ ସେହିପରି ବ୍ୟକ୍ତି ନହେଲେ ଓଡ଼ିଆଙ୍କର ଦୁଃଖ ବୁଝିବା ସହଜନୁହେଁ କିମ୍ବା ଆରବୀ-ଭାଷାର ଉନ୍ନତି ଦ୍ୱାରା ଓଡ଼ିଶାର କୌଣସି କାଳେ କିଛି ଉନ୍ନତି ହୋଇପାରିବ ନାହିଁ ।

କେନ୍ଦ୍ରାପଡ଼ା ଷ୍ଟିମାର ।

କେନ୍ଦ୍ରାପଡ଼ା କଟକଜିଲ୍ଲାର ଗୋଟିଏ ପ୍ରଧାନ ସବଡିଭିଜନ । ସେଠାରୁ ଯିବା ଆସିବାର ଅସୁବିଧା ବିଷୟ ଆମ୍ଭେମାନେ ଏଥିପୂର୍ବେ ପ୍ରକାଶ କରିଥିଲୁଁ । ଏଥିପୂର୍ବେ ଲାଇଟ୍ ରେଲ ହେବାର ପ୍ରସ୍ତାବ ଶୁଣାଯାଇଥିଲା । ଷ୍ଟିମାର କମ୍ପାନୀ ଦୈନିକ ଷ୍ଟିମାର ଚଳାଇ ଲୋକମାନଙ୍କର ଯିବାଆସିବାର ଯଥେଷ୍ଟ ସୁବିଧା କରିବାର କହିବାରୁ ରେଲ କଥା ସ୍ଥଗିତ ରହିଲା । ଷ୍ଟିମାର କମ୍ପାନୀଙ୍କର କାର୍ଯ୍ୟ ଯେପରି ଦେଖାଯାଉଛି ତାଙ୍କର ଜନ-ସାଧାରଣଙ୍କର ସୁବିଧା । ଅସୁବିଧାପ୍ରତି ଆଦୌ ଦୃଷ୍ଟି ନାହିଁ, ସ୍ତ୍ରୀଲୋକଙ୍କ ସକାଶ ପରଦା ଘେରା ଗୋଟିଏ କ୍ଲାସ ଖୋଲିଥିଲେହେଁ ତାହା ଅତି ଅପରିଷ୍କାର । ଏକ ସମୟରେ ଅଧିକ ସ୍ତ୍ରୀଲୋକ ଯାତ୍ରୀ ପହଞ୍ଚିଲେ ହୁଏତ ଫେରିବାକୁ ପଡ଼େ, ନହେଲେ ଗଦାଗଦି ହୋଇ ତାହାମଧ୍ୟରେ ଅତି କଷ୍ଟରେ ସମସ୍ତଙ୍କୁ ବସିବାକୁ ହୁଏ । ତାହାର ଭଡ଼ା ଅଧିକ, ସାଧାରଣ ଭଡ଼ାର ୩ ଗୁଣ । ସାଧାରଣ ଭଡ଼ାରେ ଯିବାର ସ୍ତ୍ରୀଲୋକଙ୍କ ସକାଶ କିଛି ବ୍ୟବସ୍ଥା ନାହିଁ । ଷ୍ଟିମାର କମ୍ପାନୀ ଇଚ୍ଛାମତେ ଷ୍ଟିମାରର ସମୟ ବଦଳାଇ ଦିଅନ୍ତି, ତାହା ଲୋକମାନେ ଜାଣି ପାରନ୍ତି ନାହିଁ । ଷ୍ଟିମାର ଘାଟ ଯୋବରାଠାରେ । ଯୋବରା ସହରମଧ୍ୟରୁ ବହୁତ ଦୂର । ଯେବେ ଷ୍ଟିମାର କମ୍ପାନୀଙ୍କର ସହରମଧ୍ୟରେ ଗୋଟିଏ ଅଫିସ ଥାନ୍ତା ତାହାହେଲେ ଲୋକେ ସମସ୍ତ ଖବର ସେହି ଅଫିସରୁ ବୁଝିପାରୁଥାନ୍ତେ । ମଧ୍ୟ ସେହି ଅଫିସରେ ଟିକେଟ କିଣିବାର ବ୍ୟବସ୍ଥା ଥିଲେ ସେହିଠାରୁ ଟିକେଟ ଖରିଦ କରିନେଇ ଯାଇପାରୁ-ଥାନ୍ତେ । ମାତ୍ର ସେପରି ବନ୍ଦୋବସ୍ତ ନ ଥିବାରୁ ଲୋକେ ସହରମଧ୍ୟରୁ ଯିବା ସକାଶ ପ୍ରସ୍ତୁତ ହୋଇ ଯୋବରା ପର୍ଯ୍ୟନ୍ତ ଦଉଡ଼ିଯାଇ ସେଠାରେ ଯେବେ ଶୁଣନ୍ତି ଷ୍ଟିମାର ଯିବ ନାହିଁ, ତାହାହେଲେ ସେମାନଙ୍କର କେତେଦୂର ଅସୁବିଧା ହୁଏ । ସେଉଁମାନେ ଏହିପରି ଅବସ୍ଥାରେ ପଡ଼ି-ଅଛନ୍ତି ସେମାନେ ଅନୁଭବ କରିପାରିବେ । ଗତ ପୂଜାଛୁଟିସମୟରେ ଅନେକ ଲୋକଙ୍କୁ ଏହି ଅସୁବିଧା ଭୋଗ କରିବାକୁ ପଡ଼ିଥିଲା । କେନ୍ଦ୍ରାପଡ଼ାର ଲୋକେ ମଧ୍ୟ ଏହିପରି ଅସୁବିଧା ଭୋଗ କରୁଅଛନ୍ତି । ଆମ୍ଭେମାନେ ଷ୍ଟିମାର କମ୍ପାନୀଙ୍କର କର୍ତ୍ତୃପକ୍ଷମାନଙ୍କୁ ପଚାରୁଁ ସେମାନେ କେବଳ କିଛି ଅର୍ଥ ଉପାର୍ଜ୍ଜନ ଛଡ଼ା ଜନସାଧାରଣଙ୍କର ଅସୁବିଧା ପ୍ରତି ଦୃଷ୍ଟି ଦେବେ ନାହିଁ ବୋଲି କ'ଣ ସ୍ଥିର ସିଦ୍ଧାନ୍ତ କରିଅଛନ୍ତି? ଜନସାଧାରଣଙ୍କର ସୁବିଧା ଅସୁବିଧା ସହିତ ସେମାନଙ୍କର କଣ କିଛି ଲଭିବା ନାହିଁ ? କେନ୍ଦ୍ରାପଡ଼ାକୁ କେବଳ ତାଙ୍କର ଷ୍ଟିମାର ଛଡ଼ା ଅନ୍ୟ କିଛି ସୁବିଧା ନ ଥିବାରୁ ସେମାନେ କ'ଣ ଯାହାଇଚ୍ଛା ତାହା କରିବେ ବୋଲି ମନେ-କରିଅଛନ୍ତି ? ବଡ଼ ଦୁଃଖର ବିଷୟ । ଆଶାକରୁଁ ସର୍ବସାଧାରଣ ଏହାର ପ୍ରତି-ବିଧାନର ଯତ୍ନ କରିବେ ।

ଓଡ଼ିଶାରେ ଭାରତ ବନ୍ଧୁ ଆଣ୍ଡ୍ରୁଜ

ବନ୍ୟା-ପ୍ରପୀଡ଼ିତ ଅଞ୍ଚଳକୁ ସାହାଯ୍ୟର ଚେଷ୍ଟା ।

ଶ୍ରୀଯୁକ୍ତ ଆଣ୍ଡ୍ରୁଜ୍‌ସାହେବ ଗତ ତା୯ ରିଖ ରାତ୍ରରେ ପୁରୀରୁ ଫେରିଆସି କଟକରେ ପହଞ୍ଚିଲେ । ଶନିବାର ଦିନ ଅଲକାଶ୍ରମ ଦେଖିବାକୁ ଗଲେ । ରବିବାର ଦିନ କଟକରେ କେତେକ ଭଦ୍ରବ୍ୟକ୍ତିମାନଙ୍କ ସହିତ ସାକ୍ଷାତ ଓ କଥୋପକଥନ ହେଲା । ସନ୍ଧ୍ୟା ୭ ଘଣ୍ଟା ସମୟରେ ଟାଉନହଲରେ ସାଉଥ ଆଫ୍ରିକାର ଭାରତୀୟମାନଙ୍କ ପ୍ରତି ଦୁର୍ବ୍ୟବହାର ସମ୍ବନ୍ଧେ ବକ୍ତୃତା ଦେଇ ସେହି ରବିବାର ରାତ୍ରକୁ ବାଲେଶ୍ୱର ବାହାରିଗଲେ ।

ଆଣ୍ଡ୍ରୁଜ ସାହେବଙ୍କ ପରିଚୟ

ଆଣ୍ଡ୍ରୁଜ ସାହେବଙ୍କର ପରିଚୟ ଦେବା ବିଶେଷ ଆବଶ୍ୟକ ନାହିଁ । ତାହାଙ୍କର ନାମ ପ୍ରାୟ ସମସ୍ତେ ଶୁଣିଅଛନ୍ତି । ସେ ପ୍ରଥମେ ମିଶନାରୀ ସ୍ୱରୂପ ବିଲାତରୁ ଭାରତକୁ ଆସିଥିଲେ । ତତ୍ପରେ ଲୋକସେବାରେ ଆପଣା ଜୀବନ ଅର୍ପଣକଲେ । ଯେତେବେଳେ ଯେଉଁ ଠାରେ ଲୋକମାନଙ୍କ ପ୍ରତି ଅତ୍ୟାଚାର ଉତ୍ପୀଡ଼ନ ବା ଦୈବୀ ଦୁର୍ଘଟଣା ଘଟିଅଛି ସେଠାରେ ସେ ଅବିଳମ୍ବେ ଉପସ୍ଥିତହୋଇ ଲୋକମାନଙ୍କୁ ସାହାଯ୍ୟ କରିବାରେ ପ୍ରବୃତ୍ତ ହୋଇଅଛନ୍ତି । ଜାଲିଆନାବାଗ ଅତ୍ୟାଚାର, ପଞ୍ଜାବ ଅତ୍ୟାଚାର, ଚାନ୍ଦପୁରରେ ଆସାମ କୁଲିମାନଙ୍କ ଦୁର୍ଦ୍ଦଶା, ଉତ୍ତର ବଙ୍ଗଳା ବନ୍ୟା, ଦକ୍ଷିଣ ଭାରତ ବନ୍ୟା, ମାଲାବାର ମୋପ୍ଲା ବିଦ୍ରୋହ ଇତ୍ୟାଦି ସମସ୍ତ ଦୁର୍ଘଟଣାରେ ଆଣ୍ଡ୍ରୁଜ ସାହେବଙ୍କର କାର୍ଯ୍ୟ ଉଜ୍ଜ୍ୱଳ ଭାବରେ ପ୍ରକାଶ ପାଇଅଛି । ଏସବୁ ସ୍ଥାନରେ ଆଣ୍ଡ୍ରୁଜ ସାହେବ ଉପସ୍ଥିତହୋଇ ଉତ୍ପୀଡ଼ିତ ବ୍ୟକ୍ତିମାନଙ୍କର ସାହାଯ୍ୟ ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିଅଛନ୍ତି ।

ବନ୍ୟାପ୍ରପୀଡ଼ିତ ଅଞ୍ଚଳରେ ଭ୍ରମଣ

ଆଣ୍ଡ୍ରୁଜସାହେବ ପ୍ରଥମେ ପୁରୀ ଆସି ସେଠାରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଙ୍ଗେ ପୁରୀର ବନ୍ୟାପୀଡ଼ିତ ଅଞ୍ଚଳକୁ ଯାଇ ଗ୍ରାମେ ଗ୍ରାମେ ବୁଲି ଲୋକମାନଙ୍କର ଅବସ୍ଥା ଦେଖିଆସିଲେ । ପାଣିକାଦୁଅରେ ବୁଲିବାକୁ ସେ ଟିକିଏ ହେଲେ କୁଣ୍ଠିତ ହୋଇ ନ ଥିଲେ । ତାହାଙ୍କର ବେଶଭୂଷା ଓ ଅମାୟିକ ବ୍ୟବହାର ଦେଖିଲେ ଆମ୍ଭମାନଙ୍କ ପୂର୍ବକାଳର ଯୋଗୀ ଓ ସନ୍ନ୍ୟାସୀମାନଙ୍କର କଥା ସ୍ମରଣହୁଏ । ପରିଧେୟ ମଧ୍ୟରେ ପାଞ୍ଚଅହାତ ଲମ୍ବାର ଖଣ୍ଡିଏ ଧୋତି, ଅଧିକାଂଶ ସମୟରେ ଦେହ ଖୋଲା, ହସ୍ତରେ ଖଣ୍ଡିଏ ଖଦଡ଼ ପଞ୍ଜାବୀ ପିନ୍ଧିବାର ଦେଖିଲୁଁ । ମାତ୍ର ଖାଲି ଗୋଡ଼ । ଗୃହରେ ମଧ୍ୟ ଦେଖିଲୁ ମୃଗଚର୍ମରେ ଉପବେଶନ । ତାଙ୍କର ଧୀର ନମ୍ର ଭାବ ଓ ମିଷ୍ଟଭାଷା ପ୍ରକୃତ ସମସ୍ତ ସାଧୁ ସନ୍ନ୍ୟାସିଙ୍କର ସମୁଚିତ । ସେ ବନ୍ୟାପୀଡ଼ିତ ଅଞ୍ଚଳରେ ଲୋକମାନଙ୍କର ଅବସ୍ଥା ଦେଖି ତାହାଙ୍କ ଅନ୍ତଃକରଣରେ ବିଶେଷ ଆଘାତ ଲାଗିଥିବାର ଜଣାଗଲା । ସେହି ଅଞ୍ଚଳର ଗୋରୁ ସବୁଙ୍କର ବିଶେଷ କଷ୍ଟ ହେଉଅଛି ଏବଂ ଗୋରୁସବୁ ଖାଦ୍ୟ ଅଭାବରେ ଅନେକ ନଷ୍ଟହେଲେଣି ଏବଂ ନଷ୍ଟପ୍ରାୟ ହୋଇ ରହିଅଛନ୍ତି । ସେ ସମସ୍ତ ଦେଖି ସେ ଅତ୍ୟନ୍ତ ମର୍ମାହତ ହୋଇଅଛନ୍ତି ।

ତାହାଙ୍କର ଚେଷ୍ଟା—

ସେ କଟକରେ ଅବସ୍ଥାନ କାଳରେ ଦିବା ୨ ଘଣ୍ଟା ସମୟରେ ବନ୍ୟାପ୍ରପୀଡ଼ିତ ଅଞ୍ଚଳର ଲୋକ ଏବଂ ଗୋରୁଙ୍କର ସାହାଯ୍ୟ ନିମନ୍ତେ କି ଉପାୟ ଅବଲମ୍ବନ କରିବା କର୍ତ୍ତବ୍ୟ ଏଥିସକାଶେ ସ୍ଥାନୀୟ କେତେକ ଭଦ୍ରଲୋକଙ୍କୁ ଡାକି ସେମାନଙ୍କ ସହିତ ପରାମର୍ଶ କରିଥିଲେ । ବାବୁ ବ୍ରଜସୁନ୍ଦର ଦାସ, ବାବୁ ଲୋକନାଥ ପଟ୍ଟନାୟକ, ବାବୁ ଗୋପବନ୍ଧୁ ଚୌଧୁରୀ, ବାବୁ ଶ୍ରୀଧର ମହାନ୍ତି, ବାବୁ ଲକ୍ଷ୍ମୀଧର ମହାନ୍ତି, ବାବୁ ଗୋପାଳଚନ୍ଦ୍ର ପ୍ରହରାଜ, ବାବୁ ସତ୍ୟନାରାୟଣ ସେନଗୁପ୍ତ, ବାବୁ ହରେକୃଷ୍ଣ ମିଶ୍ର, ବାବୁ ଭଗୀରଥ ମହାପାତ୍ର, ବାବୁ କୃଷ୍ଣ ମିଶ୍ର, ବାବୁ ଗିରିଧାରୀ ଜଗତ, ବାବୁ ଗୋବିନ୍ଦ ମିଶ୍ର ପ୍ରଭୃତି ଲୋକମାନେ ଉପସ୍ଥିତ ହୋଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ ଥାଇଁ ନାନାପ୍ରକାର ଆଲୋଚନାପରେ ସ୍ଥିର ହେଲା ଯେ All Orissa Relief Committee ନାମକ ଗୋଟିଏ କମିଟି ଗଠିତହେବ । ସେହି କମିଟି ଓଡ଼ିଶାର ସମସ୍ତ ବନ୍ୟାପୀଡ଼ିତ ଅଞ୍ଚଳ ସକାଶେ ଦେଶ ବିଦେଶରୁ ଚାନ୍ଦା ସଂଗ୍ରହର ଚେଷ୍ଟା କରିବେ । ତାହାଙ୍କର ନାମ ମଧ୍ୟ ତତ୍ସଙ୍ଗେ ଯୁକ୍ତରହିବ । ସେ ମଧ୍ୟ ଯାହା ଦେଖିଥିଲେ ସେ ବିଷୟମାନ ଖବର କାଗଜ ଆଦିରେ ପ୍ରକାଶ କରିବେ, ଏବଂ ବିଦେଶକୁ ବନ୍ୟାପୀଡ଼ିତ ଅଞ୍ଚଳର ସାହାଯ୍ୟ ନିମନ୍ତେ ଚାନ୍ଦାସଂଗ୍ରହର ଯଥେଷ୍ଟ ଚେଷ୍ଟା କରିବେ ।

ଗିର୍ଜ୍ଜାରେ ସଭା ।

ସେହି ଦିନ ଦିବା ୩ ଘଣ୍ଟା ସମୟରେ ଗିର୍ଜ୍ଜାକୁ ଯାଇଥିଲେ । ଗିର୍ଜ୍ଜାରେ କଟକର ପାଦ୍ରୀସାହେବ ମହେନ୍ଦ୍ର ଦାସ ଏବଂ ବହୁସଂଖ୍ୟକ ଖ୍ରୀଷ୍ଟିଆନ୍ ଅଧିବାସିମାନେ ଉପସ୍ଥିତ ହୋଇଥିଲେ । ସେମାନେ ସମସ୍ତେ ଏକମତହୋଇ ଭାରତୀୟମାନଙ୍କ ପ୍ରତି ଦକ୍ଷିଣ ଆଫ୍ରିକାରେ ଯେଉଁ ଅନ୍ୟାୟ ବ୍ୟବହାର ହେଉଅଛି ତହିଁରୁଦ୍ଧେ ପ୍ରତିବାଦ କରିଥିଲେ ।

ଟାଉନ୍‌ହଲରେ ସଭା

ସେହିଦିନ ସନ୍ଧ୍ୟା ୭ ଟା ବେଳେ ଟାଉନ୍‌ହଲରେ ଗୋଟିଏ ସଭା ହୋଇଥିଲା । ବାବୁ ବ୍ରଜସୁନ୍ଦର ଦାସ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାସ୍ଥଳରେ ଏତେ ଲୋକ ଉପସ୍ଥିତ ହୋଇଥିଲେ ଯେ ଟାଉନ୍ ହଲ ରେ ସେମାନଙ୍କ ପାଇଁ ସ୍ଥାନ ହୋଇପାରି ନ ଥିଲା । ପିଣ୍ଡାରେ ମଧ୍ୟ ବହୁସଂଖ୍ୟକ ଲୋକ ଜମା ହୋଇଥିଲେ । ସଭାପତି ମହୋଦୟ ପ୍ରଥମେ ମହାମତି ଆଣ୍ଡ୍ରୁଜ ସାହେବଙ୍କର ସଂକ୍ଷେପ ପରିଚୟ ଦେଇ-ଥିଲେ । ଦକ୍ଷିଣ ଆଫ୍ରିକାରେ ଭାରତୀୟ-ମାନଙ୍କ ପ୍ରତି ଯେଉଁ ଦୁର୍ବ୍ୟବହାର ହେଉ-ଅଛି ଏବଂ ବର୍ତ୍ତମାନ ଏସିଆଟିକ୍ ବିଲ ନାମକ ଯେଉଁ ବିଲ୍‌ଟି ପାସହେବାର ପ୍ରସ୍ତାବ ହୋଇଅଛି, ତାହାର ବିରୁଦ୍ଧରେ ପ୍ରତିବାଦ କରିବା ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କ ପ୍ରତି ଯେଉଁ ଅତ୍ୟାଚାର ହେଉଅଛି ତାହାର ପ୍ରତିବାଦମୂଳକ ଗୋଟିଏ ପ୍ରସ୍ତାବ ମହାମତି ଆଣ୍ଡ୍ରୁଜସାହେବ ଉପସ୍ଥାପିତ କରିଥିଲେ । ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କ ପ୍ରତି ଅତ୍ୟାଚାର ଏବଂ ମହାତ୍ମାଗାନ୍ଧିଙ୍କର

ସେଠାରେ ସେହି ସମୟରେ ତାର୍ଯ୍ୟ ସମ୍ବନ୍ଧେ ପ୍ରାଣିଭଣ ସ୍ୱରୂପ ଭଟନାଟି ଘଟନାର ବିଷୟ ବର୍ଣ୍ଣନା କରିଥିଲେ । ଯହିଁରୁ ସହଜରେ ବୁଝି ହେବ ଦକ୍ଷିଣ ଆଫ୍ରିକାରେ ଭାରତବାସିଙ୍କ ପ୍ରତି କି ପ୍ରକାର ଅତ୍ୟାଚାର ହେଉଥିବ । ମହାତ୍ମାଗାନ୍ଧୀଙ୍କର ଚରିତ୍ର କି ଭଳି ଦେବୋପମ ଏବଂ ଅସାଧାରଣ ସହିଷ୍ଣୁ ! ସେ କହିଥିଲେ ଯେ ମହାତ୍ମାଗାନ୍ଧୀ ପ୍ରଥମେ ଦକ୍ଷିଣ ଆଫ୍ରିକାକୁ ତାହାଙ୍କର ସ୍ୱରୂପ ଯାଉଥିଲେ । ସିକାବେଳେ ଗୋଟିଏ ସ୍ଥାନରେ ଘୋଡ଼ାଗାଡ଼ିରେ ମହାତ୍ମାଗାନ୍ଧୀ ଉପଯୁକ୍ତ ସମୟର ପୂର୍ବରୁ ଉପସ୍ଥିତ ହୋଇ ୧ମ ସ୍ଥାନ ସକଳେ ଯାହା ନର୍ଦ୍ଦିଷ୍ଟ ଭଡ଼ା ଦେଇ ଟିକେଟ ନେଇଥାଇ ସ୍ଥାନଟି ଅଧିକାର କରିଥିଲେ, ତାହାଙ୍କ ପାର୍ଶ୍ୱରେ ଆଉ ଗୋଟିଏ ସ୍ଥାନ ଖାଲିଥିଲା । ତାହାଙ୍କ ଅସିବାର କନ୍ଧୁକ୍ଷଣ ପରେ ଜଣେ ସାହେବ ଆସି ଉପସ୍ଥିତ ହେଲେ ସେ ମଧ୍ୟ ଗୋଟିଏ ୧ମ ସ୍ଥାନ ସକାଶେ ଭଡ଼ା ଦେଇ ଟିକେଟ କଣିଲେ । ମାତ୍ର ବସିବା ବେଳକୁ ଦେଖିଲେ ଯେ ସେଠାରେ ଜଣେ "କାଲୀଆଦମ୍" ଅନ୍ୟ ସ୍ଥାନ ଅଧିକାର କରିଅଛି । ମହାତ୍ମା-ଗାନ୍ଧୀଙ୍କୁ ଉଠିଯିବା କାରଣ ସେ କହିଲେ—କାରଣ 'କାଲି ଆଦମ୍' ନିକଟରେ ସେ ବସିବେନାହିଁ । ମହାତ୍ମା-ଗାନ୍ଧୀ ନ ଉଠିବାରୁ ସ୍ୱଳକକୁ ସାହେବ କହିଲେ ଯେ ସେ ସ୍ଥାନରୁ କାଲି ଆଦମୀକୁ ଉଠାଇ ଦିଅ । ସ୍ୱଳକ କହିଲା ସେ ଯେତେବେଳ ଅଧିକାର କରିଅଛନ୍ତି, ସେ ସ୍ଥାନ ଦେଇପାରିବନାହିଁ । ଶେଷରେ ସାହେବ ନିଜେ ଗାନ୍ଧୀଙ୍କ ପ୍ରଥମେ ଯାଇ ଜୋର ପୂର୍ବକ ଟାଣି ଉଠାଇ ଦେବାକୁ ଚେଷ୍ଟାକଲେ, ମାତ୍ର ମହାତ୍ମା-ଗାନ୍ଧୀ ସେତେବେ ମଧ୍ୟ ନ ଉଠି ଖୁବ୍ ଜୋରରେ ବସିଥିବା ପଟାକୁ ଧରି ଲାଗି ରହିଲେ । ସାହେବ ମହାତ୍ମାଙ୍କ ଗୋଇଠା ଲେଡ଼େ ପ୍ରହାର କଲେ । ତହିଁରେ ମଧ୍ୟ ମହାତ୍ମା କିଛି ନକହି ନିଜର ସ୍ଥାନରେ ଅତି ଜୋରରେ ଧରି ଲାଗି-ରହିଲେ । ତତ୍ପରେ ଧରିଥିବା ସ୍ଥାନରେ ତାଙ୍କ ହାତ ଉପରେ ସାହେବ ଯଥେଷ୍ଟ ପ୍ରହାର କଲେ । ତେବେ ମଧ୍ୟ ମହାତ୍ମା ହାତ ଖସାଇ ଦେଲେନାହିଁ । ସାହେବ ଇଚ୍ଛାମତେ ଗୁଡ଼ିଏ ପ୍ରହାର କରି ଶେଷକୁ ଅପେ ଖାଇ ପଛ ସିଟ୍‌ରେ ବସିଲେ । ମହାତ୍ମା-ଗାନ୍ଧୀ ଏ ସମସ୍ତ ଅତ୍ୟାଚାରରେ ମଧ୍ୟ କୌଣସି ପ୍ରତିବାଦ ନକରି ନିରବରେ ସମସ୍ତ ସହ୍ୟକଲେ । ତତ୍ପରେ ତାହାଙ୍କର ବ୍ୟବହାର ଏବଂ ନମ୍ରତା ଓ ବିନୟ ବାକ୍ୟରେ ସେହି ସାହେବ ଏତେଦୂର ଲଜ୍ଜିତ ହୋଇଥିଲେ ଯେ ଗାଡ଼ିରୁ ଓହ୍ଲାଇବା ପୂର୍ବରୁ ତାହାଙ୍କର ମହାତ୍ମା-ଗାନ୍ଧୀଙ୍କ ସହିତ ବିଶେଷ ବନ୍ଧୁତା ଜନ୍ମିଥିଲା ଏବଂ ପରେ ଦକ୍ଷିଣ ଆଫ୍ରିକାରେ ସେ ତାହାଙ୍କର ଜଣେ ଘନିଷ୍ଠ ଏବଂ ପ୍ରିୟବନ୍ଧୁ ହୋଇଥିଲେ ।

ଦ୍ୱିତୀୟ ଘଟନାଟି ଏହି ଯେ କେତେ ଯେ ଏକସ୍ଥାନରୁ ଫେରି ଅସ୍ତ୍ର ଶସ୍ତ୍ର ସହିତ ୫ ଜଣ ଲୋକ ମହାତ୍ମା-ଗାନ୍ଧୀଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ କରି ତାହାଙ୍କୁ ଏତେ-ଦୂର ପ୍ରହାର କରିଥିଲେ ଯେ ସେ ରକ୍ତାକ୍ତ ହୋଇ ଗୋଟିଏ ସ୍ଥାନରେ ପଡ଼ି ଯାଇଥିଲେ । ଯେତେବେଳେ ସେମାନେ ବିଶ୍ୱାସ କଲେ ଯେ ମହାତ୍ମା ମରିଗଲେଣି, ସେତେବେଳେ ସେମାନେ ତାହାଙ୍କୁ ଛାଡ଼ିଦେଇ ଚାଲି ଯାଇଥିଲେ । ପ୍ରକୃତରେ ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁହୋଇ ନଥିଲା । ଦୈବାତ୍ ଷଣକାଳ ପରେ ସେଠାରେ ଜଣେ ପାଦ୍ରୀ ସାହେବ କୌଣସି କାମରେ ଯାଇଁ ଯାଇଁ ମହାତ୍ମାଙ୍କୁ ଦେଖିଲେ ଯେ ସେ ଏପରି ଅବସ୍ଥାରେ ପଡ଼ିଅଛନ୍ତି, ସେ ତାହାଙ୍କ ପୂର୍ବରୁ ଚିହ୍ନିଥିଲେ । ପାଦ୍ରୀସାହେବ ମହୋଦୟ ନିଜେ ତାହାଙ୍କୁ ଉଠାଇ ନେଇ ଗାଡ଼ିରେ ବସାଇଥିଲେ । ମହାତ୍ମା-ଗାନ୍ଧୀଙ୍କର ସେ ପର୍ଯ୍ୟନ୍ତ ଚେତନା ନଷ୍ଟ ହୋଇ ନଥିଲା, କିନ୍ତୁ କ୍ଷଣକାଳ ମଧ୍ୟରେ ସେ ଅଚେତନ ହୋଇଗଲେ । ଅଚେତନ ହେବା ପୂର୍ବରୁ ସେ କେବଳ ଏତିକି ମାତ୍ର ପାଦ୍ରୀ ସାହେବଙ୍କୁ କହିଥିଲେ ଯେ ଯେଉଁମାନେ ତାହାଙ୍କୁ ପ୍ରହାର କରିଅଛନ୍ତି ସେମାନେ ବୁଝି ନପାରି ପ୍ରହାର କରିଅଛନ୍ତି । ସେମାନଙ୍କ ଉପରେ ଯେପରି କୌଣସି ପ୍ରକାର ମାଲି ମୋକଦ୍ଦମା କରୁଏ ଏତିକି ମାତ୍ର କହି ସେ ଅଚେତନ ହୋଇଥିଲେ । ପାଦ୍ରୀସାହେବ ମହୋଦୟ ତାହାଙ୍କୁ ଆପଣା ଘରକୁ ନେଇଯାଇ ତାଙ୍କର ଯଥେଷ୍ଟ ଶୁଶ୍ରୂଷା କରିଥିଲେ । ଅନେକ ଦିନ ପର୍ଯ୍ୟନ୍ତ ତାହାଙ୍କର ବଞ୍ଚିବାର ଆଶା ନଥିଲା କିନ୍ତୁ ପାଦ୍ରୀ ସାହେବଙ୍କ ପତ୍ନୀଙ୍କର ବିଶେଷ ଯତ୍ନ ଓ ଶୁଶ୍ରୂଷାରେ ସେ ଆରୋଗ୍ୟ ଲାଭ କରିଥିଲେ । ସମସ୍ତ ସମୟରେ ତାହାଙ୍କର ପ୍ରଳାପ ହେଉଥିଲା । ପ୍ରଳାପ ବାକ୍ୟରେ ତାହାଙ୍କର ସେ କେବଳ ଏହିପରି ଉଚ୍ଚାରଣ କରୁଥିଲେ ଯେ ଯେଉଁମାନେ ତାହାଙ୍କୁ ପ୍ରହାର କରିଅଛନ୍ତି ସେମାନଙ୍କୁ ଷମା ଦିଅ, ସେମାନେ ଜାଣୁନାହିଁ ଏପରି କାର୍ଯ୍ୟ କରିଅଛନ୍ତି । ସେମାନଙ୍କୁ କ୍ଷମା ଦିଆଗଲା ବୋଲି ଉତ୍ତର ଶୁଣିଲେ ତାହାଙ୍କର ଶାନ୍ତ ହେଉଥିଲା । ଅନେକଙ୍କର ଅନ୍ତଃକରଣରେ ଯେଉଁ ଭାବଥାଏ ପ୍ରଳାପ ସମୟରେ ସେହି ଭାବ ପ୍ରକାଶ ହୋଇଥାଏ । ମହାତ୍ମା-ଗାନ୍ଧୀଙ୍କର ଅନ୍ତଃକରଣରେ ଏହିପରି ଅତ୍ୟାଚାରରେ ଯେକି ଦେବୋପମ ଭାବ ଥିଲା ଏଥିରୁ ସହଜରେ ଜଣା ପଡ଼ୁଅଛି । ପରିଶେଷରେ ସେ ଆରୋଗ୍ୟ ହେବା ପରେ ସେହି ଆକ୍ରମଣକାରୀ ୫ ଜଣ ତାହାଙ୍କର ବିଶେଷ ଅନୁରକ୍ତ ହୋଇଥିଲେ ।

୩ୟ ଘଟନାଟି ଏହି ଯେ ଦକ୍ଷିଣ ଆଫ୍ରିକାର ଭାରତୀୟ ମାନଙ୍କ ପ୍ରତି ବିଶେଷ ଅତ୍ୟାଚାର ହେଉଥିବାରୁ ନାନା ଚେଷ୍ଟା ଓ ଆନ୍ଦୋଳନ ପରେ କର୍ତ୍ତୃପକ୍ଷମାନଙ୍କ ସହିତ ମହାତ୍ମା ଗାନ୍ଧୀ ଗୋଟିଏ ମୀମାଂସା କରାଇବାକୁ ସକ୍ଷମ ହୋଇଥିଲେ । ସେହି ମୀମାଂସା କରାଇବା ସମୟକୁ ମହାତ୍ମା ଗାନ୍ଧୀଙ୍କର ପତ୍ନୀ ଜେଲରେ ଥିଲେ । ଜେଲରୁ ଅତ୍ୟନ୍ତ ସାଙ୍ଘାତିକ ପୀଡ଼ିତ ହୋଇ ଜେଲମୁକ୍ତ ହୋଇଥିଲେ । ଜେଲ ମୁକ୍ତ ହେବା ପର ମଧ୍ୟ ତାହାଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିଲା । ଆସନ୍ନ ମୃତ୍ୟୁ ଅବସ୍ଥା ଦେଖି ଶେଷ ସମୟରେ ମହାତ୍ମା-ଗାନ୍ଧୀଙ୍କୁ ଦେଖିବାକୁ ଇଚ୍ଛା କରିଥିଲେ । ମହାତ୍ମା-ଗାନ୍ଧୀ ସେ ସମୟକୁ ବହୁଦୂରରେ । ଟେଲିଗ୍ରାମ ପଠାଗଲା ଯେ ତାହାଙ୍କ ପତ୍ନୀ ମୃତ୍ୟୁଶଯ୍ୟାରେ । ଶେଷ ସମୟରେ—ସେ ମହାତ୍ମାଙ୍କ ଦର୍ଶନ କାମନା କରୁଅଛନ୍ତି । ଆଣ୍ଡ୍ରୁଜ ସାହେବ ସେତେବେଳେ ମହାତ୍ମା-ଗାନ୍ଧୀଙ୍କ ସହିତ ଅବସ୍ଥାନ କରୁଥିଲେ । ଟେଲିଗ୍ରାମଟି ଦେଖାଇ ମହାତ୍ମାଙ୍କୁ ଅନୁରୋଧ କରି କହିଥିଲେ ଯେ ମୀମାଂସା ହୋଇ ଯାଇ ଅଛି । ମୀମାଂସା ପତ୍ର ମଧ୍ୟ ଲେଖାପଡ଼ି ହୋଇଅଛି । କେବଳ କର୍ତ୍ତୃପକ୍ଷଙ୍କ ସ୍ୱାକ୍ଷର ବାକି ଅଛି । ତାହାଙ୍କ ପତ୍ନୀଙ୍କର ଅବସ୍ଥା ଏପରି ଶୋଚନୀୟ, ସେ ଅବସ୍ଥାରେ ମହାତ୍ମା ଗାନ୍ଧୀଙ୍କର ସ୍ୱୟଂଯାଇ ତାହାଙ୍କୁ ଦର୍ଶନ ଦେବା ଉଚିତ । ଅବଶିଷ୍ଟ ଯାହା କାର୍ଯ୍ୟ ମଧ୍ୟ ଅଛି ତାହା ଆଣ୍ଡ୍ରୁଜସାହେବ ସାଧନ କରିପାରିବେ । ସେତେବେଳେ ସ୍ୱର୍ଗି । ମହାତ୍ମା ଗାନ୍ଧୀ କିଛିକ୍ଷଣ ଚିନ୍ତା କରି ଉତ୍ତର ଦେଲେ ଯେ ମୀମାଂସା ଶେଷ ନ କରି କଦାପି ଯିବେ ନାହିଁ । ଆଣ୍ଡ୍ରୁଜସାହେବ ତତ୍ପରେ ଅତ୍ୟନ୍ତ ଅସ୍ଥିର ହୋଇ କନ୍ଦ୍ରାଙ୍କ ଅବସ୍ଥାରେ କଟାଇ ପରଦିନ ପ୍ରାତଃକାଳରେ ମୀମାଂସା ପତ୍ର ଏବଂ ଟେଲିଗ୍ରାମଟି ହସ୍ତରେ ଘେନିଯାଇ କର୍ତ୍ତୃପକ୍ଷଙ୍କଠାରୁ ଦସ୍ତଖତ କରାଇ ଆଣିଲେ । ତତ୍ପରେ ଖବର ମିଳିଥିଲା ମହାତ୍ମା ଗାନ୍ଧୀଙ୍କ ପତ୍ନୀଙ୍କର ଅବସ୍ଥା ଭଲ ଅଛି । ତତ୍ପରେ ସେମାନେ ଯାଇ ଦେଖିଥିଲେ ମହାତ୍ମାଙ୍କ ପତ୍ନୀ କ୍ରମେ ଆରୋଗ୍ୟ ହେଉଅଛନ୍ତି । ଈଶ୍ୱରଙ୍କ କୃପାରୁ ସେ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରିଥିଲେ । ବର୍ତ୍ତମାନ-ପର୍ଯ୍ୟନ୍ତ ତାହାଙ୍କର ସହଧର୍ମିଣୀ ସହକର୍ମୀ ସ୍ୱରୂପ ଜନସେବାରେ କାଳଯାପନ କରୁଅଛନ୍ତି ।

ଏହି ସମସ୍ତ ଘଟନା ଶୁଣିଲେ କିଏ କହିବ ଯେ ମହାତ୍ମା ଗାନ୍ଧୀ ସାମାନ୍ୟ ମନୁଷ୍ୟ ଏବଂ ଦକ୍ଷିଣ ଆଫ୍ରିକାରେ ତାହାଙ୍କ ପ୍ରତି ଯେଉଁ ଅତ୍ୟାଚାର ହୋଇଅଛି ତହିଁରୁ ଅନ୍ୟ ସାଧାରଣଙ୍କ ପ୍ରତି କ'ଣ ହେଉଥିବ ତାହା ସହଜରେ ଅନୁମେୟ ।

ସାହେବଙ୍କ ବକ୍ତୃତା ପରେ ପଣ୍ଡିତ ଗୋପବନ୍ଧୁ ଦାଶ ଓଡ଼ିଆରେ ଆଣ୍ଡ୍ରୁଜ ସାହେବଙ୍କ ବକ୍ତୃତାର ସାର ମର୍ମ ସଭାରେ ବୁଝାଇ ଦେଇଥିଲେ । ତତ୍ପରେ କଟକ ଗୋରକ୍ଷିଣୀ ସଭାର ସମ୍ପାଦକ ବାବୁ ଭିକାରୀଚରଣ ପଟ୍ଟନାୟକ ସଭାପତି ଏବଂ ଆଣ୍ଡ୍ରୁଜସାହେବଙ୍କୁ ଧନ୍ୟବାଦଦେଇ ଆଣ୍ଡ୍ରୁଜ ସାହେବ ଭ୍ରମଣ କରି ଦେଖିଆସିଥିବା ବନ୍ୟା ପୀଡ଼ିତଅଞ୍ଚଳର ଗୋରୁମାନଙ୍କର ଖାଦ୍ୟ ନିମନ୍ତେ ଗୋରକ୍ଷିଣୀ ସଭା ତରଫରୁ ଟ ୧୦୦୧ ଙ୍କା ଦାନ କରିବାକୁ ପ୍ରକାଶ କରିଥିଲେ ।

ଆଣ୍ଡ୍ରୁଜସାହେବ ଏଠାରୁ ବିଦାୟହୋଇ ରବିବାରରେ ବାଲେଶ୍ୱର ଯାତ୍ରା କରିଥିଲେ ।

ଆଣ୍ଡ୍ରୁଜସାହେବ ଜଳପ୍ଲାବିତ ପରି-ଦର୍ଶନ କରି ତତ୍ସମ୍ବନ୍ଧରେ ଯେଉଁ ମତ ପ୍ରକାଶ କରିଅଛନ୍ତି ତାହା ଏବଂ ବନ୍ୟାପୀଡ଼ିତ ଅଞ୍ଚଳର ଭ୍ରମଣକାହାଣୀ କ୍ରମେ ପ୍ରକାଶ କରିବୁଁ ।

ବିହାରଓଡ଼ିଶା ଗେଜେଟ ।

ସମ୍ବଲପୁରର ଡେପୁଟି ମାଜିଷ୍ଟ୍ରେଟ ଓ କଲେକ୍ଟର ବାବୁ ଲୋକନାଥ ପଟ୍ଟନାୟକ ମା ୧୧୫ ବଳର ଛୁଟି ୬୧୧୨୪ ତାରିଖ ଠାରୁ ପାଇଲେ ।

ବାଲେଶ୍ୱରର ସବ୍‌ଡେପୁଟି କଲେକ୍ଟର ବାବୁ ବଂଶୀଧର ମହାନ୍ତି ଯାଜପୁରକୁ ବଦଳିହେଉଛନ୍ତି ।

ଡେପୁଟି କଲେକ୍ଟର ମିଃ ଗଙ୍ଗାଚରଣ ପତ୍ର ଅନୁଗୋଳ ଟ୍ରେଜେରୀର ଚାର୍ଜ ଗ୍ରହଣ-କଲେ ।

ସ୍ଥାନୀୟ ସମ୍ବାଦ ।

ଚଳିତ ଅକ୍ଟୋବର ମାସ ତା ୨୫ ରଖ ରବିବାର ଗୋପାଷ୍ଟମୀ ପଡ଼ୁଅଛି । ସେହି-ଦିନ କଟକ ବୁଢ଼ୀଲଙ୍ଗଳ ନିକଟସ୍ଥ ଗୋ-ଶାଳାଠାରେ ଗୋ-ପୂଜା ଏବଂ ମେଳା ଲାଗିବାର କଥା । ଏ ବର୍ଷ ମଧ୍ୟ ସେହିଠାରେ ଉକ୍ତ ମେଳା ଓ ଯାତ୍ରା ଆଦି ହେବାର ଆୟୋଜନ ଲାଗିଅଛି ।

ଭୟାନକ ଶିଶୁ ।

ବଙ୍ଗଳାରେ ଗୋଟିଏ ନାରୀ ତାହାର ଶିଶୁ ପୁତ୍ରକୁ ସ୍ନାନ କରାଇବା ବେଳେ ଶିଶୁ ତାହାର ଅଙ୍ଗୁଳି ଦଂଶନକଲା । ଏହାପରେ ଶିଶୁର ମାତା ଅସୁସ୍ଥ ହୋଇ ଡାକ୍ତରଖାନାକୁ ପଠାଗଲା । ଚିକିତ୍ସକମାନେ କହନ୍ତି ତାହାର ରକ୍ତ ବିଷାକ୍ତ ହୋଇଯାଇଅଛି ଏବଂ ଶିଶୁ ଦଂଶନହିଁ ଏହାର ପ୍ରଧାନ କାରଣ । ମାତା ଡାକ୍ତରଖାନାରେ ପ୍ରାଣତ୍ୟାଗ କରିଅଛି ।

ଶୁଭ ସମ୍ବାଦ ।

ମଧୁପୁରର ରାଜମାତା ଓ ଧର୍ମଦୋଟର ମୁବର୍ଣ୍ଣଙ୍କର ଗତ କାର୍ତ୍ତିକ ତା ୭ ନ ବୁଧବାର ଗୋଟିଏ ଶୁଭକୁମାର ଜନ୍ମଲାଭ କରିଅଛନ୍ତି । ଏଥିପାଇଁ ମଧୁପୁରର ସ୍ଥାନେ ସ୍ଥାନେ ମଙ୍ଗଳ ଉତ୍ସବ ଲାଗି-ରହିଅଛି । ରାଜା-ସାହେବ ମଧ୍ୟ ନବଜାତ ପୁତ୍ରଙ୍କର ଦୀର୍ଘାୟୁ କାମନାରେ କୁମାରଜନ୍ମ ଦିବସଠାରୁ ଦଶ ଦିନ ପର୍ଯ୍ୟନ୍ତ ଦରିଦ୍ର ଅସହାୟ ଲୋକମାନଙ୍କୁ ପ୍ରଚୁର ପରିମାଣରେ ଅନ୍ନ ଓ ବସ୍ତ୍ର ପ୍ରଭୃତି ଦାନକରୁ ଅଛନ୍ତି । ଗାଙ୍ଗପୁରର ରାଜରାଣୀ ଓ ନରସିଂହପୁରର ରାଜମାତା ଏହି ଉତ୍ସବରେ ଯୋଗଦାନ କରିଅଛନ୍ତି । ଆମ୍ଭେମାନେ ମଧ୍ୟ ନବପ୍ରସୂତ ରାଜକୁମାରଙ୍କର ଦୀର୍ଘାୟୁ କାମନା କରୁଅଛୁଁ, ଏବଂ ଭଗବାନଙ୍କୁ ପ୍ରାର୍ଥନାକରୁ ଶିଶୁ ରାଜକୁମାର ସମ୍ପୂର୍ଣ୍ଣ ସମ୍ପନ୍ନ ହୋଇ ଧର୍ମକୋଟ ତଥା ଉତ୍କଳର ମୁଖଶ୍ରୀ ଉଜ୍ଜ୍ୱଳ କରନ୍ତୁ ।

ଚକ୍ରଧରପୁର ହାଇସ୍କୁଲ ଲାଗି ଦାନ ।

କୌନ୍ଦର ଉପାଧିମାନ ରାଜା ଶ୍ରୀ ନାରାୟଣ-ଚନ୍ଦ୍ର ଦେବ ଚକ୍ରଧରପୁର ହାଇସ୍କୁଲ ଲାଗି ୫୦ଙ୍କା [ପଞ୍ଚାଶ ଟଙ୍କା] ଦାନ କରିଥିବା ଅତ୍ୟନ୍ତ ସନ୍ତୋଷର ବିଷୟ । ବର୍ତ୍ତମାନରେ ସ୍କୁଲର ସ୍ୱଚ୍ଛଳ ଅବସ୍ଥା ହେଲେ ଆହୁରି ଦେଶ୍ର ସାହାଯ୍ୟ ଦେବେ ବୋଲି ଅଙ୍ଗୀକାର କରିଅଛନ୍ତି ।

ମକ୍ତବ ।

ବାଲେଶ୍ୱରର ମିର୍ଜା ଅବଦୁଲ ବେଗ୍ "ମକ୍ତବ" ଶୀର୍ଷକ ଗୋଟିଏ ପତ୍ର ପ୍ରେରଣ ପଠାଇଅଛନ୍ତି । ପ୍ରବନ୍ଧଟି ସମୁଦାୟ ପ୍ରକାଶ କରିବା ଅସମ୍ଭବ, ଏଣୁ ତାହାର ସାରମର୍ମ ପ୍ରକାଶ କଲୁଁ—ମକ୍ତବର ଶିକ୍ଷକ ୩ମାସରେ ଥରେ ବେତନ ପାନ୍ତି । ବହୁ ହେବା-ପୂର୍ବରୁ ଶିକ୍ଷକମାନଙ୍କୁ ମକ୍ତବର ପାଟୋଲଭ ବିଷୟରେ ଗୋଟିଏ ଷ୍ଟେଟମେଣ୍ଟ ସବ୍ ଇନ୍‌ସ୍ପେକ୍ଟରଙ୍କ ନିକଟକୁ ପଠାଇବାକୁ ପଡ଼ୁଥିଲା । ସେତେବେଳେ ୩ ମାସର ବେତନ ପାଇବାକୁ ଶିକ୍ଷକମାନଙ୍କୁ ଆଉ ଦୁଇମାସ ଅପେକ୍ଷା କରିବାକୁ ପଡ଼ୁଥିଲା । ୧୯୨୪ ଠାରୁ ସେ ନିୟମ ବଦଳି ଯାଇଅଛି ଏବଂ ଏଣିକି ଷ୍ଟେଟମେଣ୍ଟ ଉକ୍ତ ଇନ୍‌ସ୍ପେକ୍ଟିଂ ମୌଲଭି ନିକଟ ପଠାଇବାକୁ ପଡ଼ୁଅଛି । ଏହି ନିୟମ ପ୍ରଚଳିତ ହେବାବେଳେ ଶିକ୍ଷକମାନେ ଭାବିଥିଲେ ସେମାନେ ଯଥା ସମୟରେ ଦରମା ପାଇପାରିବେ, କିନ୍ତୁ ଏଯାବତ୍ ସେପରି କିଛି ହେଲାନାହିଁ । ମକ୍ତବମାନଙ୍କର ଦରିଦ୍ର ଶିକ୍ଷକମାନଙ୍କୁ ଏଥିପାଇଁ ଅନେକ ଅସୁବିଧା ଭୋଗ କରିବାକୁ ପଡ଼ୁଅଛି । ଆଶାକରୁଁ ଉପଯୁକ୍ତ କର୍ତ୍ତୃପକ୍ଷ ଏହାର ସୁବ୍ୟବସ୍ଥା କରିବେ ।

ତେଣ୍ଡ୍ରାକୋଡ଼ା ସ୍କୁଲ ।

ତେଣ୍ଡ୍ରାକୋଡ଼ାରେ ଡାକ୍ତରଖାନା କମ୍ପାଉଣ୍ଡ ହୁକୁମ . ସିଦ୍ଧାନ୍ତ ହେବା ସତ୍ତ୍ୱେ ସ୍କୁଲଘର ଓ ସମସ୍ତ ଉପକରଣ ଆଦି ଅଗ୍ନିଦ୍ୱାରା ଭସ୍ମୀଭୂତ ହେଲା । ମାତ୍ର ଗ୍ରାମବାସୀମାନେ ଗୋଟିଏ ଘର ଭଡ଼ାଦେଇ ସ୍କୁଲଟି ଚଳାଉଅଛନ୍ତି ଆଉ ନୂଆ ଘର ତିଆରି ଓ ମାସ ଗ୍ରାଣ୍ଟ କରିବାକୁ ନ ଦେବାରୁ ସ୍କୁଲ ଇନସପେକ୍ଟର ଗତ ମାର୍ଚ୍ଚିମାସଠାରୁ ଗ୍ରାଣ୍ଟ ବନ୍ଦ ରଖିଅଛନ୍ତି ଓ ସ୍କୁଲ Application

Split by PDF Splitter

Digitized by srujanika@gmail.com

Split by PDF Splitter

ଉଠାଇନେବାକୁ ଲେଖିଅଛନ୍ତି । ଗ୍ରାମବାସିମାନେ ଗରିବଥିବାରୁ ଅଭାବପୂରଣ କରିପାରୁନାହାନ୍ତି । ଏହି ଅଭାବପୂରଣ ନିମନ୍ତେ ଟ ୫୦୦ଙ୍କାର ଦରକାର District Board କିମ୍ବା Govt. ଉକ୍ତ ସ୍କୁଲକୁ କେବେ କୌଣସି ସାହାଯ୍ୟ ଦେଇନାହାନ୍ତି । ଏ ସମୟରେ ଏହି ସାହାଯ୍ୟ ଦିଅନ୍ତୁ, ତେବେ ଗୁରୁ ଉପକାର ହୁଅନ୍ତା । ଉକ୍ତ ସ୍କୁଲଟି ରକ୍ଷାକରିବା କାରଣ ଉକ୍ତ ସ୍କୁଲରୁ ଉତ୍ତୀର୍ଣ୍ଣ ଛାତ୍ରବୃନ୍ଦ ଓ ସର୍ବସାଧାରଣଙ୍କୁ ଅନୁରୋଧ ଯେ ସେମାନେ ଏ ସମୟରେ ଯଥାସାଧ୍ୟ ସାହାଯ୍ୟ ଦାନକରି ସ୍କୁଲଟିକୁ ରକ୍ଷାକରନ୍ତୁ ।

ଶୋକ ସମ୍ବାଦ ।

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଜଳାନ୍ତି ସ୍କୁଲର ହେଡ୍‌ମାଷ୍ଟର ସୁପରିଣ୍ଟେଣ୍ଡେଣ୍ଟ ଏ ଜିଲ୍ଲାର କମାଗଡ଼ ନିବାସୀ ବାବୁ ହରେକୃଷ୍ଣ ଦାସଙ୍କର ଉଦରପାକନାରେ ଗତ ଭାଦ୍ରମାସ ତା ୮ ଦିନରେ ହଠାତ୍ ମୃତ୍ୟୁ ହେଲା । ସେ ଦକ୍ଷତାବଳରେ ସେ ଉନ୍ନତି ଲାଭ କରିଥିଲେ ଏବଂ ସଚ୍ଚରିତ୍ର ଓ ଅମାୟିକ ସ୍ୱଭାବ ହେତୁ ସର୍ବତ୍ର ସମ୍ମାନ ଓ ଆଦର ପାଉଥିଲେ ।

ଗତ ଭାଦ୍ରମାସ ତା ୬ ରିଖ ମଙ୍ଗଳବାର ଦିନ ସ ୧୨ ଟିକା ସମୟରେ ଲୁଣାଙ୍ଗ କିଲ୍ଲାର ଜଣେ ମୁଖ୍ୟ ବ୍ୟକ୍ତି ବାଲିହୁମପୁର ନିବାସୀ ଶ୍ରୀଯୁକ୍ତ ବନମାଳୀ ପଟ୍ଟନାୟକ ସପ୍ତଷଷ୍ଟିବର୍ଷ ବୟସରେ ପରଲୋକ ଗମନ କରି ନିଜର ପରିବାର ସହିତ ଲୁଣାଙ୍ଗର ଧନୀ ଦରିଦ୍ର, ଶିକ୍ଷିତ ଅଶିକ୍ଷିତ ସବୁଶ୍ରେଣୀର ଲୋକଙ୍କୁ ଶୋକାକୁଳ କରିଯାଇଅଛନ୍ତି । ତାଙ୍କର ଚରିତ୍ର ଓ ମନ ଯେପରି ଉନ୍ନତ, ରୂପ ମଧ୍ୟ ସେହିପରି ସୁମାର୍ଜିତ । ଧର୍ମଭୀରୁ ଥିଲେ ତାହାଙ୍କ ମର୍ଯ୍ୟାଦା ରକ୍ଷାରେ ତାଙ୍କର ଯେପରି ଆଗ୍ରହ, ସାଧାରଣ ହିତକର କାର୍ଯ୍ୟସାଧନରେ ସେପରି ଉତ୍ସାହ । ନାନାଘଟଣାରେ, ନାନାକାର୍ଯ୍ୟରେ ଜାତାଜାତିରେ ମଧ୍ୟ ସେହିପରି ଲୋକଙ୍କଠାରୁ ସେ ସ୍ନେହ, ଭକ୍ତି ଆଉ ସମ୍ମାନ ଓ ପ୍ରଶଂସା ସବୁ ପାଇଥିଲେ । ମୋଟ ପକ୍ଷରେ ସିଂହାର ସାମାନ୍ୟ ଅଭିସମାନ ପାଇ ସୁଦ୍ଧା ପଟ୍ଟନାୟକେ ଅତି ସାମାନ୍ୟ ପଲ୍ଲୀ ଜୀବନରେ ଯେ ଉଚ୍ଚ ଆଦର୍ଶ ଦେଖାଇଗଲେ, ଯେପରି ଉଦାର ସହୃଦୟ ଭାବ ଦେଖାଇଗଲେ, ତା ତୁଳନାରେ ଯେ ଯେତେ ଉପଯୁକ୍ତ ଉଚ୍ଚଶିକ୍ଷା ପାଇଥାନ୍ତେ ତେବେ ବନମାଳୀବାବୁ ଆଜ ଦେଶରେ ଜଣେ ପ୍ରଧାନ ନେତା ବା ସ୍ୱଦେଶୀ ବୋଲି ବିଖ୍ୟାତହୋଇ ସହରର ଚର୍ମର ପତ୍ରା ଚିହ୍ନାଇପାରିଥାନ୍ତେ । ଆଜ ଭଗବାନଙ୍କଠାରେ ଏତିକି ପ୍ରାର୍ଥନା ଯେ ଜନ୍ମଭୂମି ଉନ୍ନତି କଳ୍ପେ ତାଙ୍କ ମନରେ ଯେ ବ୍ୟାକୁଳଭାବ ଆଉ ଜନ୍ମସ୍ଥାନର ଜନ୍ମତା ଯୋଗେ ତାଙ୍କର ଯେ ଅଶାନ୍ତିକ ରହିଛି, ପ୍ରଭୁ ଅନ୍ତରେ ଲୁଣାଙ୍ଗର ସର୍ବାଙ୍ଗୀନ ଉନ୍ନତି ବିଧାନକରି ତାଙ୍କ ପବିତ୍ର ଆତ୍ମାରୁ ସେ ଅଶାନ୍ତ ଅଶୁଭତା ଦୂର କରନ୍ତୁ । ଲୁଣାଙ୍ଗବାସୀ ତାଙ୍କର ମହତ୍ ଆଦର୍ଶ ଦେଖି ଧନ୍ୟ ହୁଅନ୍ତୁ ।

ପଟ୍ଟନାୟକଙ୍କ ଚରିତ ବା କାର୍ଯ୍ୟକଳାପ ବର୍ଣ୍ଣନା କରିବାପାଇଁ ଏଠାରେ ସ୍ଥାନାଭାବ, ତେବେ ମୂଳରେ ଏତିକି ମାତ୍ର ଜଣାଇ ଦିଆଯାଇ ପାରେ ଯେ ବିଦ୍ୟାଳୟଟି ପ୍ରତିଷ୍ଠିତ ହେଉ, ସ୍ଥାଦାବାସିନି ଏ ପ୍ରସ୍ତାବ ହେଉ, ସମବାୟ ସମିତିଟିଏ ଅନୁଷ୍ଠିତ ହେଉ ବା ଏହିପରି ସାହାଯ୍ୟ ଗୋଟିଏ ପ୍ରତିଷ୍ଠାନର ଅନୁଷ୍ଠାନ କଳ୍ପନା ହେଉ । ପଟ୍ଟନାୟକେ ସେ ସବୁର ମୂଳରେ ଥାଇ ସେସବୁଙ୍କର ମଙ୍ଗଳ ସାଧନ କରୁଥାନ୍ତି । ବଡ଼ଠାରୁ ଛୋଟ ପର୍ଯ୍ୟନ୍ତ କଳହ ବିବାଦରେ ଲୋକେ ମଧ୍ୟ ସବୁଠାରେ ପଟ୍ଟନାୟକଙ୍କ ମଧ୍ୟସ୍ଥତା ଲୋଡ଼ୁଥାନ୍ତି । ତାଙ୍କ କଥାରେ ସବୁଶ୍ରେଣୀର ଲୋକଙ୍କର ଆନ୍ତରିକ ବିଶ୍ୱାସ । ଆମ୍ଭେମାନେ ତାଙ୍କର ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରୁଅଛୁଁ ।

ଅସୁରେଶ୍ୱରର ସମ୍ବାଦ ।

ଏଥିମଧ୍ୟରେ କେତେଦିନ ବଡ଼ି ଖରା ହେବାରୁ ଧାନ ଫସଲ ମରିଯିବ ବୋଲି ଏ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଚହଳ ପଡ଼ି ଯାଇଥିଲା, ମାତ୍ର ଆଜକୁ ୨ ୩ ଦିନ ହେଲା ଘୋର ବୃଷ୍ଟି ହୋଇ ସ୍ଥାନେ ଜଳମଗ୍ନ ହୋଇ ଯାଇଅଛି, ପରନ୍ତୁ ସେଥିର ଫଳରେ ରବି ଫସଲ ନଷ୍ଟ ହୋଇଯାଇଅଛି ।

ଡିଷ୍ଟ୍ରିକ୍ଟବୋର୍ଡ଼ ଅଧୀନ ବଙ୍ଗଳା ସରମାନ ପ୍ରତିବର୍ଷ ଏପ୍ରିଲ୍ ମେ ମାସରେ ଛପରବନ୍ଦୀ ହୁଏ । ଏ ବର୍ଷ ଶୁକ୍ରପଡ଼ା, ବଙ୍ଗଳା ଛପରବନ୍ଦୀ ହୋଇ ନ ଥିବାରୁ, ବଙ୍ଗଳାଗୁଡ଼ା ମଧ୍ୟସ୍ଥ ବାଟେ ସରିଟି ଭାଙ୍ଗିଗଲାଣି । ପୁନଶ୍ଚ ଟଙ୍କା ଖର୍ଚ୍ଚ ହୋଇ ସର ଛପର ହେବ; ସର ଛାଉଣି ସକାଶେ କ'ଣ ବୋର୍ଡ଼ରେ ଟଙ୍କା ନ ଥିଲା! ସେ ଏବେ ଦ୍ୱିଗୁଣ ଖର୍ଚ୍ଚ ହେବ ।

ଦେଶବିଦେଶର ଖବର ।

ଜୋୟାଖାଇର ପୋଷ୍ଟାଲ୍ ଇନସ୍ପେକ୍ଟର ତାଙ୍କର ପିତାଙ୍କ ନିକଟକୁ ଟ ୧୫୦ ଙ୍କାର ନୋଟ୍ ଇନସିଓରକରି ପଠାଇଥିଲେ । ତାଙ୍କର ପିତା ଇନସିଓର ଲଫାପା ଖୋଲି ଦେଖନ୍ତି ଯେ ତାହା ମଧ୍ୟରେ କେବଳ କେତେ ଖଣ୍ଡ ପୋଷ୍ଟେଲ୍ ଫର୍ମଅଛି, କିନ୍ତୁ ଲଫାଫା ଉପରେ ସିଲ୍‌ମୋହର ଠିକ୍‌ଥିଲା । ତଦନ୍ତ ଚାଲିଛି ।

* * *

ଜଣେ ଇଟାଲିୟ ଯୁବକ ଓ ଜଣେ କାଜୋସ୍ଲୋଭ୍ୟାକ୍ ଯୁବକ ୧୯୨୦ ସାଲରୁ ଇଟାଲୀଠାରୁ ସାଇକେଲରେ ପୃଥିବୀ ଭ୍ରମଣ କରିବାକୁ ବାହାରିଅଛନ୍ତି । ସେମାନେ ବର୍ତ୍ତମାନ କଲିକତାରୁ ପେଇ ରେଙ୍ଗୁନକୁ ଗଲେଣି । ସେମାନେ ୧୯୨୭ ସାଲରେ ପୃଥିବୀ ଭ୍ରମଣ ଶେଷ କରିବେ ବୋଲି ଆଶା କରନ୍ତି ।

* * *

ବେଲଜିୟମ୍‌ର ରାଜା ଓ ରାଣୀ ହିନ୍ଦୁସ୍ଥାନ ଭ୍ରମଣ କରିବାକୁ ଯିବେ । ସେମାନେ ଆଗାମୀ ତା ୨୨ ଦିନ କଲମ୍ବୋରେ ପହଞ୍ଚିବେ ।

* * *

ହିନ୍ଦୁ, ମୁସଲ୍‌ମାନ ସମସ୍ୟାର ସମାଧାନ କରିବା ନିମନ୍ତେ ଗତବର୍ଷ ଦିଲ୍ଲୀଠାରେ ଯେପରି ଗୋଟିଏ ମିଳନ ବୈଠକ ବସିଥିଲା ଏବର୍ଷ ମଧ୍ୟ ସେହିପରି ଗୋଟିଏ ବୈଠକ କରିବାକୁ ପଣ୍ଡିତ ମୋତିଲାଲ୍‌ନେହେରୁ ଆୟୋଜନ କରୁଅଛନ୍ତି । ଏହି ସଭାରେ ଦେଶର ବର୍ତ୍ତମାନ ଅବସ୍ଥା ସମ୍ବନ୍ଧେ ଆଲୋଚନା ହେବ ।

ପତ୍ରପ୍ରେରକଙ୍କ ପ୍ରତି ।

ଦ୍ୱାରିକାନାଥ ସାହୁ, ବାଲେଶ୍ୱର—ଆପଣଙ୍କ ପତ୍ରଟି ଅତ୍ୟନ୍ତ ବିଳମ୍ବରେ ପହଞ୍ଚିଥିବାରୁ ସ୍ଥାନାଭାବରୁ ପ୍ରକାଶ କରିପାରିଲୁ ନାହିଁ ।

ଦର୍ପଣର ପତ୍ରପ୍ରେରକମାନଙ୍କୁ ଅମ୍ଭେମାନେ ଜଣାଇ ଦେଉଅଛୁଁ ଯେ ପତ୍ର ଦୁଇଖଣ୍ଡି ଯାକ ପାଇଅଛୁଁ । ପ୍ରକୃତ ତଥ୍ୟ ଜାଣିବାକୁ ତଦନ୍ତ କରୁଅଛୁ । ତଦନ୍ତପରେ ଯାହା କର୍ତ୍ତବ୍ୟ ତାହା କରିବୁଁ ।

ପ୍ରେରିତ ପତ୍ରର ମତାମତ ନିମନ୍ତେ ଲେଖକମାନେ ଦାୟୀ ।

ମହାଶୟ !

ଗତ ତାଃ ୯।୨୫ ତାରିଖର ସମାଜ ପତ୍ରିକାରେ "ବନ୍ୟା ସମ୍ବାଦ" ଶୀର୍ଷକ ଲୁଣାଙ୍ଗ କିଲ୍ଲାର ଏକ ସମ୍ବାଦ ପ୍ରକାଶିତ ହୋଇଥିବାର ଦେଖି ଦୁଃଖର ସହିତ ଅନୁରୋଧ କରୁଅଛି ଯେ ଆପଣ ଅନୁଗ୍ରହକରି ନିମ୍ନଲିଖିତ ପତ୍ର ଖଣ୍ଡି ଆପଣଙ୍କ ପତ୍ରିକାରେ ପ୍ରକାଶିତକରି ସମସ୍ତ ଭ୍ରମସଂଶୋଧନ କରାଇ ଦେବେ । ଯେହେତୁ ସେଥିରୁ ସ୍ପଷ୍ଟ ଜଣାପଡ଼ୁଛି ଯେ ସମାଜ ସମ୍ପାଦକ ଉକ୍ତ ସମ୍ବାଦ ଗୁଡ଼ିକ କୌଣସି ଚକ୍ଷୁଦର୍ଶୀ ଲୋକଠାରୁ ପାଇଥିଲାପରି ଅନୁମାନ ହେଉନାହିଁ । କାରଣ ମୁଁ ଲୁଣାଙ୍ଗ ସମବାୟ ଋଣ ସମିତିର ଅର୍ଗାନାଇଜର ରୂପେ ପ୍ରାୟ ଅବେଡ଼ି ବୁଲିବୁଲି ସବୁ ଦେଖୁଛି । ଆଉ ଏଠାରେ ଅନ୍ୟାନ୍ୟ ଅନେକ କାର୍ଯ୍ୟରେ ଯୋଗଦେଇ ଏ ସ୍ଥାନର ଭିତର ସବୁକଥା ଭଲକରି ଜାଣିଛି । ମୁଁ ମଧ୍ୟ ଲୁଣାଙ୍ଗର ଏକଜଣ ବାସିନ୍ଦା, ଲୁଣାଙ୍ଗବାସିଙ୍କ ନିକଟରେ ବିଶେଷରୂପେ ପରିଚିତ । ନଇବଢ଼ିର ଦୈବୀ କଥା, ମନୁଷ୍ୟର ଆୟତ୍ତାଧୀନ ନୁହେଁ । ସମ୍ପାଦକ ଯେଉଁପରି ଜଳ ଯୋଗୁଁ ବଢ଼ି ପ୍ରବଳ ହେବା କଥା ଯାହା ଅନୁମାନ କରିଅଛନ୍ତି ତା କେତେକ ଠିକ ହୋଇଥାଏ ସେ ଗଭର୍ଣ୍ଣମେଣ୍ଟଙ୍କ ହାତର କଥା । ସେଥିରେ ଷ୍ଟେଟର କର୍ତ୍ତୃତ୍ୱ ଚଳୁନାହିଁ । ଅସ୍ମାକ ବଢ଼ିରେ ସବୁ ଭାଙ୍ଗିଯାଇ ଫସଲ ନଷ୍ଟହୋଇଛି । ଗୋରୁଗାଈ ଆଉ ଲୋକେ କଷ୍ଟ ପାଇଛନ୍ତି ଏ କଷ୍ଟରୁ ପ୍ରଜାଙ୍କୁ ରକ୍ଷାକରିବା ପାଇଁ ମନୁଷ୍ୟର ଯାହା ସାଧ୍ୟ ଷ୍ଟେଟପକ୍ଷରୁ ଯଥାସମ୍ଭବ ସେ ସବୁ ଚେଷ୍ଟା କରାହୋଇଅଛି ଓ ହେଉଅଛି ।

୧ । ବନ୍ୟାପୀଡ଼ିତ ପ୍ରଜାଙ୍କ ଷ୍ଟେଟରୁ ଏ ପର୍ଯ୍ୟନ୍ତ ଟ ୪୧୩୬୧ ତଗାବି ଦିଆଯାଇ ସରିଲାଣି, କିନ୍ତୁ ସମ୍ପାଦକଙ୍କ କପରି ଲେଖିଲେ ଯେ ରାଜାଙ୍କଠାରୁ ଲୋକେ ତଗାବିପାଇଁ ପ୍ରାର୍ଥନାକରି ପାଉନାହାନ୍ତି ବୋଲି ? ବିଶେଷତଃ ଅଧିକାଂଶ ସଙ୍କଟ ସ୍ଥଳରେ ସମସ୍ତ ନୁହେଁ କେବଳ ଯେଉଁ ଗରିବ ପ୍ରଜାମାନେ ସୁଧଦେବାକୁ ଅକ୍ଷମ ଓ ଅନ୍ୟ କୌଣସି ଠାରୁ ସାହାଯ୍ୟ ବା ଧାର ପାଇବା କଷ୍ଟକର ବୋଲି ବିବେଚିତ ହୁଏ ସେମାନଙ୍କୁ ତଗାବି ଦିଆହୋଇଥାଏ ଓ ହେଉଅଛି । ମୁଁ ଏହି ପ୍ରସଙ୍ଗରେ ପଚାରି ପାରେଁ ? ଅନ୍ୟାନ୍ୟ ନିକଟବର୍ତ୍ତୀ ଷ୍ଟେଟମାନଙ୍କରେ ସରକାର ବାହାଦୁରଙ୍କ ତରଫରୁ କେତେ ତଗାବି ଦିଆଯାଇଅଛି ।

୨ । ସମବାୟ ସମିତିରୁ ମଧ୍ୟ ଏହି ଅଞ୍ଚଳ ଲୋକଙ୍କୁ ତା ୧।୭।୨୫ ଠାରୁ ୧୯।୯।୨୫ ମଧ୍ୟରେ ଟ ୧୬,୬୪୭ ଋଣ ଦିଆଯାଇ ସରିଛି । ଆଉ ମଧ୍ୟ ଆବଶ୍ୟକମତେ ତଗାବି ଟଙ୍କା ସମିତିରୁ ଋଣ ଦିଆଯିବାର ପ୍ରସ୍ତାବ ହୋଇଅଛି ।

୩ । କୋ-ଅପରେଟିଭ ସୋସାଇଟିରୁ ଟଙ୍କା କରଜ ନେବାପାଇଁ ଷ୍ଟେଟ କର୍ମଚାରୀ କେହ କୌଣସିଠାରେ ପ୍ରଜାଙ୍କୁ ପରାମର୍ଶ ଦେବାର ଜଣାଯାଉନାହିଁ । ପ୍ରଜାମାନେ ଭଲକରି ଜାଣନ୍ତି ଯେ ଅଭାବ ଓ ଅବଶ୍ୟକ ପଡ଼ିଲେ ସୋସାଇଟିରୁ ଟଙ୍କା କରଜ ଦିଆଯାଇପାରେ । ସୁତରାଂ ନିଜର ଅଭାବ ବୁଝି ପୂର୍ବପରି ବର୍ତ୍ତମାନ ପ୍ରଥା ଆବଶ୍ୟକ ମତେ ଋଣ ନେଉଅଛନ୍ତି ।

୪ । "ମାତ୍ର ଉକ୍ତ ଅବସ୍ଥା ଯେପରି ସେଥିରେ କିନ୍ତୁ ମୁଣ୍ଡାକଟ ଅନ୍ୟବର୍ଷ ପ୍ରଜାମାନେ ଟଙ୍କ ଦେବାକୁ ଅସମର୍ଥ ହେବେ ଜାଣି ଅନେକେ କୋ-ଅପରେଟିଭ ସୋସାଇଟିକୁ ଟଙ୍କା ନେବାକୁ ନାରାଜ" ବୋଲି ଯାହା ସମ୍ପାଦକ ଲେଖିଅଛନ୍ତି ସେ କଥା ମଧ୍ୟ ଆଦୌ ଠିକ ନୁହେଁ । କାହିଁକି ନା ପ୍ରଜାଙ୍କୁ ଆଗରୁ ଜଣାଇ ଦିଆଯାଇଅଛି ଯେ ବନ୍ୟାପୀଡ଼ିତ ଲୋକଙ୍କ ପକ୍ଷରେ କିସ୍ତି ବନ୍ଦର ନିୟମ ସେପରି କିଛି ଧରାବନ୍ଧା ନୁହେଁ । ଆଉ ମଧ୍ୟ ଖୋଇ ଏକାବେଳକେ ଅନାବାଦୀ ହେଲେ ଆଦାୟ କିସ୍ତି ସୁଦ୍ଧା ଦିଆଯାଇପାରେ ।

୫ । ଯେଉଁମାନେ ଟଙ୍କା ନେବାପାଇଁ ପ୍ରାର୍ଥୀ ହେଉଅଛନ୍ତି ସେମାନଙ୍କୁ ଯେ ଯଥା ସମୟରେ ଟଙ୍କା ନ ମିଳୁଛି ତା ନୁହେଁ, କେବଳ ଅବସ୍ଥା ଦୃଷ୍ଟିରେ କାହାରିକୁ ଏକାବେଳକେ ସମ୍ପୂର୍ଣ୍ଣ ଟଙ୍କା ଦିଆଯାଉନାହିଁ । ତାର କାରଣ ଗରିବ ଲୋକେ ଅଭାବ ଅନାଟନ ସମୟରେ ବେଶି ଟଙ୍କା ପାଇଲେ ନିଶ୍ଚୟ ଅସାବଧାନ ଭାବରେ ଭବିଷ୍ୟତକୁ ନ ଭାବି ଖର୍ଚ୍ଚକରି ପକାଇବେ । କେବଳ ଲୋକଙ୍କୁ ଟଙ୍କା କରଜ ଦେଇ ସୁଧ ଆଦାୟ କରିବା କୋ-ଅପରେଟିଭ ସୋସାଇଟିର ଉଦ୍ଦେଶ୍ୟ ନୁହେଁ । ପ୍ରଜା ଟଙ୍କା ନେଇ ଯେପରି କୌଣସି ପ୍ରକାର ଅନାବଶ୍ୟକ କାର୍ଯ୍ୟରେ ସେ ଟଙ୍କା ବ୍ୟୟ କରି ନ ଦିଏ, କିନ୍ତୁ କଷ୍ଟେ ମୃଷ୍ଟେ ନିଜର ହାତାନ୍ତ ଅଭାବ ମୋଚନକରି ରକ୍ଷିତ ହୋଇପାରେ ସେ କଥାରେ ଦୃଷ୍ଟିଦେବା ସମିତିର ଅବଶ୍ୟ କର୍ତ୍ତବ୍ୟ ।

୬ । ଆଉ ମଧ୍ୟ ଆସନ୍ତା ଶୀତକାଳରେ କେତେକୁ ଉଠିଆ କରିବା ପାଇଁ ପ୍ରଜାଙ୍କୁ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ଷ୍ଟେଟ ତରଫରୁ ଆଉ କୋ-ଅପରେଟିଭ ବ୍ୟାଙ୍କ ତରଫରୁ ଲୁଣିଆଁସାଗର ଡିରେକ୍ଟରଙ୍କ କାରଥାରେ ଓ କଲିକତା ଆଉ ନିମ୍ନଲିଖିତ ମତେ ଶୀତକାଳ ଫସଲର ମଞ୍ଜି ଅଣାହେବାର ବନ୍ଦୋବସ୍ତ ହୋଇଅଛି ।

ଚଣା	ମ ୩୦୦ ହଣ
ଧନିଆ	ମ ୧୦୦ ହଣ
ରାଶି	ମ ୫୦ ହଣ
ଗହମ	ମ ୧୦୦ ହଣ
ଯଅ	ମ ୫୦୦ ହଣ
ଡଲା	ମ ୭୫ ହଣ

୭ । ଏଥିପୂର୍ବରୁ ବନ୍ୟାପୀଡ଼ିତ ପ୍ରଜାଙ୍କ ଷ୍ଟେଟ ଧାନଗୋଲାରୁ ୧୭୦ ଭରଣ ଧାନ ସେ ୧୫ ର ଭାଉବେଳେ ଟଙ୍କାକୁ ସେ ୨୦ ର ହିସାବରେ ଜୁଲାଇ ପର୍ଯ୍ୟନ୍ତ ବାକୀ କରାହୋଇଅଛି । ଷ୍ଟେଟର କର୍ମଚାରୀମାନଙ୍କ ସହିତ ନିଜେ ବର୍ତ୍ତମାନ ମହାରାଜା ମଧ୍ୟ ବନ୍ୟାପୀଡ଼ିତ ପ୍ରଜାଙ୍କର ଦୁର୍ଦ୍ଦଶାର ପ୍ରତିକାର ପାଇଁ ଏତେ ବ୍ୟତିବ୍ୟସ୍ତହୋଇପଡ଼ିଛନ୍ତି ଯେ କେବଳ ଏହି ବିଷୟ ନେଇ ଖବର ଅନ୍ତର ବୁଝି ଏଥିମଧ୍ୟରେ ଟ ୨୦୦ ପର୍ଯ୍ୟନ୍ତ ଟେଲିଗ୍ରାଫ ବାବଦରେ ଷ୍ଟେଟ ତହବିଲରୁ ଖର୍ଚ୍ଚହୋଇ ସରିଲାଣି । ଏପରିସ୍ଥଳେ ଏଭଳି ଦୁର୍ନାମ ରଟନାକର ସମ୍ବାଦ ପ୍ରକାଶକରିବା ଦ୍ୱାରା ପ୍ରଜାଙ୍କର ଏକାନ୍ତ ହିତୈଷୀ ସହାଶୟ ମହାରାଜା ଓ ତାହାଙ୍କର କର୍ମଚାରୀଙ୍କ ପ୍ରାଣରେ କିପରି ଆଘାତ ଲାଗୁଥିବ ତାହା ସହଜରେ ବୁଝିପାରୁଥିବେ । ଆଶାକରେଁ ଏଣିକି ଯେପରି ଏ ସବୁ ସମ୍ବାଦ ପ୍ରକାଶ କରିବା ପୂର୍ବରୁ ସମ୍ପାଦକ ମହାଶୟ ସେସବୁଙ୍କର ପ୍ରକୃତ ତଥ୍ୟ ବୁଝିବାକୁ ଚେଷ୍ଟା କରୁଥିବେ ।

ଆପଣଙ୍କର

ଶ୍ରୀ ପ୍ରହ୍ଲାଦଚନ୍ଦ୍ର, ପଟ୍ଟନାୟକ ।

Digitized by srujanika@gmail.com

Split by PDF Splitter

ଟାଇପ !   ଟାଇପ ! !   ଟାଇପ ! ! !

ଉତ୍କଳର ଏକମାତ୍ର ଲବ୍ଧପ୍ରତିଷ୍ଠ ସୁଦର୍ଶନ ଟାଇପ ଫାଉଣ୍ଡ୍ରି ର ଯାବତୀୟ ସରଞ୍ଜାମ ଆମ୍ଭେମାନେ କଯୁକରଅଛୁଁ ସୁନ୍ଦର ଟାଇପ (ଇଂଲିଶବଡ଼, ସ୍ମଲପାଇକା, ଲଙ୍ଗ, ପ୍ରିମିଅର ପାଇକା, ଡବଲପାଇକା) ଓ ପ୍ରେସର ସମସ୍ତ ଉପକରଣ ସୁଲଭ ମୂଲ୍ୟରେ ଅତ୍ୟଳ୍ପ ସମୟମଧ୍ୟରେ ଯୋଗାଇପାରୁଁ ।

ଚକ୍ଷେତ ସନ୍ଦେହ ଅନାବଶ୍ୟକ ।

ଶୀଘ୍ର ଅର୍ଡର ପଠାନ୍ତୁ ।

ମ୍ୟାନେଜର୍

କଟକ ପ୍ରିଣ୍ଟିଂକମ୍ପାନୀ

ଚଉଧୁରିବଜାର କଟକ ।

No. 23 WANTED 24 10 25

An experienced and English knowing Supervisor on Rs. 30/- per month for the temple of Raghunath Jeu at Oragaon in Nayagurh State. None need apply who has no experience in managing temple affairs, accounts works and supervising the works of Pandas and cooks.

Applications with copies of testimonials stating age qualifications and caste should reach the undersigned on or before the 10th October. 1925.

Superintendent
Nayagurh State.

No. 26 WANTED 24 10 25

Two Forest Surveyors for the Athmallik State on Rs 30/- p. m. for six months.

Applications with testimonials, to be received by the undersigned till 1st. November 1925.

Preference will be given to those who have experience in Forest Surveying work.

Superintendent
Athmallik State.
20-9-1925

୨୯ ଭ   ୨୨।୧୦।୨୫

ବିଜ୍ଞାପନ

